


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୪ ଡିସେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 14 DECEMBER 2021
Vol.No. 32 ■ No. 319 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019




ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କାଶୀ-ବିଶ୍ୱନାଥ ଧାମ କରିଡରକୁ ଉଦ୍‌ଘାଟନ କଲେ ମୋଦି



ନୂଆଦିଲ୍ଲୀ,୧୩/୧୨: ନିର୍ବାଚନ ପୂର୍ବରୁ ଉତରପ୍ରଦେଶ ଜନତାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପହାର ବର୍ଷା । ସୋମବାର ବାରାଣାସୀରେ ପହଁଚି କାଶୀ ବିଶ୍ୱନାଥ କରିଡର ଉଦଘାଟନ କରିଛନ୍ତି ମୋଦୀ । ଦେଶ-ବିଦେଶର ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ଏହି ପ୍ରକଳ୍ପ ଭେଟି ଦେଇଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ଏହି ପ୍ରକଳ୍ପର ଉଦ୍ଘାଟନ ପାଇଁ ବାରାଣାସୀରେ ଏକ ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ ଯୋଗୀ ସରକାର । ଦୁଇ ଦିନିଆ ବାରଣାସୀ ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ସୋମବାର ବାରାଣାସୀରେ ପହଂଚି, ପ୍ରଧାନମନ୍ତ୍ରୀ ମୋଦୀ କାଶି ବିଶ୍ୱନାଥ ଧାମ୍ କରିଡର ଉଦଘାଟନ କରିଛନ୍ତି । ୩୩୯ କୋଟି ଟଙ୍କାର ବ୍ୟୟରେ ପ୍ରସ୍ତୁତ ହୋଇଥିବା ଏହି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି ମୋଦୀ । ବହୁ ଦିନର ପ୍ରତିକ୍ଷିତ କାଶୀ ବିଶ୍ୱନାଥ କରିଡର ଲୋକାର୍ପଣ କରିଛନ୍ତି ପ୍ରଧାନମନ୍ତ୍ରୀ । ଉଦଘାଟନୀ ଉତ୍ସବ ପାଇଁ ପୂରା କାଶୀକୁ ବୋହୂ ବେଶରେ ସଜାଯାଇଛି । ଏହାସହ ଦୃଷ୍ଟି ଆର୍କଷଣ କରୁଛନ୍ତି ମନ୍ଦିର ସାଜସଜା । ସାଢେ ୫ଲକ୍ଷ ବର୍ଗ ଫୁଟରେ ନିର୍ମିତ କାଶୀ ବିଶ୍ୱନାଥ ଧାମ କରିଡର । ଏଥିରେ ରହିଛି ୨୩ଟି କୋଠା ଓ ୨୭ ମନ୍ଦିର । ବହୁ ପ୍ରତିକ୍ଷିତ କାଶୀ ବିଶ୍ୱନାଥ କରିଡର ଉଦଘାଟନ କରିବା ପରେ ପ୍ରଧାନମନ୍ତ୍ରୀ ସମ୍ବୋଧନ କରି ଶ୍ରଦ୍ଧାଳୁଙ୍କୁ କାଶୀଧାମର ଇତିହାସ, ପୌରାଣିକ ଗାଥା ବଖାଣିଛନ୍ତି । ପ୍ରଧାନମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି କାଶିରେ ସରକାର ହେଉଛନ୍ତି ଭଗବାନ ବାବା ବିଶ୍ୱନାଥ । ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଏବଂ ପ୍ରକଳ୍ପର ଉଦ୍ଘାଟନ ପାଇଁ ଉତ୍ସବ ମୁଖର ହୋଇ ଉଠିଛି ବାରଣାସି ସହର । ପ୍ରଧାନମନ୍ତ୍ରୀ ବାରାଣାସୀରେ ନରେନ୍ଦ୍ର ମୋଦୀ ଗଙ୍ଗା ନଦୀରେ ବୁଡ ପକାଇ ବାବା କାଳ ଭୈରବଙ୍କ ପୂଜାର୍ଚ୍ଚନା କରିଛନ୍ତି । ପରେ କାଳ ବୈରବଙ୍କ ଆଳତୀ ମଧ କରିଥିଲେ ପ୍ରଧାନମନ୍ତ୍ରୀ । କାଶି ବିଶ୍ୱନାଥ ଧାମ କରିଡରର ଭବ୍ୟତାର ଦର୍ଶନ କରିବାପାଇଁ ଅନେକ ଅତିଥି ବାରାଣାସୀ ଆସିଛନ୍ତି । କାର୍ଯ୍ୟକ୍ରମରେ ପ୍ରାୟ ୨ଶହରୁ ଅଧିକ ସାଧୁ,ସନ୍ଥ, ଅତିଥିଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଏଇ ଏବସରରେ ପ୍ରଧାନମନ୍ତ୍ରୀ ମୋଦୀ ବାବା ବିଶ୍ୱନାଥ ଧାମ ନିର୍ମାଣ କରିଥିବା ଶ୍ରମିକଙ୍କ ଉପରେ ପୁଷ୍ପ ବର୍ଷା କରିଛନ୍ତି । ସେହିପରି ଶ୍ରମିକମାନଙ୍କ ଶହ ମିଶି ଏକାଠି ଭୋଜନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ତାଙ୍କ ସହ ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ ଶ୍ରମିକଙ୍କ ସହ ଭୋଜନ କରିଛନ୍ତି । ପ୍ରକଳ୍ପ ଉଦ୍ଘାଟନ ସହ ପ୍ରଧାନମନ୍ତ୍ରୀ ମୋଦୀ କ୍ରୁଜ୍ ଜରିଆରେ ଗଙ୍ଗା ଯାତ୍ରା କରିଛନ୍ତି । ଖିଡକିଆ ଘାଟରୁ ଲଳିତା ଘାଟକୁ ସ୍ୱତନ୍ତ୍ର କ୍ରୁଜ୍ ଯୋଗେ ଯାତ୍ରା କରିଛନ୍ତି ପ୍ରଧାନମନ୍ତ୍ରୀ । ଘାଟର ଦୁଇ ପାର୍ଶ୍ୱରେ ଥିବା ମନୋଲୋଭା ଦୃଶ୍ୟର ଭରପୂରା ମଜା ଉଠାଇଥିଲେ ପ୍ରଧାନମନ୍ତ୍ରୀ ।

## ବ୍ରିଟେନରେ ଓମିକ୍ରନ ନେଲା ପ୍ରଥମ ଜୀବନ



ନୂଆଦିଲ୍ଲୀ,୧୩/୧୨: କରୋନାର ନୂଆ ଭାରିଏଂଟ ଓମିକ୍ରନକୁ ନେଇ ଚିନ୍ତା ବଢୁଥିବା ବେଳେ, ଏହି ଚିନ୍ତା ଆହୁରି ବଢ଼ାଇ ଦେବା ଭଳି ଖବର ସାମ୍ନାକୁ ଆସିଛି । ବ୍ରିଟେନରେ ଓମିକ୍ରନରେ ଆକ୍ରାନ୍ତ ହେବା ପରେ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଥିବା କହିଛନ୍ତି ବ୍ରଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ୍ । ଲଣ୍ଡନର ଏକ ଟିକାକରଣ କେନ୍ଦ୍ରରେ ଏହି ସୂଚନା ଦେବା ସହ ପ୍ରଧାନମନ୍ତ୍ରୀ କହିଛନ୍ତି, ଓମିକ୍ରନ ସେତେ ସଂକ୍ରାମକ ନୁହେଁ ବୋଲି ଭାବିବା ଠିକ୍ ନୁହେଁ । ଭାରତରେ ରବିବାର ୫ଜଣ ଓମିକ୍ରନ ସଂକ୍ରମିତ ଚିହ୍ନଟ ହେବା ପରେ ଏହି ସଂଖ୍ୟା ୩୮ରେ ପହଂଚିଛି । କେରଳ, ଆନ୍ଧ୍ରପ୍ରଦେଶ ଓ ଚଣ୍ଡିଗଡରୁ ଏହି ନୂଆ ସଂକ୍ରମଣ ଦେଖାଦେଇଥିଲା । ପୂର୍ବରୁ ମହାରାଷ୍ଟ୍ର, କର୍ଣ୍ଣାଟକ, ଗୁଜୁରାଟ, ରାଜସ୍ଥାନ ଓ ଦିଲ୍ଲୀରୁ ଓମିକ୍ରନ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପ୍ରଥମ ଓମିକ୍ରନ ମୃତ୍ୟୁ ଘଟିଥିବା ବିଟ୍ରେନରେ ହଠାତ୍ ସାଙ୍ଘାତିକ ଭାବରେ ସଂକ୍ରମଣ ବଢିବାରେ ଲାଗିଛି । ବ୍ରିଟେନ ସରକାର ବିଶ୍ୱାସ କରୁଛନ୍ତି, ତାଙ୍କ ଦେଶରେ ମୋଟ ସଂକ୍ରମିତଙ୍କ ମଧ୍ୟରୁ ୪୦ ପ୍ରତିଶତ ଓମିକ୍ରନରେ ସଂକ୍ରମିତ ହୋଇଛନ୍ତି । ତେଣୁ ବୁଷ୍ଟର ଡୋଜ୍ ନେବା ଆବଶ୍ୟକ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

## ସୁପରସୋନିକ ମିସାଇଲ ଟରପିଡୋର ସଫଳ ପରୀକ୍ଷଣ



ନୂଆଦିଲ୍ଲୀ,୧୩/୧୨: ଭାରତୀୟ ନୌସେନାରେ ସାମିଲ ହୋଇଛି ଆଉ ଏକ ମହାଶକ୍ତି । ଭାରତ ଅଜି ଦୀର୍ଘ ଦୂରଗାମୀ ସୁପରସୋନିକ୍ କ୍ଷେପଣାସ୍ତ୍ର ସହାୟକ ଟର୍ପେଡୋ (ସୁପରସୋନିକ୍ କ୍ଷେପଣାସ୍ତ୍ର ସହାୟକ ଟର୍ପେଡୋ)ର ସଫଳ ପରୀକ୍ଷଣ କରିଛି । ଏହି କ୍ଷେପଣାସ୍ତ୍ର ଓଡିଶାର ବାଲେଶ୍ୱର ଉପକୂଳ ଉତକ୍ଷେପଣ କେନ୍ଦ୍ରରୁ ପରୀକ୍ଷା କରାଯାଇଛି । ଏନେଇ ସୂଚନା ଦେଇଛି ପ୍ରତିରକ୍ଷା ଗବେଷଣା ବିକାଶ ସଂଗଠନ ଡିଆରଡିଓ । ଭାରତୀୟ ନୌସେନାର ବୁଡ଼ାଜାହାଜ ଯୁଦ୍ଧକୁ ମଜବୁତ କରିବା ପାଇଁ ଏହି କ୍ଷେପଣାସ୍ତ୍ରର ପରିକଳ୍ପନା ଏବଂ ବିକଶିତ କରାଯାଇଛି । ପାରମ୍ପାରିକ ଟର୍ପେଡୋ ଅପେକ୍ଷା ଏହି କ୍ଷେପଣାସ୍ତ୍ର ଅଧିକ ଶକ୍ତିଶାଳୀ । ବୁଡ଼ାଜାହାଜର ଯୁଦ୍ଧ ଅପରେସନ୍ ସମୟରେ ଏହି ମିଶାଇଲ ବେଶ ସହାୟକ ହେବ । ଟର୍ପେଡୋ ସିଗାର ଆକୃତିର ଏକ ସ୍ୱୟଂଚାଳିତ ଅସ୍ତ୍ର ଯାହା ବୁଡ଼ାଜାହାଜରୁ ଉତକ୍ଷେପଣ କରାଯାଏ । ଟର୍ପେଡୋ ସମୁଦ୍ରର ଗଭୀରତାରେ ବିସ୍ଫୋରଣ କରି ଶତ୍ରୁକୁ ଟାର୍ଗେଟ କରିପାରେ । ଭାରତର ପ୍ରଥମ ସ୍ୱଦେଶୀ ଟର୍ପେଡୋ ଥିଲା ବରୁଣାସ୍ତ୍ରା ଯାହା ଏକ ଆଣ୍ଟି-ବୁଡ଼ାଜାହାଜ ଇଲେକ୍ଟ୍ରିକ୍ ଟର୍ପେଡୋ ଭାବରେ ଉତକ୍ଷେପଣ କରାଯାଇଥିଲା । ହାଇଦ୍ରାବାଦର ଉଭୟ ▶▶ପୃଷ୍ଠା ୭

## ଜୱାଦରେ ୧୩୧ ବ୍ଲକ୍‌ର ୫.୭୮ ଲକ୍ଷ ହେକ୍ଟର ଚାଷ ଜମି ପ୍ରଭାବିତ



ଭୁବନେଶ୍ୱର, ୧୩/୧୨ (ନି.ପ୍ର): ବାତ୍ୟା 'ଜୱାଦ' ପ୍ରଭାବରେ ବର୍ଷା ଯୋଗୁଁ ରାଜ୍ୟର ୫.୭୮ ଲକ୍ଷ ହେକ୍ଟର ଚାଷ ଜମି ପ୍ରଭାବିତ ହୋଇଛି । ପ୍ରାଥମିକ କ୍ଷୟକ୍ଷତି ରିପୋର୍ଟ ଅନୁଯାୟୀ ବାତ୍ୟା ଜନିତ ବର୍ଷା ଯୋଗୁଁ ରାଜ୍ୟର ୧୨ ଜିଲ୍ଲାର ୧୩୧ ବ୍ଲକର ଚାଷ ଜମି ପ୍ରଭାବିତ ହୋଇଛି । ପ୍ରଭାବିତ ଜିଲ୍ଲା ଗୁଡ଼ିକ ହେଲା ଗଂଜାମ, ଖୋର୍ଦ୍ଧା, ପୁରୀ, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ମୟୂରଭଂଜ ଓ ନୟାଗଡ଼ । କେନ୍ଦ୍ରୀୟ ଆନ୍ତଃ-ମନ୍ତ୍ରଣାଳୟ ଟିମ୍ ଗତ ଦୁଇଦିନ ଧରି ଜୱାଦ୍ ବାତ୍ୟା ଓ ବର୍ଷା ପ୍ରଭାବିତ ବିଭିନ୍ନ ଅଂଚଳ ପରିଦର୍ଶନ କରିଥିଲେ । ସୋମବାର ସଂଧ୍ୟାରେ ଏହି ଟିମ୍ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନ ପ୍ରଦୀପ କୁମାର ଜେନାଙ୍କ ସହ ଲୋକସେବା ଭବନ ସଭାଗୃହରେ କ୍ଷୟକ୍ଷତି ବିଷୟ ଆଲୋଚନା କରିଥିଲେ । ଆଲୋଚନା ପରେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଥିଲେ ଯେ ଭାରତୀୟ ପାଣିପାଗ ବିଭାଗଙ୍କ ପୂର୍ବାନୁମାନ ଅନୁସାରେ କୃଷକମାନଙ୍କୁ ପାଚିଲା ଶସ୍ୟ ଓ ଉଦ୍ୟାନଜାତ ଦ୍ରବ୍ୟ କ୍ଷେତରୁ ଆଣି ନିରାପଦ ସ୍ଥାନରେ ରଖିବାକୁ ପରାମର୍ଶ ଦିଆଯାଇଥିଲା । କୃଷକମାନେ ମଧ ବହୁ ଚେଷ୍ଟା କରିଥିଲେ ।ଏତେ କମ୍ ସମୟ ମଧ୍ୟରେ ସମସ୍ତ ଧାନ, ପନିପରିବା ଓ ଅନ୍ୟାନ୍ୟ ଖରିଫ୍ ଫସଲ ଅମଳ କରି ନିରାପଦ ସ୍ଥାନକୁ ଆଣିବା ସମ୍ଭବ ହୋଇନଥିଲା । ବର୍ତ୍ତମାନ କ୍ଷେତ୍ରସ୍ତରୀୟ କ୍ଷୟକ୍ଷତି ଆକଳନ କରାଯାଇଛି ବୋଲି କୃଷି ଓ କୃଷକ ସଶକ୍ତିକରଣ ▶▶ପୃଷ୍ଠା ୭

## ଆନ୍ଧ୍ରରେ ଓମିକ୍ରନ ଚିହ୍ନଟ ନେଇ ରାଜ୍ୟବାସୀ ଆତଙ୍କିତ ନହୁଅନ୍ତୁ : ଡିଏମଇଟି

ଭୁବନେଶ୍ୱର, ୧୩/୧୨ (ନି.ପ୍ର): ଓଡିଶାର ପଡ଼ୋଶୀ ରାଜ୍ୟ ଆନ୍ଧ୍ରରେ ଓମିକ୍ରନ ବାହାରିବା ନେଇ ଆମ ପାଖରେ ଖବର ଅଛି । କିନ୍ତୁ ଏଥିପାଇଁ ରାଜ୍ୟବାସୀଙ୍କୁ ଭୟଭୀତ କିମ୍ବା ଆତଙ୍କିତ ନହୁଅନ୍ତୁ । ଯେଉଁମାନେ ବିଦେଶରୁ ଆସୁଛନ୍ତି ସେମାନଙ୍କର ବିମାନ ବନ୍ଦରରେ ଟେଷ୍ଟିଂ କରାଯାଉଛି । ଏପର୍ଯ୍ୟନ୍ତ ଆମ ଓଡ଼ିଶାରେ କୌଣସି ଓମିକ୍ରନ ସଂକ୍ରମିତ ଚିହ୍ନଟ ହୋଇନହାନ୍ତି ବୋଲି ଡିଏମଇଟି ରମାରମଣ ମହାନ୍ତି କହିଛନ୍ତି । ଅପରପକ୍ଷରେ ସ୍କୁଲଗୁଡ଼ିକରେ ସଂକ୍ରମିତ ଚିହ୍ନଟ ହେବା ପରେ ଗାଇଡଲାଇନକୁ କଡାକଡି ଭାବେ ପାଳନ କରିବାକୁ ସମସ୍ତ ଜିଲ୍ଲାକୁ ନିର୍ଦ୍ଦେଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ । ପୂର୍ବ ଅପେକ୍ଷା ରାଜ୍ୟର ସ୍କୁଲଗୁଡ଼ିକରେ ସଂକ୍ରମଣ ଧୀରେ ଧୀରେ କମୁଛି । ସେମିତି ଚିନ୍ତାଜନକ ସ୍ଥିତି ନାହିଁ ବୋଲି ଡିଏମଇଟି କହିଛନ୍ତି ।

## ୪୧ ଲକ୍ଷ ଏଯାଏଁ ଟିକା ନେଇ ନାହାନ୍ତି

ଭୁବନେଶ୍ୱର, ୧୩/୧୨ (ନି.ପ୍ର): ରାଜ୍ୟରେ ଏଯାଏଁ ୧୩ ପ୍ରତିଶତ ଲୋକ ଟିକା ନେଇ ନାହାନ୍ତି । ଏମାନଙ୍କ ସଂଖ୍ୟା ୪୧ ଲକ୍ଷ । ଅପରପକ୍ଷରେ ରାଜ୍ୟର ୮୭ ପ୍ରତିଶତ ଲୋକ ପ୍ରଥମ ଡୋଜ ଟିକା ନେଇ ସାରିଛନ୍ତି । ଯେଉଁମାନେ ଟିକା ନେଇ ନାହାନ୍ତି ସେମାନେ ସ୍ୱତଃପ୍ରବୃତ ଭାବେ ଟିକା ନିଅନ୍ତୁ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ଅନୁରୋଧ କରିଛନ୍ତି । ଏହାଫଳରେ ଡିସେମ୍ବର ଶେଷ ସୁଦ୍ଧା ଆମର ଶତ ପ୍ରତିଶତ ପ୍ରଥମ ଡୋଜ ଟିକାକରଣ ଲକ୍ଷ୍ୟ ପୂରଣ ହୋଇପାରିବ । ମୟୁରଭଞ୍ଜ, କନ୍ଧମାଳ ଓ କଟକ ଭଳି ଜିଲ୍ଲାରେ ପ୍ରଥମ ଡୋଜ ଟିକାକରଣ ହାର ବହୁତ କମ ରହିଛି । ଓମିକ୍ରନ ଭୁତାଣୁର ଭୟାବହତା ବଢୁଥିବାରୁ ଏଥିପାଇଁ ଆମକୁ ସଜାଗ ରହିବାକୁ ହେବ ।

## ସ୍ମାର୍ଟ ହେଲ୍‌ଥ କାର୍ଡରେ ସାମିଲ ହେଲା କଟକ ଓ ଖୋର୍ଦ୍ଧା ଜିଲ୍ଲା

ଖୋର୍ଦ୍ଧା, ୧୩/୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି କଟକ ଓ ଖୋର୍ଦ୍ଧା ଜିଲ୍ଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଂଟନର ଶୁଭାରମ୍ଭ କରିଛନ୍ତି । କଟକର ୧୮ ଲକ୍ଷ ଲୋକ ଏହି ସୁବିଧା ପାଇବା ବେଳେ ଖୋର୍ଦ୍ଧାର ପ୍ରାୟ ୧୪ ଲକ୍ଷ ଲୋକ ସ୍ମାର୍ଟ କାର୍ଡ ପାଇବେ । ଏହାସହିତ ରାଜ୍ୟର ୨୬ଟି ଜିଲ୍ଲାର ଜନସାଧାରଣ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇସାରିଲେଣି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କଟକ ଜିଲ୍ଲାରେ ୧୫୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ । କଟକ ବାଲିଯାତ୍ରା ପଡିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସୁସ୍ଥ ଓଡିଶା ଓ ସୁଖୀ ଓଡିଶା ଲକ୍ଷ୍ୟ ପୂରଣ ଦିଗରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ନିଦର୍ଶନ ହେଉଛି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ ହେଲ୍‌ଥ କାର୍ଡ । ସ୍ୱାସ୍ଥ୍ୟ ହିଁ ସମ୍ପଦ । ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ଏହି କାର୍ଡ ରକ୍ଷା କବଚ ଭଳି ସେବା ଯୋଗାଇ ଚାଲିବ ବୋଲି ସେ କହିଥିଲେ । କଟକର ଏସସିବି ମେଡିକାଲ କଲେଜ କୁ ଏକ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନ ଭାବରେ ଗଢିବା ପାଇଁ ସରକାରଙ୍କ ପଦକ୍ଷେପ ବିଷୟରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଗାମୀ ଦିନରେ ଦେଶର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ମାଇଲ ଖୁଂଟ ହୋଇ ରହିବ । କଟକବାସୀଙ୍କ ପ୍ରିୟ ଶ୍ରମିକ ନେତା ବିଶ୍ୱନାଥ ପଣ୍ଡିତଙ୍କୁ ସ୍ମରଣ କରି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ବିଶ୍ୱନାଥ ପଣ୍ଡିତ ସେଂଟ୍ରାଲ ଲାଇବ୍ରେରୀକୁ ପୁରୀ-ଅନୁଗୁଳ ବସ୍‌ଷ୍ଟାଣ୍ଡ ନିକଟରେ ପୁନଃସ୍ଥାପିତ କରାଯାଇ ଏକ ଅତ୍ୟାଧୁନିକ ଲାଇବ୍ରେରୀ ଭାବରେ ନିର୍ମାଣ କରାଯିବ । ସେହିପରି ବେଗୁନିଆଠାରେ ଖୋର୍ଦ୍ଧା ଜିଲ୍ଲା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆରମ୍ଭ କରି ମୁଖ୍ୟମନ୍ତ୍ରୀ ସେଠାରେ ଏକ ହଜାର କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଖୋର୍ଦ୍ଧା ମାଟି ହେଉଛି ପ୍ରଥମ ସ୍ୱାଧୀନତା ସଂଗ୍ରାମର ଭୂମି । ଓଡିଆ ସ୍ୱାଭିମାନ ପାଇଁ ଲଢେଇ କରିଥିବା ବୀର ପାଇକମାନଙ୍କୁ ପ୍ରଣାମ ଜଣାଇ ମୁଖ୍ୟମନ୍ତ୍ରୀ ▶▶ପୃଷ୍ଠା ୭

## ସୁମିତ-ତପସ୍ୱିନୀ ବିବାଦର ଅନ୍ତ ହେଉନି : ପୁଣି କୋର୍ଟକୁ ଗଲେ ପତ୍ନୀ

ବ୍ରହ୍ମପୁର,୧୩/୧୨(ନି.ପ୍ର): ପୁଣି ବ୍ରହ୍ମପୁର ଏସଡିଜେଏମ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ତପସ୍ୱିନୀ ଦାସ । କାରଣ ୪ ଦିନ ହେଲା ଡାକ୍ତର ସୁମିତଙ୍କ ଦେଖାନାହିଁ । ଭଡାଘର ଖୋଜି ଦେବାଠୁ ଆରମ୍ଭ କରି ଖାଇବା, ପିଇବା ଏବଂ ଔଷଧ ବ୍ୟବସ୍ଥା କରିବାକୁ କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଏହାକୁ ପାଳନ କରୁନାହାନ୍ତି ସ୍ୱାମୀ ସୁମିତ ସାହୁ । ଏହା ବିରୋଧରେ କୋର୍ଟରେ ଫେରାଦ ହୋଇଛନ୍ତି ସ୍ତ୍ରୀ ତପସ୍ୱିନୀ । ସାନି ପିଟିସନ ଦାଖଲ କରି ସ୍ୱାମୀଙ୍କୁ ନିର୍ଦ୍ଦେଶ ପାଳନ ପାଇଁ ବାଧ କରିବାକୁ ଆନୁରୋଧ ▶▶ପୃଷ୍ଠା ୭

## ହରନାଜ୍ ଭାରତ ପାଇଁ ଆଣିଲେ ମିସ୍ ୟୁନିର୍ଭସ ମୁକୁଟ





ନୂଆଦିଲ୍ଲୀ,୧୩/୧୨: ହରନାଜ । ପୂରା ନାଁ ହରନାଜ କୌର ସାନ୍ଧୁ । ଦୀର୍ଘ ୨୧ ବର୍ଷ ପରେ ସେ ଭାରତ ପାଇଁ ଆଣିଲେ ମିସ୍ ୟୁନିର୍ଭସ୍ ମୁକୁଟ । ବ୍ରହ୍ମଣ୍ଡ ସୁନ୍ଦରୀ ପ୍ରତିଯୋଗୀତରେ ସେ ମୁକୁଟ ହାତେଇଛନ୍ତି । ଟପ୍ ମଡେଲଙ୍କୁ ପଛରେ ପକାଇ ସେ ବନିଛନ୍ତି ବ୍ରହ୍ମଣ ସୁନ୍ଦରୀ । ମିସ୍ ୟୁନିଭର୍ସ ହୋଇଥିବା ୨୧ ବର୍ଷୀୟା ହରନାଜଙ୍କ ବିଷୟରେ ସମସ୍ତେ ଜାଣିବାକୁ ଚାହାଁନ୍ତି । ସେ କିଏ ଆସନ୍ତୁ ଜାଣିବା । ଚଣ୍ଡିଗଡର ସିଖ ପରିବାରରେ ହରନଜାଙ୍କ ଜନ୍ମ । ତାଙ୍କର ପୂରା ପରିବାର ପଞ୍ଜାବର ମୋହାଲିରେ ରୁହନ୍ତି । ହରନାଜ ବେଶ କମ୍ ବୟସରେ ହିଁ ସଫଳତାର ଶିଖରରେ ପହଞ୍ଚିଛନ୍ତି । ▶▶ପୃଷ୍ଠା ୭

## ପଂଚାୟତ ନିର୍ବାଚନ : ୧୬ ତାରିଖରେ ଆସିବ ଚୂଡାନ୍ତ ଭୋଟର ତାଲିକା



ଭୁବନେଶ୍ୱର,୧୩/୧୨(ନି.ପ୍ର): ଖୁବଶୀଘ୍ର ଘୋଷଣା ହେବ ପଂଚାୟତ ନିର୍ବାଚନ ତାରିଖ । ଫେବୃଆରୀ ଦ୍ୱିତୀୟ ସପ୍ତାହରେ ତ୍ରିସ୍ତରୀୟ ନିର୍ବାଚନ ହେବ । ଏଥିପାଇଁ ଡିସେମ୍ବର ୧୬ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ମାର୍ଚ୍ଚ ୫ ପଂଚାୟତ ରାଜ ଦିବସ ପୂର୍ବରୁ ପଂଚାୟତ ନିର୍ବାଚନ ସାରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ନିର୍ବାଚନ କମିଶନ । ତାରିଖ ଘୋଷଣା ପୂର୍ବରୁ ପଂଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ହେଲେଣି ସବୁ ରାଜନୈତିକ ଦଳ । ଗାଁ ଗାଁରେ ଜମିଲାଣି ନେତାଙ୍କର ଭିଡ । କେଉଁଠି କର୍ମୀଙ୍କୁ ଧରି ନେତା କରୁଛନ୍ତି ମାରାଥନ ବୈଠକ ଆଉ କେଉଁଠି ତ ମିଶ୍ରଣ ପର୍ବ । ୨୦୨୪ ସାଧାରଣ ନିର୍ବାଚନକୁ ଫାଇନାଲ କୁହାଯାଉଥିବା ବେଳେ ୨୦୨୨ ପଂଚାୟତ ନିର୍ବାଚନକୁ ସେମି ଫାଇନାଲ କୁହାଯାଉଛି । କିନ୍ତୁ ଏସବୁ ଭିତରେ ବିଜେଡି, ବିଜେପି ଓ କଂଗ୍ରେସ ଅନେକ ମୁଦ୍ଦା, ପ୍ରସଙ୍ଗ ଓ ରଣନୀତି ପ୍ରସ୍ତୁତ କଲେଣି । ଆସନ୍ତୁ ଏବେ ନଜର ପକେଇବା ତିନି ରାଜନୈତିକ ଦଳର ପ୍ରମୁଖ ପ୍ରସଙ୍ଗ ଉପରେ ଯାହାକୁ ଦଳ ପଂଚାୟତ ନର୍ବାଚନରେ ଅସ୍ତ୍ର କରିବେ ।

## ଶ୍ରୀନଗରରେ ବଡ ଆତଙ୍କୀ ଆକ୍ରମଣ : ୨ ଯବାନ ସହିଦ, ୧୨ ଆହତ





ନୂଆଦିଲ୍ଲୀ,୧୩/୧୨: ଜମ୍ମୁ-କାଶ୍ମୀରର ଜେଓ୍ୱନ ଇଲାକାରେ ବଡ ଧରଣର ଆତଙ୍କବାଦୀ ଆକ୍ରମଣରେ ୨ଜଣ ଯବାନ ସହିଦ ହୋଇଥିବାବେଳେ ୧୨ଜଣ ଗୁରୁତର ଆହତ ହୋଇଛନ୍ତି । ଜମ୍ମୁ-କାଶ୍ମୀରର ବାଟଲିୟନ-୯ର ସଶସ୍ତ୍ର ପୋଲିସ ଯାଉଥିବା ଏକ ବସ୍ ଉପରକୁ ଅଚାନକ ଆତଙ୍କବାଦୀମାନେ ଗୁଳିମାଡ କରିଥିବା ସୂଚନା ରହିଛି । ସମସ୍ତ ଆହତ ଯବାନଙ୍କୁ ଆର୍ମି ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା କୁହଯାଇଛି । ସୋମବାର ସନ୍ଧ୍ୟା ବେଳେ ଏହି ଘଟଣା ଘଟିଛି । ଏହି ଘଟଣା ପରେ ପୁରା ଇଲାକାକୁ ଘେରାଉ କରି ସର୍ଚ୍ଚ ଅପରେସନ୍ ଆରମ୍ଭ କରିଛି ସେନା । ସୂଚନା ମୁତାବକ, ସୁରକ୍ଷା ବଳ ଯାଉଥିବା ବସ୍ ଉପରକୁ ଗୁଳି ମାଡ କରିଥିବା ଆତଙ୍କବାଦୀ ମାନେ ବାଇକରେ ଆସି ଏପରି ହିଂସା ଘଟାଇଛନ୍ତି । ଏହି ବସ୍ ବୁଲେଟ୍ ପ୍ରୁଫ ହୋଇନଥିବାରୁ ସହଜରେ ଏହାକୁ ଗୁଳି ଭେଦ କରି ଯବାନଙ୍କ ଦେହରେ ବାଜିଥିଲା । ଏହି ଘଟଣା ପୂର୍ବରୁ ଆଜି ଶ୍ରୀନଗର ରଙ୍ଗରେଥ ଇଲାକାରେ ସୁରକ୍ଷାବଳ ଓ ଆତଙ୍କୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇ ୨ ଆତଙ୍କବାଦୀ ନିପାତ ହୋଇଥିଲେ । ରଙ୍ଗରେଥ ଇଲାକରେ ଆତଙ୍କବାଦୀ ଲୁଚିଥିବା ସୂଚନା ମିଳିବା ପରେ ସର୍ଚ୍ଚ ଅପରେସନ୍ ଅପରେସନ୍ ଆରମ୍ଭ ହୋଇଥିଲା ।

# ନିଶାସକ୍ତ ଯୁବତୀଙ୍କ ଉନ୍ମତ କାଣ୍ଡ : ପରିବାର ଲୋକଙ୍କ ଜିମାଦେଲା ପୋଲିସ

ପଟ୍ଟାମୁଣ୍ଡାଇ,୧୩/୧୨ (ନି.ପ୍ର): ଗତକାଲି ରାତିରେ ଜନୈକା ନିଶାସକ୍ତ ଯୁବତୀଙ୍କ ଉନ୍ମତ କାଣ୍ଡ ପଟ୍ଟାମୁଣ୍ଡାଇ ସହରରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଯୁବତୀ ଜଣକ ପୁରୁଷ ପୋଷାକ ପିନ୍ଧିଥିବା ବେଳେ ଦିନତମାମ ସହରରେ ଏଣେତେଣେ ଘୁରି ବୁଲୁଥିବା ଦେଖାଯାଇଥିଲା । ରାତିରେ ନିଶାସକ୍ତ ଅବସ୍ଥାରେ ସହରରେ ହଙ୍ଗାମା ଆରମ୍ଭ କରିଦେଇଥିଲେ ଏହି ଯୁବତୀ । ସମ୍ପୃକ୍ତା ଯୁବତୀଙ୍କର ପାଟିରୁ ଅନର୍ଗଳ ଯାତ୍ରା ସଂଳାପ ଭଳି ଡାଇଲଗ୍ ବାହାରୁଥିଲା । ମଝିରେ ମଝିରେ ସମ୍ପୃକ୍ତା ଯୁବତୀ ବଡ ପାଟିରେ କାନ୍ଦୁଥିବା ଦେଖିବାକୁ ମିଳୁଥିଲା । ନିଶାସକ୍ତ ଯୁବତୀ ସମାଜସେବା କରନ୍ତି ବୋଲି କହୁଥିବାବେଳେ ତାଙ୍କ ରୋଜଗାର ଅର୍ଥ ଗରିବଙ୍କୁ ବାଂଟୁଥିବା କହିବା ସହିତ ମଦ ପିଇବା ପରେ ମଧ ସେ ନିଜକୁ କଣ୍ଟ୍ରୋଲରେ ରଖନ୍ତି ବୋଲି ସଫେଇ ଦେଉଥିଲେ । କିନ୍ତୁ, ବାସ୍ତବରେ ପଟ୍ଟାମୁଣ୍ଡାଇ ବଜାରରେ ଦୀର୍ଘ ସମୟ ଧରି ନିଶାସକ୍ତ ଯୁବତୀ ହଙ୍ଗାମା କରୁଥିବାବେଳେ ସହରବାସୀ ଓ ପଥଚାରୀମାନେ ବହୁ ଅଡୁଆ ପରିସ୍ଥିତିରେ ପଡୁଥିଲେ । ଲୋକମାନଙ୍କ ଠାରୁ ଖବରପାଇ ପଟ୍ଟାମୁଣ୍ଡାଇ ଆଇଆଇସି ତପନ କୁମାର ରାଉତ ପୋଲିସ ପଠାଇ ନିଶାସକ୍ତ ଯୁବତୀଙ୍କୁ ଥାନାକୁ ଆଣି ଅଟକ ରଖିବା ସହିତ ତାଙ୍କ ପରିଚୟ ଓ ଠିକଣା ସମ୍ପର୍କରେ ପଚାରି ବୁଝିଥିଲେ । ସମ୍ପୃକ୍ତା ଯୁବତୀ କେନ୍ଦ୍ରାପଡା ବ୍ଲକ ଅଂଚଳର ହୋଇଥିବା ଜଣାପଡିବା ପରେ ପୋଲିସ ତାଙ୍କ ପରିବାର ଲୋକଙ୍କୁ ଖବର ଦେବା ସହିତ ଡାକ୍ତରୀ ମାଇନା କରାଇଥିଲେ । ପରେ ସମ୍ପୃକ୍ତା ଯୁବତୀଙ୍କୁ ପୋଲିସ ତାଙ୍କ ପରିବାର ଲୋକଙ୍କ ଜିମାରେ ଛାଡିଥିବା ଜଣାପଡିଛି ।

# ସାଗର ବଂଚାଅରେ ସାମିଲ ହେଲେ ଯୁବକ

ଜୟପୁର,୧୩/୧୨ (ନି.ପ୍ର): ଜୟପୁର ଐତିହାସିକ ଜଗନ୍ନାଥ ସାଗର ଦିନକୁ ଦିନ ପୋତି ହେବାରେ ଲାଗିଲାଣି ଏଣୁ ଏହାର ସୁରକ୍ଷା ଜୟପୁର ଜନସାଧାରଣ ହାତରେ । ଏହାକୁ ବଂଚାଇବା ନିମନ୍ତେ ବିଭିନ୍ନ ଅନୁଷ୍ଠାନ ଆଗକୁ ବାହାରିଥିବା ବେଳେ ଆଜି ସହରର ଯୁବ ପ୍ରତିଭା ମାନେ ମଧ୍ୟ ସାଗର ବଂଚାଅ ଅଭିଯାନ କରି ଲୋକଙ୍କୁ ସଚେତନତା କରିଛନ୍ତି । ମୁଁ ଜଗନ୍ନାଥ ସାଗର କହୁଛି । ମୋ କରୁଣ କାହାଣୀ କାହାକୁ ମଧ ଅଛପା ନାହିଁ ତଥାପି ମୋ କୋଳରେ ବଢି, ମୋ କୋଳରେ ଖେଳି ଆଜି ମୋତେ ହିଁ ଅବହେଳା କରୁଛ !ଜଗନ୍ନାଥ ସାଗର ପୁନରୁଦ୍ଧାର ଆନ୍ଦୋଳନରେ ଯୋଗ ଦିଅନ୍ତୁ ଏହା ହି ମୋର ଶେଷ ଇଛା । ତୁମର ଅବହେଳିତ ମା ଏହି ପରି ଲେଖା ଲେଖି ପ୍ଲାକ କାର୍ଡ କରି ଜୟପୁର ସହରର ବିଭିନ୍ନ ସ୍ଥାନରେ ଜନ ଜାଗରଣ ସୃଷ୍ଟି କରି ଜଗନ୍ନାଥ ସାଗରର ପୁନଃ ଉଦ୍ଧାର କରିବା ପାଇଁ ଜୟପୁର ସହରର କିଛି ଯୁବକ ଚେଷ୍ଟା କରିବାର ଦେଖିବାକୁ ମିଳିଥିଲା । ଏହା ଦ୍ୱାରା ଜଗନ୍ନାଥ ସାଗର ପୁନଃ ଉଦ୍ଧାର ପାଇଁ ଏକ ନୂଆ ଉତ୍ସାହ, ଉଦ୍ଦୀପନା ଦେଖିବାକୁ ମିଳିଛି ଓ ଏହି କାର୍ଯ୍ୟକୁ ନେଇ ଜୟପୁର ଜନସାଧାରଣଙ୍କ ମଧ୍ୟରେ ଜଗନ୍ନାଥ ସାଗର ର ପୁନଃ ଉଦ୍ଧାର ପାଇଁ ଏକତା ଦେଖିବାକୁ ମିଳିଛି । ବିକ୍ରମ ଦେବ ମହାବିଦ୍ୟାଳୟ ର ପୂର୍ବତନ ଛାତ୍ର ସଂସଦ ସଭାପତି ସିଦ୍ଧାର୍ଥ ପାଣିଗ୍ରାହୀଙ୍କ ଆଭାନ କ୍ରମେ ଆଇନଜିବି ଜି ମହେଶ, ସନମୁକା ପଟ୍ଟନାୟକ, ବିମଲ ପଟ୍ଟନାୟକ, ଶ୍ରୀକାନ୍ତ ଦାସ, ଜୟନ୍ତ ଦାସ, ପ୍ରିନ୍ସ ଖିଲାଡ଼ି, ସିମାଂଚଳ ସାହୁ ଓ ଅନ୍ୟ ମାନେ ପରିଚାଳନା କରିବା ସହ ଶତାଧିକ ଜନତା ସହଯୋଗ କରିଥିଲେ ।

# କେନ୍ଦ୍ରୀୟ ମନ୍ତ୍ରମଣ୍ଡଳୀୟ ପ୍ରତିନିଧି ଦଳର ଗତ ଜୱାଦ ବାତ୍ୟା ଜନିତ କ୍ଷୟକ୍ଷତି ଆକଳନ

ପାରାଦୀପ ,୧୩/୧୨ (ନି.ପ୍ର): ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ଓ ଏରସମା ବ୍ଲକ ଅଂଚଳରେ କେନ୍ଦ୍ରୀୟ ପ୍ରତିନିଧି ଦଳ । ଗତ ଜୱାଦ ଜନିତ ବାତ୍ୟା ରେ ହୋଇଥିବା କ୍ଷୟ କ୍ଷତି ଆକଳନ କରିବା ପାଇଁ ଆସିଥିଲେ ଏହି କେନ୍ଦ୍ରୀୟ ମନ୍ତ୍ରୀ ମଣ୍ଡଳ ସ୍ତରୀୟ ପ୍ରତିନିଧି ଦଳ । ଆଜି କୁଜଙ୍ଗ ଓ ଏରସମା ବ୍ଲକ ପରିଦର୍ଶନ କରିବା ପରେ ରିପୋର୍ଟ ପ୍ରସ୍ତୁତ କରି ସରକାର ଙ୍କୁ ପ୍ରଦାନ କରିବେ ଏହି ପ୍ରତିନିଧି ଦଳ । ଏହି ପ୍ରତିନିଧି ଦଳ ରେ ଆର ବି କୌଲ ( ଅର୍ଥ ମନ୍ତ୍ରଣାଳୟ ) ଡ଼. ମାନସିଂ ( କୃଷି ମନ୍ତ୍ରଣାଳୟ ) ରୋହିତ କୁମାର ଲେଙ୍କା ( ନିର୍ଦ୍ଦେଶକ ରାଜ୍ୟ ଉଦ୍ୟାନ ବିଭାଗ ) , ରାଜ କିଶୋର ଦାସ ( ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ) । ଆସନ୍ତା କାଲି ଏହି ପ୍ରତିନିଧି ଦଳ ତିର୍ତୋଲ ଜଗତସିଂହପୁର ଓ ବାଲିକୁଦା ବ୍ଲକ ଗସ୍ତ କରିବା ର କାର୍ଯ୍ୟକ୍ରମ ରହିଛି ।

# ରଘୁନାଥପାଲ୍ଲୀ ବିଧାୟକଙ୍କ ନିଖୋଜ ପୋଷ୍ଟରକୁ ନେଇ ଜିଲ୍ଲାରେ ଲୋକ ପ୍ରତିନିଧିମାନଙ୍କ କାମର ଆକଳନ ଜୋର୍ ଧରିଲା

ରାଉରକେଲା,୧୩/୧୨ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲାର ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ ମିଳୁ ନାହାନ୍ତି, ଲୋକେ ତାଙ୍କ ଦେଖାପାଉନାହାନ୍ତି, କାମ ଲାଗି ବାରମ୍ବାର ଯାଇ ସାଧାରଣ ଲୋକେ ଫେରୁଛନ୍ତି ଅଭିଯୋଗ ଆଣି ରାଉରକେଲା ସହରକୁ ଲାଗି ରହିଥିବା ହିଲଟପ୍ ବସ୍ତି ବାସୀ ବିଧାୟକଙ୍କର ଫଟୋ ଥାଇ ଅନେକ ନିଖୋଜ ପୋଷ୍ଟର ସେହି ଅଂଚଳରେ ମାରିବା ପରେ ଜିଲ୍ଲାରେ ବିଧାୟକ ଓ ସାଂସଦଙ୍କର କାମକୁ ନେଇ ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଛି ।

ଦୁଇ ଦିନ ତଳେ ଏଭଳି ଏକ ପୋଷ୍ଟରକୁ ସେହି ବସ୍ତିର କ୍ଲବ ଘର ଓ ଅନ୍ୟ ଯାଗାରେ ମରାଯାଇଥିବା ନେଇ ଚର୍ଚ୍ଚା ଧରିଥିଲା । ସେହି ବସ୍ତି ବାସିନ୍ଦାଙ୍କ କହିବା କଥା, ସମ୍ପୃକ୍ତ ଅଂଚଳରେ ପାନୀୟ ଜଳର ସମସ୍ୟା, ରାସ୍ତା, ପାଇଖାନା ଆଦି ସହ ସମସ୍ତ ପ୍ରକାର ସରକାରୀ ସୁବିଧା ପାଇବାରେ ଅଂଚଳ ବାସୀ ନାନା ସମସ୍ୟାର ସମ୍ମୁଖିନ ହେଉଛନ୍ତି । ନିର୍ବାଚନ ପରେ ଲୋକେ ବିଧାୟକଙ୍କୁ ଏନେଇ ଜଣାଇବାକୁ ଯାଇ ବାରମ୍ବାର ଫେରୁଛନ୍ତି, କିନ୍ତୁ ବିଧାୟକ ମିଳୁ ନାହାନ୍ତି । ତାଙ୍କ ପାଖ ଲୋକେ କହୁଛନ୍ତି ସେ ଭୁବନେଶ୍ୱରରେ ରହୁଛନ୍ତି । ତେଣୁ ଅଂଚଳ ବାସୀଙ୍କ ଠାରୁ ଭୋଟ୍ ପାଇ ବିଧାୟକ ହେବା ପରେ ଯଦି ଜଣେ ଲୋକଙ୍କ କଥା ବୁଝିଲେନି ତେଣୁ ଲୋକେ ତାଙ୍କୁ ଏଭଳି ନିଖୋଜ କରିଥିବା ଖବର ମିଳିଛି ।

ଖବରରୁ ଜଣାପଡିଛି ଯେ, ବିଧାୟକ ସୁବ୍ରତ ବାବୁ ଗତ ପ୍ରାୟ ଏକ ବର୍ଷ ଧରି ଲୋକଙ୍କ ପାଖରୁ ଦୂରେଇ ଯାଇଥିବା କୁହାଯାଉଛି । ଗତ କରୋନା ସମୟରୁ ସେ ଏକ ପ୍ରକାର ଆଉ ମିଳୁନଥିବା ଆଲୋଚନା ଚାଲିଛି । ଖାଲି ଏହି ଅଂଚଳ ନୁହେଁ, ଲାଠିକଟା, ସାରନଗରୀ ଅଂଚଳରେ ମଧ ଏହି ବାର୍ତ୍ତା ପ୍ରଚାର ଚାଲିଛି । ତାଙ୍କ ପାଖରେ ଥିବା କିଛି ଲୋକେ ସାଧାରଣ ଲୋକଙ୍କୁ ଆଉ ପାଖ ପୁରାଉ ନଥିବାରୁ ଏଭଳି ସମସ୍ୟା ଦ୍ୱିଗୁଣିତ ହେବାରେ ଲାଗିଥିବା ଖବର ମିଳିଛି । ବିରୋଧୀ ଦଳ ମାନେ ଏଭଳି ମାମଲାରେ ଭୋଟ୍ ନେଇ ଜିତିବା ପରେ ବିଧାୟକ ଲୋକଙ୍କୁ ଠକିଛନ୍ତି ଓ ପ୍ରତାରିତ କରିଛନ୍ତି ବୋଲି ମତ ରଖିଛନ୍ତି । ତେବେ ରାଉରକେଲା ଓ ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀ ଲାଗି ରହିଥିବା ବେଳେ ରାଉରକେଲା ନିର୍ବାଚନ ମଣ୍ଡଳୀରେ ବିଧାୟକ ସାରଦା ବାବୁ ନିୟମିତ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବା ଓ ଲୋକପ୍ରିୟ ହୋଇ ଚର୍ଚ୍ଚାରେ ରହିଥିବା ବେଳେ ନିକଟରେ ଥିବା ନିର୍ବାଚନମଣ୍ଡଳୀର ସୁବ୍ରତ ବାବୁଙ୍କର ଏଭଳି ଅବସ୍ଥା କାହିଁକି ବୋଲି ଆଲୋଚନା ଚାଲିଛି । ଜିଲ୍ଲାରେ ବିଜେଡିକୁ ରାସ୍ତା ଦେଖାଇ ଆଗେଇ ନେଉଥିବା ସାରଦା ବାବୁ ସୁବ୍ରତଙ୍କୁ କାହିଁକି ପରାମର୍ଶ ଦେଉନାଉହାନ୍ତି ନାଁ ସେ ତାଙ୍କ ପରାମର୍ଶ ନେଉନାହାନ୍ତି ବୋଲି ପ୍ରଶ୍ନ ହେଲାଣି । ସେପଟେ ଏଭଳି ପୋଷ୍ଟର ମରା ଅଭିଯାନ ପ୍ରଚାର ହେବା ପରେ ଅନ୍ୟ ବିଧାୟକ ମାନେ ମଧ ତତ୍ପର ହୋଇଉଠିଥିବା ଖବର ମିଳିଛି । ଯେଉଁମାନେ ନିର୍ବାଚନ ମଣ୍ଡଳୀରେ ଅଧିକ ସମୟ ଦେଉନଥିଲେ ଏବେ ସେମାନେ ସଚେତନ ହେଉଥିବା ଖବର ମିଳିଛି । ଏହି ପୋଷ୍ଟର ମରା କାମ ପରେ ଏହାର ପ୍ରଭାବ ଆଗାମୀ ନିର୍ବାଚନ ଉପରେ ପଡିବାର ସମ୍ଭାବନା ରହୁଥିବା ମଧ ଆଲୋଚନା ଚାଲିଛି । ତେବେ ଆଜି ସେହି ଅଂଚଳକୁ ବିଧାୟକଙ୍କର ସମର୍ଥକ ମାନେ ଯାଇ ଲୋକଙ୍କୁ ବୁଝାଶୁଝା କରି ଏକ ମାସ ଭିତରେ ସମସ୍ୟାର ସମାଧାନ କରାଯିବ ବୋଲି କହିଥିବା ବେଳେ ବିଧାୟକଙ୍କ ବିରୋଧରେ ଏହା ଏକ ଷଡ଼ଯନ୍ତ୍ର ବୋଲି କେତେକ ମତ ଦେଇଛନ୍ତି । ତେବେ ଏନେଇ ବିଧାୟକ ସୁବ୍ରତଙ୍କର ପ୍ରତିକ୍ରିୟା ନେବାକୁ ଉଦ୍ୟମ କରାଯାଇଥିଲେ ସୁଦ୍ଧା ତାହା ସମ୍ଭବ ହୋଇପାରିନାହିଁ ।

# ବିକାଶଠୁ ବହୁଦୂର ତିନୋଟି ଗାଁ ଦାଲାଗାଡୁ, ଗଡାପାକାଲି ଓ ପ୍ରାହେଡିପଙ୍ଗା

କନ୍ଧମାଳ,୧୩/୧୨ (ନି.ପ୍ର): ବଣ ପାହାଡ଼ ଘେରା କନ୍ଧମାଳ ଜିଲ୍ଲା । ପ୍ରକୃତି କୋଳରେ ବସବାସ କରନ୍ତି ଅଧିକାଂଶ ଅନୁସୁଚିତ ଜାତି ଓ ଜନଜାତି ବର୍ଗର ଲୋକେ । ପ୍ରଶାସନିକ ଅବହେଳା କାରଣରୁ ମୌଳିକ ସୁବିଧାରୁ ବଂଚିତ ହେଉଛନ୍ତି ନିରୀହ ଗ୍ରାମବାସୀ । ନା ଅଛି ରାସ୍ତା, ନାଅଛି ବିଜୁଳି ଆଲୁଅ ନା ଅଛି ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା । ଶିକ୍ଷା ଓ ସ୍ୱାସ୍ଥ୍ୟ କଥା ନକହିବା ଭଲ । ଏଭଳି ଅଭିଶପ୍ତ ଜୀବନ ବିତାଉଛନ୍ତି ତିନୋଟି ଗ୍ରାମର ୨୦୦ ରୁ ଉର୍ଦ୍ଧ୍ୱ ପରିବାର । କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ୍ ଅନ୍ତର୍ଗତ ଦାସିଙ୍ଗିବାଡି ଗ୍ରାମପଚାଂୟତର ଗଡ଼ାପାକାଲି, ଦାଲାଗାଡୁ ଓ ପ୍ରାହେଡ଼ିପଙ୍ଗା ଗ୍ରାମରେ ସ୍ଥିତି ପରଖିବା ପାଇଁ ପହଁଚିଥିଲେ ଆମ ପ୍ରତିନିଧି । କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ଦାସିଙ୍ଗିବାଡ଼ି ଗ୍ରାମପଚାଂୟତର ଗଡ଼ାପାକାଲି ଗାଁ । ଏହି ଗାଁକୁ ମୁଖ୍ୟ ରାସ୍ତାରୁ ପାଖାପାଖି ୧୫ କିଲୋମିଟର ଅଙ୍କାବଙ୍କା, ଖାଲଢିପ ପାହାଡ଼ିଆ ରାସ୍ତାରେ ଯିବାକୁ ପଡ଼େ । ଗାଁ ରେ ପାଖାପାଖି ୩୦ରୁ ୪୦ ପରିବାର ବସବାସ କରନ୍ତି । ସମସ୍ତେ ପ୍ରାୟତଃ ଖଟିଖିଆ ଶ୍ରେଣୀର ଲୋକେ । ଗଡ଼ାପାକାଲି ଗାଁ ରେ ଏକ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ର ଅଛି, ହେଲେ ଶ୍ରେଣୀଗୃହ ଓ ଅଙ୍ଗନୱାଡ଼ି ଗୃହ ଏଯାବତ୍ ନିର୍ମାଣ ହୋଇପାରିନାହିଁ । ଫଳରେ ଭଙ୍ଗା ଦଦରା କୁଡ଼ିଆ ଘରେ ଖରାବର୍ଷା ଶୀତରେ ୨୮ ଜଣ ପିଲିଙ୍କ ଭବିଷ୍ୟତ ଗଢ଼ା ଚାଲିଛି ତିନି ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଧ୍ୱାରା । ବିଦ୍ୟାଳୟ ଗୃହ ଓ ଅଙ୍ଗନୱାଡ଼ି ଗୃହ ନିର୍ମାଣ କରାଗଲେ ନିଜେ ସୁରକ୍ଷିତ ରହିବା ସହ ଠିକ୍ ଭାବରେ ଶିକ୍ଷାଦାନ ହୋଇପାରନ୍ତା ବୋଲି କହିଛନ୍ତି ଶିକ୍ଷୟତ୍ରୀ ଓ ଅଭିଭାବକ ।

ରାସ୍ତା ଅଭାବରୁ ଗାଁର କୌଣସି ବିକାଶ ହୋଇପାରୁନାହିଁ । ଏଥିସହିତ ଗାଁକୁ ବିଜୁଳି ଆଲୁଅ ସାତସପନ ହୋଇପଡ଼ିଥିବା ବେଳେ ବିଶୁଦ୍ଧ ପାନୀୟ ଜଳର ଅଭାବ ରହିଛି । ଫଳରେ ଲୋକେ ନଦୀ, ନାଳ, ଚୁଆ ପାଣି ପିଇବାକୁ ବାଧ ହେଉଛନ୍ତି । ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ଯୋଗୁଁ ଗାଁ କୁ ପହଂଚି ପାରୁନାହିଁ ଆମ୍ବୁଲାନ୍ସ । ଗର୍ଭବତୀ ମହିଳାଙ୍କୁ ବୋହି ଡାକ୍ତରଖାନା ନେବାବେଳେ ଅନେକ ମହିଳା ରାସ୍ତା ଘାଟରେ ପ୍ରସବ କରୁଥିବା ବେଳେ ଅନେକ ରୋଗୀ ଡାକ୍ତରଖାନା ପହଂଚି ନପାରି ଅକାଳ ମୃତ୍ୟୁବରଣ କରିଥିବା ନଜିର ରହିଛି । ଗଡ଼ାପାକାଲି ଗାଁ ସମେତ ଦାଲାଗାଡୁ ଓ ପ୍ରାହେଡ଼ିପଙ୍ଗା ଗ୍ରାମର ୨୦୦ରୁ ଉର୍ଦ୍ଧ୍ୱ ପରିବାର ଦୈନନ୍ଦିନ ଜୀବନରେ ଏଭଳି ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ସେପଟେ ଏନେଇ ଦାରିଙ୍ଗବାଡ଼ି ବିଡ଼ିଓ ଗଦାଧର ପାତ୍ରଙ୍କୁ ଯୋଗାଯୋଗ କରିବାରୁ ଆମେ ଏ ବିଷୟରେ ଅବଗତ ଅଛୁ । ଖୁବଶୀଘ୍ର ରାସ୍ତା ନିର୍ମାଣ ସହ ଅଂଚଳର ଅନ୍ୟାନ୍ୟ ସମସ୍ୟା ସୁଧାରିବା ପାଇଁ ପ୍ରଚେଷ୍ଟା ଜାରି ରଖିଛୁ ବୋଲି ପ୍ରତିକ୍ରିୟାରେ କହିଛନ୍ତି ।

# ପାରିବାରିକ କଳହ ଯୋଗୁଁ ସ୍ୱାମୀର ଆତ୍ମହତ୍ୟା

ମାଲକାନଗିରି,୧୩/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ସଦର ମହକୁମା କୁମାରପୁଟ ଗ୍ରାମରେ ଆଜି ପାରିବାରିକ କଳହ ଯୋଗୁଁ ସ୍ୱାମୀ ଆତ୍ମହତ୍ୟା କରିଥିବା ଜଣାପଡିଛି। କୁମାରପୁଟ ରେ ରହୁଥିବା ନାଗେଶ୍ୱର ନାୟକ ଓ ତାଙ୍କ ପତ୍ନୀ କୁମାରୀ ଙ୍କ ମଧ୍ୟରେ କୌଣସି ଏକ କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ରାଗିଯାଇ ନାଗେଶ୍ୱର ସ୍ତ୍ରୀ କୁମାରୀ ଙ୍କ ଏକ ଶାଢ଼ୀ ନେଇ ବେକରେ ବାନ୍ଧି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଏହା ଦେଖି ସ୍ତ୍ରୀ କୁମାରୀ ପାଖ ପୋଡ଼ଶୀ ଙ୍କୁ ଡାକି ଗୁରୁତର ଅବସ୍ଥାରେ ନାଗେଶ୍ୱର କୁ ଉଦ୍ଧାର କରି ଖଇରପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇଁ ମୁଦୁଲିପଡ଼ା ପୋଲିସ ମେଡିକାଲ ରେ ପହଂଚି ଶବ ଜବତ କରି ବ୍ୟବଛେଦ ନିମନ୍ତେ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।

# ଖଇରପୁଟ ଜୋନରେ ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ

ମାଲକାନଗିରି,୧୩/୧୨ (ନି.ପ୍ର): ଆଜି ଖଇରପୁଟ ବ୍ଲକ ଠାରେ ବିଜୁ ଜନତା ଦଳର ଜୋନ୍ ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ସଭାପତି ତଥା ଚିତ୍ରକୋଣ୍ଡା ବିଧାୟକ ପୁର୍ଣ୍ଣ ଚନ୍ଦ୍ର ବାକା ଅଧ୍ୟକ୍ଷତା କରିଥିବାବେଳେ ଅତିଥି ଭାବେ ଖଇରପୁଟ ପର୍ଯ୍ୟବେକ୍ଷକ ନୃସିଂହ ଚରଣ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ମହିଳା ସଦସ୍ୟା ପଦ୍ମିନୀ ମୁଦୁଲି, ଖଇରପୁଟ ବ୍ଲକ ଅଧକ୍ଷା କୁମୁଦିନୀ କିର୍ଷାନୀ,ସାଂସଦ ପ୍ରତିନିଧି ଜଗନ୍ନାଥ ମାଝୀ, ଖଇରପୁଟ ବ୍ଲକ ବିଜେଡ଼ି ସଭାପତି ସାଧୁ ହନ୍ତାଳ, ବରିଷ୍ଠ ବିଜେଡି ନେତା ଗୌ ରହରୀ ସୁଗ୍ରୀ, ବିଘ୍ନରାଜ କିର୍ଷାନୀ,ପଦ୍ମନ ନାୟକ,ଯୁବ ନେତା ମହେଶ ବାକା, ରଞ୍ଜନ ପାଙ୍ଗି,ସୁମନ ମୁଦୁଲି,ବିପିନ ବିହାରୀ ଭୁକ୍ତା,ଏନ.ନାଗେଶ୍ୱର ରାଓ, ଭଗବାନ ସାହୁ,ମଦନ ଖୋସଲା, ଗୋପୀ ପାଙ୍ଗି, ସୋମନାଥ ବାରସେ,ଘାସିରାମ ଗୁଟା ପ୍ରମୁଖ ଯୋଗଦେଇ ଆଗାମୀ ତ୍ରୀସ୍ତରୀୟ ପଂଚାୟତିରାଜ ନିର୍ବାଚନ ପ୍ରସ୍ତୁତି ବିଷୟରେ ଆଲୋଚନା କରିଥିଲେ । ସଭାପତି ଶ୍ରୀ ବାକା ଉଦବୋଧନ ଦେଇ କହିଥିଲେ ଯେ ବର୍ତମାନ ର ଯୁବ ନେତୃତ୍ୱ ଅନ୍ୟାୟ, ଅନୀତି, ଦୁର୍ନାମ ଓ ଦୁର୍ନୀତି ଭଳି ୪ ଗୋଟି କୁସସ୍କାରରୁ ଦୁରେଇ ରହିଲେ ଖଇରପୁଟ ଜୋନରେ ପୁନର୍ବାର ସ୍ୱଚ୍ଛ ଶାସନ ଅବ୍ୟସମ୍ଭାବି ବୋଲି କହି କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ ।ପର୍ଯ୍ୟବେକ୍ଷକ ଶ୍ରୀ ମହାନ୍ତି କହିଥିଲେ ଯେ ମାନ୍ୟବର ରାଜ୍ୟ ସଭାପତି ଓ ଓଡ଼ିଶା ର ମୁଖ୍ୟମନ୍ତ୍ରୀ ଙ୍କ ସ୍ୱଚ୍ଛ ଶାସନ ଓ ନିର୍ମଳ ଭାବମୂର୍ତି ସମସ୍ତ ଯୁବ ବର୍ଗ ଙ୍କ ପାଇଁ ପ୍ରେରଣା ସାଜିଛନ୍ତି । ଆଜିର ଏହି ବୈଠକରେ ବ୍ଲକର ଏକମାତ୍ର ଜିଲ୍ଲା ପରିଷଦ ସିଟ୍ ପାଇଁ ଅଘୋଷିତ ୩ ଜଣ ଆଶାୟୀ ପ୍ରାର୍ଥି ସେମାନଙ୍କ ସମ୍ପୁର୍ଣ୍ଣ ବାୟୋଡାଟା ତୁରନ୍ତ ଦାଖଲ ପାଇଁ ଅନୁରୋଧ କରିଥିଲେ ଓ ଉକ୍ତ ନାମଗୁଡିକ ତର୍ଜମା ଓ ନିଷ୍ପତି ସକାସେ ବିଜୁ ଜନତା ଦଳ ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟକୁ ପ୍ରେରଣ କରାଯିବ ଓ ସେଠାର ନିଷ୍ପତି ପ୍ରକାରେ ଜିଲ୍ଲା ପରିଷଦ ଓ ଅନ୍ୟାନ୍ୟ ଲୋକ ପ୍ରତିନିଧି ମାନଙ୍କ ନାମ ଘୋଷଣା କରାଯିବ ବୋଲି ବ୍ଲକ ସଭାପତି ସାଧୁ ହନ୍ତାଳ କହିଛନ୍ତି । ଶେଷରେ ସଭାପତି ସମସ୍ତ କର୍ମୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ସମସ୍ତଙ୍କୁ ସଙ୍ଘଗଠିତ ହୋଇ ଆଗାମୀ ତ୍ରୀସ୍ତରୀୟ ପଂଚାୟତିରାଜ ନିର୍ବାଚନ ରେ ଦଳକୁ ବିପୁଳ ବିଜୟ ଦେବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ହାତମୁଠାକୁ ଆହୁରି ଟାଣ କରିବା ପାଇଁ ଆହ୍ୱାନ ଦେଇଥିଲେ !

# ବାତ୍ୟା ଜୱାଦଜନିତ ଫସଲ କ୍ଷୟକ୍ଷତିର ଅନୁଧ୍ୟାନ କଲେ କେନ୍ଦ୍ରୀୟ ଟିମ୍

ପୁରୀ,୧୩/୧୨ (ନି.ପ୍ର): ଦୁଇ ଜଣିଆ କେନ୍ଦ୍ରୀୟ ଟିମ୍ ସହ ରାଜ୍ୟ ଓ ଜିଲ୍ଲା ସ୍ତରିୟ ଅଧିକାରୀମାନେ ଆଜି ପୁରୀ ଜିଲ୍ଲାର ନିମାପଡ଼ା, କାକଟପୁର, ଅସ୍ତରଙ୍ଗ ଅଂଚଳରେ ଓ ପିପିଲି ଅଂଚଳ ଗସ୍ତ କରି ବାତ୍ୟା ଜୱାଦଜନିତ ଫସଲ କ୍ଷୟକ୍ଷତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି । ନିମାପଡ଼ା ବ୍ଲକର ଦହିଜଙ୍ଗ, ଛେନୁଆ, କାକଟପୁର ବ୍ଲକର ଶ୍ରୀଚନ୍ଦନପୁର ଓ ପାହାଳ, ଅସ୍ତରଙ୍ଗ ବ୍ଲକର ରାମଚନ୍ଦ୍ରପୁର ଓ ଜିଙ୍ଗଂଟ ଆଦି ଗ୍ରାମ ଅନୁଧ୍ୟାନ କରିବା ସହ ଚାଷୀମାନଙ୍କ ସହ ବାତ୍ୟାଜନିତ କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିଥିଲେ । ଜିଲ୍ଲାରେ ୩୦ ହଜାର ହେକ୍ଟର ଜମିର ଫସଲ ସୁରକ୍ଷିତ କରାଯାଇଥିବା ବେଳେ ୧ ହଜାର ହେକ୍ଟର ଜମିର ଫସଲ ଅମଳ ହୋଇ ପାରିନଥିଲା । ଅଧିକ କ୍ଷତି ପୂରଣ ମିଳିବା ନେଇ ଚାଷୀମାନେ ଆଶା ରଖିଛନ୍ତି ।

ଆସନ୍ତାକାଲି ଏହି କେନ୍ଦ୍ରୀୟ ଟିମ୍ ଜିଲ୍ଲାର ଅନ୍ୟାନ୍ୟ ଅଂଚଳ ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି । ଏହି କେନ୍ଦ୍ରୀୟ ଟିମ୍ ରେ ଗୃହ ବ୍ୟାପାର ବିଭାଗର ଯୁଗ୍ମ ସଚିବ ସୌରଭ ରାୟ, ଶକ୍ତି ବିଭାଗର ଉପନିର୍ଦ୍ଦେଶିକା ପୁନମ ଜୈନଙ୍କ ସହ ରାଜ୍ୟ କୃଷି ନିର୍ଦ୍ଦେଶକ ଡଃ. ଏମ. ମୁଥୁକୁମାର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଅନିଲ କୁମାର ଦାସ, ନିମାପଡ଼ା ଏ.ଡି.ଓ. ଶରତ କୁମାର ପରିଡ଼ା ପ୍ରମୁଖ ସାମିଲ୍ ହୋଇଥିଲେ ।

# ବଲାଙ୍ଗିର ନାଗରିକ କମିଟି ନୂତନ କର୍ମକର୍ତ୍ତା ନିର୍ବାଚିତ

ବଲାଙ୍ଗିର,୧୩/୧୨ (ନି.ପ୍ର): ବଲାଙ୍ଗିର ନାଗରିକ କମିଟି ର ନୂତନ କର୍ମକର୍ତା ଆଜି ସ୍ଥାନୀୟ ଆଇନ କଲେଜ ପରିସରରେ ଅନୁଷ୍ଠିତ ହୋଇ ଯାଇଚି । ନିର୍ବାଚନ ଅଧିକାରୀ ଶ୍ରୀ ଅଶୋକ କୁମାର ମିଶ୍ର ନିର୍ବାଚନ ପରିଚାଳନା କରି ନିର୍ବାଚିତ କର୍ମକର୍ତା ମାନଙ୍କ ନାମ ଘୋଷଣା କରିଥିଲେ ସଭାପତି ଇଞ୍ଜିନିୟର ବେଳାର ସିଂହ ଭୋଇ ସାଧାରଣ ସମ୍ପାଦକ ରୂପେ ମନୋରଞ୍ଜନ ସାହୁ ନୂତନ ରୂପେ ନିର୍ବାଚିତ ହୋଇ ଛନ୍ତି । ଅନ୍ୟ ପଦ ରେ ଉପ ସଭାପତି ନିତ୍ୟା ନନ୍ଦ ମିଶ୍ର, ସହ ସମ୍ପାଦକ ଚକ୍ରପାଣି ଦାଶ , କୋଷାଧକ୍ଷ ଗଜେନ୍ଦ୍ର ତ୍ରିଭୁବନ ଦାସ ଭ୍ରମର ନିର୍ବାଚିତ ହୋଇଥିବା ବେଳେ କାର୍ଯକାରୀ ସଭ୍ୟ ରୂପେ ବୃନ୍ଦାବନ ବରାଳ, ବିମଳ କୁମାର ଚୋପଦାର ,ବ୍ରଜରାଜ ପୁରୋହିତ, ଦିବାକର ହୋତା, ଧର୍ମବ୍ରତ ରଥ ,ଗୋପବନ୍ଧୁ ନାଥ, ଗୋପବନ୍ଧୁ ପୁରୋହିତ, ଜୟରାମ ମିଶ୍ର, ମନୋରଞ୍ଜନ ପୁରୋହିତ, ପରଶୁରାମ ନାୟକ, ପଙ୍କଜିନି ପଣ୍ଡା ନିର୍ବାଚିତ ହୋଇ ଛନ୍ତି । ନୂତନ କର୍ମକର୍ତା ମାନଙ୍କ ଶପଥ ଗ୍ରହଣ ଜାନୁଆରୀ ୮ ତାରିଖ ଅପରାହ୍ନ ରେ ଅନୁଷ୍ଠିତ ହେବ ।

# ବିଜୁ ଜନତା ଦଳ ତରଫରୁ ହାଉସ୍ ଟେଗିଙ୍ଗ୍‌କୁ ନେଇ ଏକ ସମୀକ୍ଷା ବୈଠକ

ମାଲକାନଗିରି,୧୩/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଜିଲ୍ଲା ପରିଷଦ ଜୋନ ୩ ପଟେରୁ ଠାରେ ମାଲକାନଗିରି ବିଜୁ ଜନତା ଦଳ ତରଫରୁ ହାଉସ୍ ଟେଗିଙ୍ଗ୍ କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପୂର୍ବତନ ବିଧାୟକ ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ମାନସ ମାଡକାମୀ ଯୋଗ ଦେଇ ଜିଲ୍ଲା ପରିଷଦ ଜୋନ ୩ ର ସମସ୍ତ ପଂଚାୟତ ସଭାପତି ଓ ସଚେତକ ଙ୍କୁ ହାଉସ୍ ଟେଗିଙ୍ଗ୍ ଶୀଘ୍ର ଦାଖଲ କରିବାକୁ କହିଥିଲେ ! ଉକ୍ତ ଜୋନ ର ଇଛୁକ ବିଜେଡି ଜିଲ୍ଲା ପରିଷଦ ପାର୍ଥି ଏହି ଜୋନ ର ଜୋନ ସଭାପତି ଙ୍କ ପାଖରେ ଦାଖଲ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଆଜିର ଏହି ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ରେ ଅନୁପ୍ରାଣିତ ହୋଇ କାଲିମେଳା ବ୍ଲକ୍ ର ଖକନ ରାୟ ,ଦେବା ମାଡକାମୀ ,ମଣି ମେହେର ମିସ୍ତ୍ରୀ ଓ ଇନ୍ଦ୍ର ମାଡକାମୀ କଂଗ୍ରେସ ଦଳ ଛାଡି ଆଜି ବିଜୁ ଜନତା ଦଳରେ ସାମିଲ ହେଲେ । ବୈଠକରେ ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି ,ଯୁବ ସଭାପତି ଆଡ଼ମା ରାବା ,ବରିଷ୍ଠ ବିଜେଡି ନେତା ବାବାଜୀ ମଲ୍ଲିକ ,ସାଂସଦ ପ୍ରତିନିଧି ଇ.ଭେଙ୍କେଟ ରାଓ ,ଜୋନ ସଭାପତି ସୁବ୍ରତ ଶୀଲ ,ଜୋନ ଉପ ସଭାପତି ସୁନଧାର ମାଡକାମୀ ,ଆଇନଜୀବୀ ଲମ୍ବଧର ତୁରୁକ ,ବିଜେଡି ସକ୍ରିୟ କର୍ମୀ କ.ରାହୁଲ ,ଟି ମତ୍ୟାଲୁ ଯୋଗ ଦେଇଥିଲେ ।

# କରଙ୍ଗାମାଳ ରୋଗୀ କଲ୍ୟାଣ ସମିତି ବାର୍ଷିକ କାର୍ଯ୍ୟ ପ୍ରସ୍ତୁତି

ନୂଆପଡା,୧୩/୧୨ (ନି.ପ୍ର): ନୂଆପଡା ଜିଲ୍ଲା ବୋଡେନ ବ୍ଲକ କରଙ୍ଗାମାଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥିତ ସ୍ଥାନୀୟ ରୋଗୀ କଲ୍ୟାଣ ସମିତି ଆନୁକୁଲ୍ୟରେ ୨୦୨୧ – ୨୨ ବର୍ଷର ରୋଗୀକଲ୍ୟାଣ ସମିତି ପାଣ୍ଠି କିପରି ଖର୍ଚ୍ଚ କରାଯିବ ତାରି ଉପରେ କାର୍ଯ୍ୟ ଖସଡା ପ୍ରସ୍ତୁତି କରାଯାଇଥିଲା । ଏହି ବୈଠକରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଉନ୍ନତି ତଥା ରୋଗୀଙ୍କ ପାଇ ଉତମ ବ୍ୟବସ୍ଥା ପାଇଁ ଆବଶ୍ୟକୀୟ ଜନ୍ତ୍ରପାତି ଗର୍ଭବତୀ ମାନଙ୍କ ପାଇ ଆବଶ୍ୟକୀୟ ସାମଗ୍ରୀ, ପାଚେରି ସୋନ୍ଦାର୍ଯ୍ୟ କରଣ,ଫୁଲ ବଗିଚା , ରୋଗୀ ବସିବା ପାଇ ଚୌକି, ସ୍କାନର, ଷ୍ଟେବିଲାଇଜର ଇତ୍ୟାଦି ଅତିଆବଶ୍ୟକୀୟ ସାମଗ୍ରୀ ଅଣାଯିବାକୁ ବୈଠକରେ ଆଲୋଚଅନାକାରୀ ସ୍ଥିର କରିଥିଲେ । ଏହି ଅବସରରେ ଜିଲ୍ଲା ପରିଷଦ ସଦସ୍ୟ ତଥା ରୋଗୀ କଲ୍ୟାଣ ସମିତି ସଭାପତି ଲମ୍ବୋଦର ନିଆଲ, ବୋଡେନ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ସଂଜୀବ କୁମାର ନାଏକ, ସିଏଚ ଓ ଡାକ୍ତର ମାଝୀ, ବୋଡେନ ସ୍ୱାସ୍ଥ୍ୟକେନ୍ଦ୍ରରୁ ଲିଙ୍ଗେଶ୍ୱର ଦାସ, ସୁନୀଲ କୁମାର ଅଗସ୍ତି, ବାରିଷ୍ଟ ନାଗରିକ ରାଧା କାନ୍ତ ଯୋଷି, ହାଇସ୍କୁଲ ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ପଣ୍ଡା , ସାମ୍ବାଦିକ ଦିଲ୍ଲିପ କୁମାର ପଣ୍ଡା, ଏସଏଚଜି ମହିଳା ତୁଳସେ ଚିନ୍ଦା, ଇନ୍ଦୁମତି ବିନ୍ଦା, ଏଏନଏମ ପ୍ରମିଳା ନାଏକ, ଫାର୍ମାଶିଷ୍ଟ ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଏନସିସି ଆଲୁମିନି ତରଫରୁ ସ୍ୱାଗତ ଓ ସମ୍ବର୍ଦ୍ଧନା ସଭା

ଜୟପୁର,୧୩/୧୨ (ନି.ପ୍ର): ସ୍ଥାନୀୟ ବିକ୍ରମ ଦେବ କଲେଜରେ ଏନସିସି ଆଲୁମିନି ତରଫରୁ ଏକ ସ୍ୱାଗତ ଓ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ବିକ୍ରମ ଦେବ କଲେଜ ଏନସିସିର ଅଧ୍ୟାପକ ଡ଼ଃ ଲକ୍ଷ୍ମଣ ପାତ୍ରଙ୍କୁ ଡିଜି ଏନସିସି ଦ୍ୱାରା ପୁରସ୍କୃତ ହୋଇଥିବା ଯୋଗୁଁ ଆଉ କଲେଜରେ ନୂତନ ଭାବରେ ଆରମ୍ଭ ହୋଇଥିବା ମହିଳା କେଡ଼େଟ ମାନଙ୍କ ସହିତ ନୂତନ ଭାବରେ ମହିଳା ଅଧିକାରୀ ଭାବରେ ଯୋଗଦାନ କରିଥିବା ଅଧ୍ୟାପକ ଶ୍ରୀମତୀ ସନ୍ତୋସିନୀ ମୁଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସଭାକୁ ଜୟପୁର ଏନସିସିର ପୁରୁଣା କେଡ଼େଟମାନଙ୍କ ଦ୍ୱାରା ଗଠନ କରାଯାଇଥିବା ଏନସିସି ଆଲୁମିନି ଆୟୋଜନ କରିଥିଲେ । ଏହି ସଭାରେ ଏନସିସି ଆଲୁମିନିର ମହମ୍ମଦ ସରିଫ, ନୀଳମାଧବ ମିଶ୍ର, ଦେବେନ୍ଦ୍ର ବାହିନୀପତି, ଦୁର୍ଗା ଚରଣ ସାହୁ, ସତ୍ୟ ପଟ୍ଟନାୟକ, ରଞ୍ଜନ ମିଶ୍ର, ନିଶାନ ପଟ୍ଟନାୟକ, କୃଷ୍ଣ କେଶବ ଷଡଙ୍ଗୀ ଓ ଟି. ଶ୍ରୀନିବାସ ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ଦିନରେ ଆଲୁମିନି ତରଫରୁ ଜୟପୁରରେ ଏନସିସିକୁ ଆହୁରି ଆଗକୁ ନେବାପାଇଁ ସମସ୍ତ ପଦକ୍ଷେପ ନେବାପାଇଁ ସ୍ଥିର କରାଯାଇଥିଲା ।

# ବାତ୍ୟା କ୍ଷୟକ୍ଷତିର ଆକଳନ ପାଇଁ ପହଁଚିଲେ କେନ୍ଦ୍ରୀୟ ଟିମ

ପଟ୍ଟାମୁଣ୍ଡାଇ ୧୨ ଡିସେମ୍ବର (ହି.ସ.)ବାତ୍ୟା ଜୱାଦ କ୍ଷୟକ୍ଷତି ଆକଳନ ପାଇଁ ଆଜି କେନ୍ଦ୍ରାପଡା ଜିଲ୍ଲା ରେ ପହଂଚିଛନ୍ତି କେନ୍ଦ୍ରୀୟ ଟିମ୍। କେନ୍ଦ୍ରାପଡା ଜିଲ୍ଲାରେ ଅଦିନିଆ ବର୍ଷା ପ୍ରଭାବରେ ବ୍ୟାପକ ଧାନ ଫସଲ ସମେତ ବିଭିନ୍ନ ପନିପରିବା ଫସଲ ନଷ୍ଟ ହୋଇଛି। ପ୍ରଶାସନ ପକ୍ଷରୁ କୃଷି ବିଭାଗ ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଭାବେ ପ୍ରାଥମିକ କ୍ଷୟକ୍ଷତି ଆକଳନ କରାଯାଇଛି। ତେବେ ଫସଲ ଅମଳ ସମୟ ହୋଇଥିବା ବେଳେ ବର୍ଷା ଛାଡିବାର ୬ଦିନ ପରେ ମଧ ବିଲରେ ଆଣ୍ଠୁଏ ଉପରେ ପାଣି ଜମି ରହିଛି। ଯାହା ଫଳରେ ଅମଳ ହେବାକୁ ଥିବା ଧାନ ପଚି ନଷ୍ଟ ହେବା ସହ ଗଜା ମଧ ହୋଇଗଲାଣି। ଆଜି କେନ୍ଦ୍ରୀୟ ଟିମ ଜିଲ୍ଲା ରେ ପହଂଚି ବିଭିନ୍ନ ଅଂଚଳ ଯାଇ କ୍ଷେତ ପରିଦର୍ଶନ କରିଥିବା ସହ ଚାଷୀଙ୍କ ସହ ଆଲୋଚନା କରିଥିଲେ । ଏହି ଗସ୍ତ ସମୟ ରେ କେନ୍ଦ୍ରୀୟ ଟିମର ମିନିଷ୍ଟ୍ରି ଅଫ ରୋଡ ଟ୍ରାନ୍ସପୋର୍ଟ ର ଶାଶ୍ୱତ ମହାପାତ୍ର, ଜିଲ୍ଲା ପ୍ରଶାସନ ର ବରିଷ୍ଠ ଅଧିକାରୀ ଉପଜିଲ୍ଲାପାଳ , ସ୍ଥାନୀୟ ତହସିଲଦାର ପ୍ରମୁଖ ଉପସ୍ଥିତ ରହିଥିଲେ । କେନ୍ଦ୍ରୀୟ ଟିମ ପଟ୍ଟାମୁଣ୍ଡାଇ, ରାଜନଗର, ମାର୍ଶାଘାଇ ଓ ଗରଦପୁର ବ୍ଲକ ଅଂଚଳ ଯିବାର କାର୍ଯ୍ୟକ୍ରମ ରହିଛି। ଆଜି କେନ୍ଦୀୟ ଟିମ କେନ୍ଦ୍ରାପଡ଼ା ଜିଲ୍ଲା ର ପଟ୍ଟାମୁଣ୍ଡାଇ ବ୍ଲକ ରେ ପହଂଚି ଖେୟକ୍ଷତି ଆକଳନ କରିଛନ୍ତି । ପଟ୍ଟାମୁଣ୍ଡାଇ ବ୍ଲକ ର ବିଲିକଣା, ବାରହାପୁର, ସଂସାରଫଳ, କୁନ୍ଦୁପୁର ସମେତ ଅନେକ ପ୍ରଭାବିତ ଗାଁ କୁ ପରିଦର୍ଶନ କରି କ୍ଷୟକ୍ଷତି ବୁଲି ଦେଖିବେ ଏହାପରେ ରାଜନଗର ବ୍ଲକ ଯାଇ ରାଜନଗର ବ୍ଲକ ର ବାଲିକଣା, ମହୁଲିଆ, ହାତୀନା, ମଧୁପୁରୁ, ରାଜନଗର, ଓଲରା ପ୍ରଭୁତି ଗାଁ ପରିଦର୍ଶନ ରେ ଯିବେ କେନ୍ଦ୍ରୀୟ ଟିମ ସହ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଙ୍କ ସମେତ ସମସ୍ତ ଜିଲ୍ଲା ପ୍ରଶାସନ ଓ ବ୍ଲକ ର ସମସ୍ତ ଅଧିକାରୀ ଉପସ୍ଥିତ ଅଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ରେ ବିଶେଷ କରି ପ୍ରଭାବିତ ହୋଇଛନ୍ତି ଚାଷୀକୂଳ। ଜିଲ୍ଲାର ହଜାର ହଜାର ହେକ୍ଟର ଚାଷ ଜମି ପାଣିରେ ପଡି ନଷ୍ଟ ହୋଇଯାଇଛି। ତେବେ ଚାଷୀମାନେ କେନ୍ଦ୍ରୀୟ ଟିମ ସଦସ୍ୟ ମାନଙ୍କୁ ଭେଟି ନଷ୍ଟ ହୋଇଯାଇଥିବା ଧାନକେଣ୍ଡା ଦେଖାଉଛନ୍ତି। କ୍ଷୟକ୍ଷତି ର ଆକଳନ କରିବା ପାଇଁ କେନ୍ଦ୍ରୀୟ ଟିମ ଆସି କ୍ଷୟକ୍ଷତି ସମୀକ୍ଷା କରିଥିବାରୁ ଚାଷୀ ମାନଙ୍କୁ କ୍ଷତିପୂରଣ ଅଧିକ ମିଳିବ ବୋଲି ଚାଷୀ ମାନେ ଆଶା ରଖିଛନ୍ତ।

## ମୂଳାର ଉପକାରିତା

ଶୀତ ଋତୁରେ ସମସ୍ତଙ୍କ ରୋଷେଇ ଘରେ କିଛି ଥାଉ କି ନଥାଉ ମୂଳା ନିଶ୍ଚିତ ଥାଏ । ସାଧାରଣତଃ ଶୀତ ଋତୁରେ ମୂଳା ଖାଇବା ସ୍ୱାସ୍ଥ୍ୟପ୍ରତି ବେଶ୍ ଲାଭବାନ ହୋଇଥାଏ । ତେବେ ମୂଳା ଖାଇବା ଦ୍ୱାରା ଆମ ସ୍ୱାସ୍ଥ୍ୟକୁ କ'ଣ ଲାଭ ମିଳିଥାଏ ଆସନ୍ତୁ ଜାଣିବା ।



**ଥଣ୍ଡା ଓ କାଶରୁ ବଞ୍ଚାଏ:-** ସାଧାରଣତଃ ଶୀତ ଋତୁରେ ସମସ୍ତଙ୍କୁ ଥଣ୍ଡା ଓ କାଶ ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ । ଏଥିରେ ଆଣ୍ଟି - କଞ୍ଜୋଷ୍ଟିବ୍ ଗୁଣ ଥାଏ ଯାହା ଗଳାର କଫ ସଫା କରିବାରେ ସହାୟକ ହୋଇଥାଏ ।

**ରକ୍ତଚାପ ନିୟନ୍ତ୍ରଣ କରେ:-** ମୂଳା ଶରୀରର ସୋଡ଼ିୟମ ପୋଟାସିୟମ ସନ୍ତୁଳନକୁ ନିୟନ୍ତ୍ରଣ କରି ରକ୍ତଚାପକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରେ । ଏଥିସହ ଉଚ୍ଚ ରକ୍ତଚାପକୁ ମଧ୍ୟ ନିୟନ୍ତ୍ରଣ କରିଥାଏ ।

**ଚର୍ମକୁ ସୁସ୍ଥ ରଖେ:-** ମୂଳାରେ ସବୁ ପ୍ରକାରର ଭିଟାମିନ ରହିବା ସହିତ ଏଥିରେ ଫସ୍‌ଫରସ୍ ରହିଥାଏ, ଯାହା ଆମ ଚର୍ମର ଶୁଷ୍କପଣ ଏବଂ ଚର୍ମ ଫାଟିବାରୁ ରକ୍ଷା କରିଥାଏ । ଏଥିସହ ମୂଳାରେ ଅଧିକ ପରିମାଣରେ ପାଣି ରହିଥାଏ ଯାହା ତ୍ୱଚାକୁ ଉଜ୍ଜଳପଣ ଦେଇଥାଏ । ସେଥିପାଇଁ ପ୍ରତିଦିନ ମୂଳା ଖାଇବା ଉଚିତ୍ ।



**ମଧୁମେହ ନିୟନ୍ତ୍ରଣ କରେ:-** ମୂଳାରେ ଥିବା ପ୍ରଚୁର ପରିମାଣର ଫାଇବର ଶରୀରର ମଧୁମେହକୁ ନିୟନ୍ତ୍ରଣ କରିଥାଏ । ସେଥିପାଇଁ ଯେଉଁମାନେ ମଧୁମେହ ରୋଗରେ ପୀଡ଼ିତ ସେମାନେ ପ୍ରତିଦିନ ମୂଳା ଖାଇବା ଆବଶ୍ୟକ ।

**ଭୋକ ବଢ଼ାଇଥାଏ-** ଯଦି କାହାକୁ ଭୋକ ଲାଗୁନଥିବାର ସମସ୍ୟା ଥାଏ ତାଙ୍କୁ ମୂଳା ରସ ସହ ଅଦା ରସ ମିଶାଇ ପିଇବାକୁ ଦିଅନ୍ତୁ । ଏହା କରିବା ଦ୍ୱାରା ଭୋକ କଲାଗିବା ସହ ପେଟ ଜନିତ ରୋଗ ମଧ ଭଲ ହୋଇଥାଏ ।

## ମାଛ ପୁର୍ଗା

ଆବଶ୍ୟକ ସାମଗ୍ରୀ: ରୋହି ମାଛ, ଜିରା,ଧନିଆ ରସୁଣ, ଅଦା ଓ ସୋରିଷର ପେଷ୍ଟ, ହଳଦୀ ଗୁଣ୍ଡ, ଲୁଣ, ବସା ଦହି, ଲଙ୍କା ଗୁଣ୍ଡ, ରିଫାଇନ ତେଲ, ଶାଳ ପତ୍ର ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ଗୋଟା ରୋହି ମାଛକୁ ଆଣି ତା' ଦେହରୁ କାତି ଛଡ଼ାଇ ଧୋଇ ଏକ ପାତ୍ରରେ ରଖନ୍ତୁ । ପରେ ମାଛର ଦୁଇ ପଟକୁ ଛୁରୀରେ ଅଳ୍ପ କାଟି ଦିଅନ୍ତୁ । ପରେ ଜିରା,ଧନିଆ ରସୁଣ, ଅଦା ଓ ସୋରିଷର ପେଷ୍ଟ, ହଳଦୀ ଗୁଣ୍ଡ ,ସ୍ୱାଦ ଅନୁସାରେ ଲୁଣ, ବସା ଦହି, ଲଙ୍କା ଗୁଣ୍ଡ, ରିଫାଇନ ତେଲକୁ କଟା ମାଛ ଭିତରେ ପୁରାଇ ଦିଅନ୍ତୁ । ଆଉ କିଛି ମସଲାକୁ ମାଛ ଦେହରେ ଭଲ ଭାବରେ ବୋଳି ଦିଅନ୍ତୁ । ପରେ ଶାଳ ପତ୍ରରେ ମସଲା ବୋଳା ମାଛକୁ ଗୋଡ଼ାଇ ବାନ୍ଧି ଦିଅନ୍ତୁ । ପରେ ଏକ ମାଟି ପାତ୍ର ଆଣି ନିଆଁ ଅଙ୍ଗାର ଦେଇ ମାଛଟିକୁ ପୋଡି ଦିଅନ୍ତୁ । ପ୍ରାୟ ୨୦ ମିନିଟ ପର୍ଯ୍ୟନ୍ତ ମାଛଟିକୁ ନିଆଁ ଅଙ୍ଗାର ଭିତରେ ରଖନ୍ତୁ । ପରେ ତାଙ୍କୁ ବାହାରକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ମାଛ ପୁର୍ଗା ।



## ଶୀତରେ ମସଲା ଚା'



ଶୀତଦିନେ ଥଣ୍ଡା, ଜ୍ୱର, କାଶ, ଛିଙ୍କ ଏବଂ କଫ ଭଳି ସମସ୍ୟା ଉପନ୍ନହୁଏ ହୋଇଥାଏ । ଯଦିଓ ଏସବୁ ସାଧାରଣ କଥା; କିନ୍ତୁ ଏଥିପାଇଁ ଅନେକ କଷ୍ଟ ଉଠାଇବାକୁ ପଡ଼େ । ଔଷଧ ସେବନ ପରେ ବି ଅନେକ ସମୟରେ ଏହି ସଂକ୍ରାମକ ରୋଗ ଭଲ ହୋଇନଥାଏ । ଏଥିପାଇଁ କିଛି ଘରୋଇ ଉପଚାର ଗ୍ରହଣ କରାଯାଇଥାଏ । ଯେମିତି ମସଲା ଚା' । ପରିବର୍ତ୍ତିତ ପାଣିପାଗ ସାଙ୍ଗକୁ ଛୋଟଛୋଟ ସ୍ୱାସ୍ଥ୍ୟଗତ ସମସ୍ୟାରୁ ରକ୍ଷା କରିବାର ଏହା ଏକ ରାମବାଣ ମହୌଷଧି । ଲବଙ୍ଗ, ଅଦା, ଗୁଜୁରାତି, ଗୋଲମରିଚ ଏବଂ ତୁଳସୀ ପତ୍ରକୁ ଏକ ପ୍ୟାନରେ ଚାପତି ଏବଂ ପାଣି ସହ ସେ ପର୍ଯ୍ୟନ୍ତ ଫୁଟାନ୍ତୁ, ଯେଯାଏ ପାଣି ଅଧା କପ ହୋଇଛି । ଚା'ର ସ୍ୱାଦ ବଢ଼ାଇବାକୁ ଚାହୁଁଥିଲେ ସେଥିରେ ଏକ ଚାମଚ ମହୁ ମିଶାଇ ପାରିବେ । ଶୀତଦିନେ ପ୍ରତିଦିନ ସକାଳ ଏବଂ ସନ୍ଧ୍ୟାରେ ଏହି ମସଲା ଚା ପିଇବା ଦ୍ୱାରା ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଶରୀରର ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି କରି ଶୀତଦିନିଆ ରୋଗରୁ ରକ୍ଷାକରେ ।

## ଜାଣିବା କଥା

■ଇଡିଲି ପିଠା ପାଇଁ ପିଠଉ ପ୍ରସ୍ତୁତ କରୁଥିବା ବେଳେ ସେଥିରେ କିଛି ସଜଭାତ ବାଟି ଦିଅନ୍ତୁ ପିଠା ନରମ ହେବ ।

■ସିଝା ଅଣ୍ଡା କିଛି ସମୟ ଗରମ ପାଣିରେ ରଖିଦେଲେ ଶୀଘ୍ର ଛଡ଼ାଇ ହୋଇଯାଏ ।

■ଅଣ୍ଡା ଯଦି ଫାଟି ଯାଇଥାଏ, ପାଣିରେ ୧ଚାମଚ ଭିନେଗାର ମିଶାଇ ଅଣ୍ଡା ସିଝାନ୍ତୁ । ଏହାର ତରଳ ଅଂଶ ବାହାରିବ ନାହିଁ ।

■ରୁଟି ପାତ୍ରରେ କେତୋଟି ଅଦାକଟା ରଖିଲେ ରୁଟି ସତେଜ ଏବଂ ନରମ ରହିପାରେ ।

■ପକୁଡ଼ି କୁଡ଼ମୁଡ଼ିଆ କରିବା ଲାଗି ବେସନରେ ଅଳ୍ପ କର୍ଣ୍ଣଫ୍ଲୋର ନଚେତ୍ ଚାଉଳ ଚୁନାର ମିଶାଇ ଦିଅନ୍ତୁ ।

■କଲରାର ପିତା କମାଇବା ପାଇଁ ଏହାକୁ କାଟିବା ପରେ ଲୁଣରେ ଗୋଳାଇ ଅଧଘଣ୍ଟା ରଖିଦେବେ ।

■ସବୁଜ ପତ୍ରର ପରିବା ପ୍ଲାଷ୍ଟିକ ପାତ୍ରରେ ରଖିଲେ ଶୀଘ୍ର ଖରାପ ହୋଇଯାଏ ।

■ପିଆଜ କାଟିବା ପୂର୍ବରୁ ଏହାକୁ ଦୁଇଫାଳ କରି କିଛି ସମୟ ପାଣିରେ ରଖି ଦିଅନ୍ତୁ । ପରେ କାଟିଲେ ଆଖି ପୋଡ଼ିବ ନାହିଁ ।

■ଆଳୁ ଏବଂ ପିଆଜ ଏକାଠି ରଖନ୍ତୁ ନାହିଁ । ଏପରି ହେଲେ ଆଳୁ ଶୀଘ୍ର ନଷ୍ଟ ହୋଇଯାଏ । ଏହାପରେ ଡିପ୍ ଫ୍ରାଏ କଲେ ଆଳୁ ଚିପ୍‌ସ ଭଲ ହୋଇଥାଏ ।

## ଘର ଉପରେ ରହିବ ମା' ଲକ୍ଷ୍ମୀଙ୍କ କୃପା, ଯଦି ଏହି ଜିନିଷକୁ କହିଦେବେ ବାଏ ବାଏ

ଘର ସବୁବେଳେ ଧନଧାନ୍ୟରେ ପରିପୂର୍ଣ୍ଣ ହୋଇଥାଉ । ଘର ଉପରେ ମା' ଲକ୍ଷ୍ମୀଙ୍କ କୃପା ଦୃଷ୍ଟି ଲାଗି ରହିଥାଉ ବୋଲି ସମସ୍ତେ ମନେ ମନେ ଇଚ୍ଛା କରିଥାନ୍ତି । ଏଥିପାଇଁ ଯଥାସାଧ ଉଦ୍ୟମ ସହ ମା' ଲକ୍ଷ୍ମୀଙ୍କ ଆରାଧାନା କରିବାକୁ ମଧ ଭୁଲି ନ ଥାନ୍ତି । ତଥାପି ବେଳେବେଳେ ଏପରି ସ୍ଥିତି ଉପୁଜେ ପାଖରେ ଅର୍ଥର ଘୋର ଅଭାବ ପଡ଼ିଯାଏ । ହେଲେ ଜାଣିଛନ୍ତି ଏହାର କାରଣ କ'ଣ ହୋଇପାରେ । ବେଳେବେଳେ ଆମେ ଅଜାଣତରେ ଘରେ ଏପରି କିଛି ଅଶୁଭ ଜିନିଷ ରଖିଥାଉ, ଯାହାଦ୍ୱାରା ଘରେ ମା' ଲକ୍ଷ୍ମୀଙ୍କ ବାସ ହୁଏ ନାହିଁ ବୋଲି ବିଶ୍ୱାସ ରହିଛି । ତେଣୁ ଆଜି ଜାଣିବା ଘରେ ରଖିଥିବା କେଉଁ ଜିନିଷକୁ ବାହାର ରାସ୍ତା ଦେଖାଇବା ସହ ବାଏ ବାଏ କଲେ ଆମ ଘର ସୁଖ ସମୃଦ୍ଧିରେ ହସି ଉଠିବ । - ଘରେ ବନ୍ଦ ହୋଇଯାଇଥିବା ଘଣ୍ଟାର କୌଣସି ସ୍ଥାନ ନାହିଁ । ଘରର କାନ୍ଥ କିମ୍ବା ହାତରେ ବି ତାହାକୁ ପିନ୍ଧିବା କଥା ନୁହେଁ ।

♦ଘଣ୍ଟାକୁ ସୁଖ, ସମୃଦ୍ଧିର ପ୍ରତୀକ ବୋଲି ବିବେଚନା କରାଯାଏ । ହେଲେ ଯଦି ଆପଣଙ୍କ ଘରେ ବନ୍ଦ ହୋଇଯାଇଥିବା କିମ୍ବା ଭାଙ୍ଗି ଯାଇଥିବା ଘଣ୍ଟା ଅଛି, ତେବେ ତୁରନ୍ତ ତାହାକୁ ଘରୁ ବାହାର କରି ଫୋପାଡ଼ି ଦିଅନ୍ତୁ । ବେଳେବେଳେ ଘର କାନ୍ଥରେ ଝୁଲୁଥିବା କାନ୍ଥ ଘଣ୍ଟାଟି ଖରାପ ହୋଇ ଯାଇଥିବା ସତ୍ତ୍ୱେ ତା' ଉପରକୁ କାହା ନଜର ଯାଇ ନ ଥାଏ । ହେଲେ ଜାଣି ରଖନ୍ତୁ, ବନ୍ଦ ହୋଇଯାଇଥିବା ଘଣ୍ଟାର ଘରେ କୌଣସି ସ୍ଥାନ ନାହିଁ । ଘରର କାନ୍ଥରେ ତାହାକୁ ଲଗାଇବା ଉଚିତ ନୁହେଁ, ଏପରିକି ହାତ ଘଣ୍ଟାରେ ଏପରି ସମସ୍ୟା ଦେଖାଦେଲେ ଠିକ୍ ନ କରିବା ପର୍ଯ୍ୟନ୍ତ ତାହାକୁ ପିନ୍ଧନ୍ତୁ ନାହିଁ । ତୁରନ୍ତ ତାହାକୁ ଘରୁ ବାହାର କରି ଫୋପାଡ଼ି ଦିଅନ୍ତୁ ।






♦ଘରେ କେବେ ବି ଭଗବାନଙ୍କ ଭଙ୍ଗା ମୂର୍ତ୍ତି ରଖିବା ଉଚିତ ନୁହେଁ । ଏପରି ମୂର୍ତ୍ତି ଘରକୁ ଦୁର୍ଭାଗ୍ୟକୁ ଡାକି ଆଣିଥାଏ । ତେଣୁ ଘରେ ଭଗ୍ନ ଅବସ୍ଥାରେ ଥିବା ମୂର୍ତ୍ତିକୁ ତୁରନ୍ତ ବିସର୍ଜନ କରି ତାହା ସ୍ଥାନରେ ନୂଆ ମୂର୍ତ୍ତି ସ୍ଥାପିତ କରନ୍ତୁ ।

♦ ଘରେ କେବେ ବି ଭଙ୍ଗା କାଠ ଜିନିଷ ରଖନ୍ତୁ ନାହିଁ । ତୁରନ୍ତ ଏହାକୁ କବାଡିବାଲାକୁ ବିକ୍ରି କରି ଦିଅନ୍ତୁ । ଘରେ କେବେ ବି ଭାଙ୍ଗି ଯାଇଥିବା ଚେୟାର, ଟେବୁଲ ପରି ଜିନିଷ ରଖନ୍ତୁ ନାହିଁ । ଆପଣଙ୍କ ଭାଗ୍ୟ ଉପରେ ଏହାର ନକରାତ୍ମକ ପ୍ରଭାବ ପଡ଼ିପାରେ ।

♦ଭାଙ୍ଗି ଯାଇଥିବା କାଚ ସାମଗ୍ରୀ ପାଇଁ ବି ଘରେ କୌଣସି ସ୍ଥାନ ରଖନ୍ତୁ ନାହିଁ । ଘରେ ଥିବା ମିରର, ଝରକା କାଚ କିମ୍ବା କାଚ ବଲ୍ ଭାଙ୍ଗି ଯାଇଥିଲେ ତାକୁ ତୁରନ୍ତ ଘରୁ ବାହାର କରି ଦିଅନ୍ତୁ । ଏହା ଘର ଉପରେ ନକରାତ୍ମକ ପ୍ରଭାବ ପକାଇଥାଏ ।

♦ ରୋଷେଇ ଘରେ କେବେ କି ଭାଙ୍ଗି ଯାଇଥିବା କିମ୍ବା ଚାପି ହୋଇ ଆକାର ପରିବର୍ତ୍ତନ ହୋଇ ଯାଇଥିବା ବାସନ ରଖନ୍ତୁ ନାହିଁ । ଏହାକୁ ଅଶୁଭ ବୋଲି ବିବେଚନା କରାଯାଏ । ତେଣୁ ତୁରନ୍ତ ଏହାକୁ ଘରୁ ବାହାର କରି ନୂଆ ବାସନ ରଖନ୍ତୁ ।

♦ ଏପରିକି ଘରେ ଥିବା ଛିଣ୍ଡା ତଥା ପୁରୁଣା ଚପଲକୁ ବି ବାହାର ରାସ୍ତା ଦେଖାଇ ଦିଅନ୍ତୁ । ଏହା ଘରକୁ ଦୁର୍ଭାଗ୍ୟ ଡାକି ଆଣି ଦେଇଥାଏ ।

## ଥଣ୍ଡା, ଛିଙ୍କରୁ ରକ୍ଷା ପାଇବାର ଘରୋଇ ଉପଚାର



ଶୀତଦିନେ ପିଲାଠାରୁ ବଡ଼ ସମସ୍ତେ ଥଣ୍ଡା ରୋଗରେ ଆକ୍ରାନ୍ତ ହୁଅନ୍ତି । ଏ ବାବଦରେ ସଚେତନ ରହିବା ସତ୍ତ୍ୱେ ଥଣ୍ଡା ସଂକ୍ରମଣରୁ ରକ୍ଷା ପାଇବା ଏତେ ସହଜ ହୋଇନଥାଏ । ତେବେ ଔଷଧ ଖାଇବା ପୂର୍ବରୁ କୋତୋଟି ଘରୋଇ ଉପଚାର କରିନେବା ଭଲ ।

ସକାଳୁ ନାକ ବନ୍ଦ ହୋଇ ବାରମ୍ବାର ଛିଙ୍କ ହେଉଥିଲେ, ପ୍ରଥମେ ମିଶ୍ରି, ଅଦା ତେଜପତ୍ର ଫୁଟା ଉଷୁମ ପାଣି ପିଇନ୍ତୁ । ପରେ ଜଳଖିଆ ଖାଇବା ଉଚିତ । ଏହି ଉଷୁମ ପାଣି ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଥଣ୍ଡାରୁ ରକ୍ଷା କରେ ।

ମହୁ, ଆୟୁର୍ବେଦରେ ମହୁକୁ ଅମୃତ ଭାବେ ବର୍ଣ୍ଣନା କରାଯାଇଛି । ଶୁଦ୍ଧ ମହୁ ପିଲାଙ୍କୁ ଖୁଆଇବା ଖୁବ୍ ହିତକାରୀ । ଅନ୍ୟପାଖେ ଶୀତଦିନେ ରାତିବେଳା ଭୋଜନ ପରେ ୧ ଗିଲାସ ନଖ ଉଷୁମ କ୍ଷୀରରେ ୧ଚାମଚ ଶୁଦ୍ଧ ମହୁ ମିଶାଇ ପିଇଲେ ତାହା ଥଣ୍ଡାରୁ ରକ୍ଷା କରେ । ଯୁବବର୍ଗ ଓ ବୟସ୍କ ନିୟମିତ ଭାବେ ଏଇ ପାନୀୟ ପିଇଲେ ହଜମ ଶକ୍ତି ମଧ୍ୟ ଭଲ ଭାବେ ହୁଏ । ପ୍ରାୟ ୫ହଜାର ବର୍ଷ ପୂର୍ବେ ହିଁ ଅଁଳାର ବ୍ୟବହାର ହୋଇଥିବାର ବିଶେଷଜ୍ଞ ଦଳ ପ୍ରକାଶ କରିଛନ୍ତି । ଥଣ୍ଡା, ଛିଙ୍କ କବଳରୁ ରକ୍ଷା ପାଇବାକୁ ଚାହୁଁଥିଲେ ସକାଳ ଓ ସନ୍ଧ୍ୟାରେ ଅଁଳା ଫଳ ଖାଆନ୍ତୁ । ନଚେତ ଅଁଳା ଗୁଣ୍ଡ ମଧ ନଖ ଉଷୁମ ପାଣିରେ ଖାଇଲେ ତାହାର ଉତ୍ତମ ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼େ ।

## ମୁଣ୍ଡବ୍ୟଥାର କାରଣ

ମୁଣ୍ଡବ୍ୟଥାକୁ ସମସ୍ତେ ଏକ ସାଧାରଣ ସମସ୍ୟା ଭାବୁଥିଲେ ମଧ୍ୟ ତାହା ପଛରେ ଲୁଚି ରହିଥାଏ ଅନେକ ଗମ୍ଭୀର କାରଣ । ଯାହା ଆଗକୁ ଯାଇ ସୃଷ୍ଟି କରିପାରେ ଏକ ଜଟିଳ ସମସ୍ୟା । ତେଣୁ ସମସ୍ତ ଥାଉଁ ଥାଉଁ ଏହାର କାରଣ ଜାଣିବା ସହ ସଠିକ୍ ଉପଚାର କରିବା ଅତ୍ୟନ୍ତ ଆବଶ୍ୟକ । ତେବେ ଆସନ୍ତୁ ଜାଣିବା ମୁଣ୍ଡବ୍ୟଥା ପଛରେ ଲୁଚି ରହିଥିବା ଛୋଟବଡ଼ କାରଣ ସମ୍ପର୍କରେ.. ।

♦ଯଦି ବିନା କାରଣରେ ମୁଣ୍ଡବ୍ୟଥା ହେଉଥାଏ, ତେବେ ତାହା ବ୍ରେନ ଟ୍ୟୁମର ହେବାର ସଙ୍କେତ ହୋଇପାରେ ।

♦ଉଚ୍ଚ ରକ୍ତଚାପ କାରଣରୁ ମୁଣ୍ଡବ୍ୟଥା ଓ ଛାତିର ଯନ୍ତ୍ରଣା ଆଦି ଅନୁଭବ ହୋଇଥାଏ । ସେଥିପାଇଁ ଅସହ୍ୟ ମୁଣ୍ଡବ୍ୟଥା ହେଲେ ତୁରନ୍ତ ରକ୍ତଚାପ ପରୀକ୍ଷା କରିବାର ଉଚିତ ।

♦ହଠାତ୍ ମୁଣ୍ଡରେ ଅସହ୍ୟ ଯନ୍ତ୍ରଣା ଅନୁଭବ ହେବା ସହ ଯଦି ଶରୀରର ଗୋଟିଏ ପାର୍ଶ୍ୱ ସଠିକ୍ ଭାବେ କାର୍ଯ୍ୟ ନକରେ, ତେବେ ତାହା ଷ୍ଟ୍ରୋକର ସଙ୍କେତ ହୋଇପାରେ ।

♦ଯଦି ଆପଣଙ୍କ ଠାରେ ମୁଣ୍ଡବ୍ୟଥା ଜନିତ ସମସ୍ୟା ଦେଖାଦେଇଥାଏ, ତେବେ ତାହା ଦୃଷ୍ଟିଶକ୍ତି ହ୍ରାସ ପାଇବାରେ ଲକ୍ଷଣ ହୋଇପାରେ ।

♦ଅଧିକାଂଶ ସମୟ ଚିନ୍ତାଗ୍ରସ୍ତ ରହିବା ଯୋଗୁଁ ଶରୀରର ରକ୍ତ ସଞ୍ଚାଳନ ବଢ଼ି ଯାଇଥାଏ । ଏହାର ସିଧାସଳଖ ପ୍ରଭାବ ମସ୍ତିଷ୍କ ଉପରେ ପଡ଼ିବା ଯୋଗୁଁ ମଧ୍ୟ ମୁଣ୍ଡବ୍ୟଥା ହୋଇପାରେ ।



## ବାସ୍ତୁ ଶାସ୍ତ୍ରରେ ଦୂର କରାନ୍ତୁ ନକାରାତ୍ମକ ଶକ୍ତି

ଆମ ପରମ୍ପରାରେ ବାସ୍ତୁଶାସ୍ତ୍ରକୁ ଯଥେଷ୍ଟ ମାତ୍ରାରେ ଗୁରୁତ୍ୱ ଦିଆଯାଉଛି । ଆଜିକାଲି ଅଧିକାଂଶ ଲୋକେ ବାସ୍ତୁଶାସ୍ତ୍ରର ନିୟମ ଅନୁସାରେ ଘର ତିଆରି କରୁଛନ୍ତି । ବାସ୍ତୁବିତ୍ ଦୀକ୍ଷା ରାଠିଙ୍କ ମତରେ କେତେକ ଦିଗ ପ୍ରତି ସାମାନ୍ୟ ଦୃଷ୍ଟି ଦେଲେ ଘରୁ ନକରାତ୍ମକ ଶକ୍ତି ଦୂର ହୋଇଯିବ । ଘରର ମୁଖ୍ୟ ଦ୍ୱାର ସଫାସୁତୁରା ରଖିବା ଉଚିତ ମୁଖ୍ୟ ଦୁଆର ଏଭଳି ଭାବରେ ବତୀ ଲଗାଯିବା ଦରକାର ଯେ ତାହା ଉଜ୍ଜ୍ୱଳ ଆଲୋକ ପ୍ରଦାନ କରୁଥିବା । ଏହି ବତୀ ଖରାପ ହେଲେ ତୁରନ୍ତ ପରିବର୍ତ୍ତନ କରିବା ଜରୁରୀ । ପ୍ରବେଶ ଦୁଆରରେ କାଠର କବାଟ ରହିଲେ ସକାରାତ୍ମକ ଶକ୍ତି ଉତ୍ପନ୍ନ ହୁଏ । ଏହା ସାମାନ୍ୟ ଉଚ୍ଚତାରେ ରହିଲେ ଅଧିକ ଭଲ ପ୍ରଭାବ ପକାଇଥାଏ । ମୁଖ୍ୟ ଦୁଆରର କାନ୍ଥରେ ଗଣେଶଙ୍କ ଷ୍ଟିକର କିମ୍ବା ଚିତ୍ରାଙ୍କନ କରିବା ପରିବାର ସଦସ୍ୟଙ୍କ ଉପରେ ଖୁବ୍ ଶୁଭଫଳ ପକାଇଥାଏ । ଅନ୍ୟ ଏକ କଥା ମଧ ଧ୍ୟାନପରେ ରଖିବା ଉଚିତ, ଘର ବାଲକୋନି କିମ୍ବା ଛାତ ଉପରେ ଫୁଲଗଛ ରଖିଥିଲେ, ଶୁଖିଲା ଫୁଲଗଛକୁ ଫିଙ୍ଗିଦିଅନ୍ତୁ । ଏହି କାରଣରୁ ମଧ ଘରେ ନକାରାତ୍ମକ ଶକ୍ତି ଉତ୍ପନ୍ନ ହୋଇଥାଏ ।



## ଅମୃତ ବଚନ


ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କୃଷକମାନଙ୍କ ଭବିଷ୍ୟତ...

ତିନିଗୋଟିଯାକ ବିବାଦୀୟ କୃଷି ଆଇନକୁ ପ୍ରତ୍ୟାହାର କରି ନେବା ସହିତ ଅନ୍ୟ କେତେକ ପ୍ରମୁଖ ପ୍ରସଙ୍ଗ ଉପରେ କେନ୍ଦ୍ର ସରକାରଙ୍କ ହାତକୁ ଲିଖିତ ପ୍ରତିଶ୍ରୁତି ଦେବାକୁ ବିବଶ କରିଦେବା ପରେ ବେଶ୍ କେତେକ ରାଜ୍ୟର କୃଷକମାନେ, ଯେଉଁମାନେ ଗତବର୍ଷ ନଭେମ୍ବର ୨୬ ତାରିଖରୁ ରାଜଧାନୀ ଦିଲ୍ଲୀର ବିଭିନ୍ନ ସୀମାରେ ଆନ୍ଦୋଳନ କରି ଆସୁଥିଲେ, ସେମାନେ ଗତ ୧୧ ତାରିଖରେ ପ୍ରତିବାଦ ସ୍ଥଳୀଗୁଡ଼ିକୁ ସେମାନଙ୍କୁ ସେମାନଙ୍କ ପ୍ରତିଶ୍ରୁତି ମୁତାବକ ଖାଲି କରିବା ଆରମ୍ଭ କରିଛନ୍ତି। ଆଉ ଅଳ୍ପଦିନ ମଧ୍ୟରେ ସେମାନେ ସେମାନଙ୍କ ନିଜ ନିଜ ଘରକୁ ବାହୁଡ଼ି ଯାଇଥିବେ ଏବଂ ପୁଣିଥରେ ଲାଗିଯିବେ ସେମାନଙ୍କ ଚାଷ କାର୍ଯ୍ୟରେ- ଫସଲ ଅମଳ ଋତୁ ହେତୁ ଫସଲ ଅମଳରେ। ସଂଯୁକ୍ତ କିଷାନ ମୋର୍ଚ୍ଚା ଏହି ନିଷ୍ପତ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନୋଟିଯାକ କୃଷି ଆଇନକୁ ପ୍ରତ୍ୟାହାର କରିନେବା ପାଇଁ ଘୋଷଣା କରିବାର ୧୯ଦିନ ପରେ ନେଇଛି। ତେବେ ଏସ୍‌କେଏମ୍‌ର ଜଣେ ନେତା ଗୁରୁନାମ୍ ସିଂହ ଚାରୁଣି କହିଛନ୍ତି ଯେ ସେମାନଙ୍କର ଏହି ବିକ୍ଷୋଭ କେବଳ ବର୍ତ୍ତମାନ ପାଇଁ ସ୍ଥଗିତ ରହିଛି। ଜାନୁଆରୀ ୧୫ ତାରିଖରେ ଏକ ସମୀକ୍ଷା ବୈଠକ କରି ସେମାନେ ଦେଖିବେ ଯେ ସରକାର ସେମାନଙ୍କୁ ଯେଉଁସବୁ ପ୍ରତିଶ୍ରୁତି ଦେଇଛନ୍ତି, ତାହା ଯଦି ପୂରଣ ନ କରନ୍ତି, ତା'ହେଲେ ପୁଣିଥରେ ସେମାନେ ବିକ୍ଷୋଭ ଆରମ୍ଭ କରିବେ। ଯେ ଯାହାହେଉ, କୃଷକମାନଙ୍କର ଏହି ପ୍ରତ୍ୟାବର୍ତ୍ତନ ପରେ ସମସ୍ତଙ୍କ ପାଇଁ ଖୁସିର ଅବସରଟିଏ ଆସିଛି ଏବଂ ଏହାର କାରଣ ହେଉଛି ଦିଲ୍ଲୀ ସୀମାରେ ସଡ଼କଗୁଡ଼ିକ ବର୍ତ୍ତମାନ ଖାଲି ହୋଇଯିବ ଯାହା ବର୍ଷକରୁ ଅଧିକ ସମୟ ଧରି ଯାତ୍ରୀ ଓ ସ୍ଥାନୀୟ ଅଧିବାସୀମାନଙ୍କ ସ୍ୱଚ୍ଛନ୍ଦ ଜୀବନଯାପନ ପଥରେ ଅସୁବିଧା ସୃଷ୍ଟି କରି ଆସୁଥିଲା। ସେହିପରି ଶୀତ କାକରରେ ରାସ୍ତାକଡ଼ରେ ପଡ଼ି ରହିବା ସହିତ ମାନସିକ ଚାପ ଯୋଗୁଁ କୌଣସି କୃଷକ ଆଉ ପ୍ରାଣ ହରାଇବାର ଭୟ ମଧ୍ୟ ରହିବ ନାହିଁ। ସର୍ବୋପରି କୌଣସି ଅପ୍ରତ୍ୟାଶିତ ଦୁର୍ଘଟଣା ମଧ୍ୟ କୃଷକ ଓ ପୁଲିସ ମଧ୍ୟରେ ଆଉ କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତିର କାରଣ ହେବନାହିଁ। କୃଷକମାନେ ଖୁସି ହେବେ ଯେ ସେମାନେ ସରକାର ବିରୋଧରେ ସଂଗ୍ରାମ କରି ସଫଳତାର ସହିତ ସେମାନଙ୍କ ନିଜ ନିଜ ଘରକୁ ବାହୁଡ଼ି ଆସିଛନ୍ତି। ଆଉ କେନ୍ଦ୍ର ସରକାର ମଧ୍ୟ ଖୁସି ହେବେ ଯେ କୃଷକମାନଙ୍କ ପ୍ରତିବାଦ ରୂପକ ବିପଦ, ଯାହା ସେମାନଙ୍କୁ ରାଜନୀତିକ ଦୃଷ୍ଟିକୋଣରୁ ଆସନ୍ତା ବର୍ଷ ପ୍ରଥମାର୍ଦ୍ଧରେ ହେବାକୁ ଥିବା ଉତ୍ତରପ୍ରଦେଶ, ପଂଜାବ ଏବଂ ଉତ୍ତରାଖଣ୍ଡର ବିଧାନସଭା ନିର୍ବାଚନଗୁଡ଼ିକରେ ଆହୁରି ଅଧିକ ଆଘାତ ଦେଇଥାନ୍ତା, ତାହା ବର୍ତ୍ତମାନ ଟଳି ଯାଇଛି, ଯଦିଓ ଏଭଳି ସ୍ୱ-ଆଶ୍ୱାସନା ସତ୍ତ୍ୱେ ସରକାର ଯେ ଆଘାତ ପାଇବେ ନାହିଁ, ତାର କିଛି ନିଶ୍ଚିତତା ନାହିଁ।

ଏସବୁ ସତ୍ତ୍ୱେ କୃଷକମାନଙ୍କ ପ୍ରତିବାଦର ପରିସମାପ୍ତି, ଯାହା ଯଦି କେତେକ ପରିବର୍ତ୍ତନ ସହିତ ସେମାନଙ୍କର ପୂର୍ବାବସ୍ଥାକୁ ପ୍ରତ୍ୟାବର୍ତ୍ତନର ସୂଚନା ଦିଏ, ତେବେ ସେଗୁଡ଼ିକ କୌଣସି ଦୃଷ୍ଟିରୁ ଆକାଂକ୍ଷିତ ବୋଲି କ୍ୱଚିତ୍ କୁହାଯାଇପାରିବ। ସେଗୁଡ଼ିକ ହେଉଛି- ଶୀତ ଋତୁରେ ଦିଲ୍ଲୀର ବାୟୁମଣ୍ଡଳ ଧୂମାଚ୍ଛାଦିତ କରି ବେଶ କିଛି ସପ୍ତାହ ପର୍ଯ୍ୟନ୍ତ ଦିଲ୍ଲୀବାସୀଙ୍କୁ ଆକ୍ରାନ୍ତ କରି ଦେଉଥିବା ଫସଲର ଅବଶିଷ୍ଟାଂଶ ପୋଡ଼ି ନିମନ୍ତେ ଏହାର ଚତୁଃପାର୍ଶ୍ୱରେ ରହିଥିବା ରାଜ୍ୟମାନଙ୍କର କୃଷକମାନଙ୍କୁ କିଛି ଦିନ ପାଇଁ ଅବାଧ ଅନୁମତି ଦିଆଯିବା; ଫସଲର ସର୍ବନିମ୍ନ ସହାୟତା ମୂଲ୍ୟ ପ୍ରଦାନ କରିବାର ବ୍ୟବସ୍ଥାକୁ ଆଇନଗତ କରିବା ନିମନ୍ତେ ପଦକ୍ଷେପ ନିଆଯିବା- ଯେଉଁଥିପାଇଁ ସରକାର ଏକ କମିଟି ଗଠନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଏବଂ ଏକ ସଂସ୍କାରବାଦୀ ବ୍ୟବସ୍ଥା ଥିବା ଏକ ଆଇନ୍ ଆଣିବା ନିମନ୍ତେ ପ୍ରତିଶ୍ରୁତି ପ୍ରଦାନ କରିବା। ଉପରୋକ୍ତ ତିନିଗୋଟିଯାକ ସୁବିଧା ମଧ୍ୟରୁ ପ୍ରଥମଟି ଦେଶର ପରିବେଶ ପାଇଁ ହାନିକାରକ ହୋଇଥିବାବେଳେ ଦ୍ୱିତୀୟ ଏବଂ ତୃତୀୟଟି ଦେଶର ଅର୍ଥନୀତି ପାଇଁ ହାନିକାରକ ସାବ୍ୟସ୍ତ ହେବାର ସମ୍ଭାବନା ବହନ କରୁଛି। କିଛିମାସ ପୂର୍ବେ ଯେତେବେଳେ କୃଷି ଆଇନ୍‌ଗୁଡ଼ିକ ପାରିତ ହୋଇଥିଲା, ସେତେବେଳେ ଏହା ହେବାର ଆବଶ୍ୟକତା ରହିଥିଲା ବୋଲି ବିବେଚନା କରାଯାଉଥିଲା, କାରଣ ଭାରତରେ କୃଷି ଅଧିକତଃ ଅଣପ୍ରତିଯୋଗିତାମୂଳକ ଏବଂ ସରକାରଙ୍କ ସହାୟତା ବିନା ଅଣଲାଭଦାୟକ। ଯଦିଓ ଯୁକ୍ତି ଦର୍ଶାଯାଇପାରେ ଯେ ପାରିତ ଆଇନଗୁଡ଼ିକ କୃଷି କ୍ଷେତ୍ରର ଆୟରେ ଉଲ୍ଲେଖନୀୟ ବୃଦ୍ଧି ଘଟାଇବା ସହିତ ଭାରତୀୟ କୃଷିକୁ ପ୍ରତିଯୋଗିତାମୂଳକ କରିବାର ସମ୍ଭାବନା ବହନ କରୁନଥିଲା, ତା' ସହିତ ଏହା ମଧ୍ୟ ସତ୍ୟ ଯେ ସେଗୁଡ଼ିକର ପ୍ରତ୍ୟାହାର ଏବଂ ତା'ର ପରିଣତି ସ୍ୱରୂପ କୃଷକମାନଙ୍କ ପ୍ରତିବାଦର ପ୍ରତ୍ୟାହାର ବର୍ତ୍ତମାନ କୃଷକମାନଙ୍କୁ ସେମାନଙ୍କ ପୂର୍ବ ସ୍ଥିତିକୁ ଫେରାଇ ନେଇଛି, ଯେଉଁଠି ସେମାନେ ଥିଲେ ୨୦୧୯ ପର୍ଯ୍ୟନ୍ତ।

## ଧର୍ମଘଟ ନୁହେଁ ଖେଳଘର



**ମାୟାଧର ନାୟକ**

ଅନଶନ, ଧାରଣା, ବିକ୍ଷୋଭ, ଘେରାଉ, ଧର୍ମଘଟ, ବନ୍ଦ ଯାହା କଲେ ବି ମାଲିକ ଶ୍ରେଣୀ- ସରକାର ଆଉ ଖାତିର କରୁନାହାନ୍ତି । ପ୍ରତିବାଦରେ ଯୋଗ ଦେଉଥିବା ଶ୍ରମଜୀବୀ ଶ୍ରେଣୀ, ରାଜନୈତିକ ଦଳ ଏବଂ ପରିଚାଳନା କରୁଥିବା ନେତାମାନଙ୍କର ସତ୍ୟ, ନ୍ୟାୟ ପାଇଁ ଶେଷ ପର୍ଯ୍ୟନ୍ତ ଲଢିବାର ମନୋବୃତିରେ ପ୍ରଚଣ୍ଡ ଦୁର୍ବଳତା ଦେଖାଦେଇଛି । ପ୍ରଥମେ ଯେଉଁ ଗର୍ଜନ ତର୍ଜନରେ ଆରମ୍ଭ ହୁଏ, ସାମାନ୍ୟ ଧକ୍କାରେ ତାହା ଭାଙ୍ଗି ଚୁରମାର୍ ହୋଇଯାଏ । ଏଭଳି ଘଟଣା ଅହରହ ଘଟିଚାଲିଛି । ଯାହା ଫଳରେ ଆନ୍ଦୋଳନକାରୀଙ୍କ ମଧରେ ହତାଶା ବୃଦ୍ଧି ପାଉଛି ।

ସଂକଳ୍ପ ଓ ସଂଘର୍ଷ ମଧରେ ଶତ ସହସ୍ର ସଂଗ୍ରାମୀଙ୍କ ବିନିମୟରେ ଯେଉଁ ଗଣତାନ୍ତ୍ରିକ ଅଧିକାର ହାସଲ କରି ଜନଗଣ ନୂତନ ସମାଜର ମୂଳଦୁଆ ପକେଇ ଆଗେଇ ଯିବାର ଥିଲା- ତାହା ଆଜି ମୁକ୍ତ ପୁଞ୍ଜିବାଦର କୁଛବାହକ ମୁନାଫାଖୋର ମାଲିକଶ୍ରେଣୀର ଷଡଯନ୍ତ୍ରରେ ପଣ୍ଡ ହୋଇଯାଇଛି । ମାଲିକଶ୍ରେଣୀ କବଳିତ କରିଛି ରାଷ୍ଟ୍ରଯନ୍ତ୍ର, ଧାରଣ କରିଛି ଦମନର ନୂଆ ନୂଆ ଶକ୍ତିଶାଳୀ ହତିଆର । ସେହି ତୁଳନାରେ ଜନଗଣଙ୍କ ପ୍ରତିରୋଧର ଅସ୍ତ୍ର ପୁରୁଣା ହୋଇଯାଇଛି । ସଂଗ୍ରାମର ନୂତନ ପର୍ଯ୍ୟାୟରେ ସେ ଅସ୍ତ୍ର ଆଜି ଅଚଳ ଅକାମୀ । ସେଥିପାଇଁ ଆଜିର ଚତୁର ମାଲିକଶ୍ରେଣୀର ମୁକାବିଲା କରିବାରେ ପଛେଇ ଯାଇଛି ଜନବିପ୍ଳବର ଧାରା, ଶ୍ରମଜୀବି ଶ୍ରେଣୀର ବିକ୍ଷୁବ୍ଧ ଆନ୍ଦୋଳନ। ଏ ପର୍ଯ୍ୟନ୍ତ କୌଣସି ସଂଗଠନ, ନେତା କିମ୍ବା ବୁଦ୍ଧିଜୀବୀ ଶ୍ରମିକ ଶ୍ରେଣୀର ନୂତନ ଅସ୍ତ୍ର ଉଦ୍‌ଘାଟନ କରିପାରି ନାହାନ୍ତି । ଶ୍ରମିକ ସଂଗଠନ-ରାଜନୈତିକ ଦଳଗୁଡିକ ଶ୍ରମିକମାନଙ୍କୁ ଗୋଡାଣିଆ-ଅର୍ଥନୈତିକ ସୁବିଧାବାଦୀ ରାସ୍ତାରେ ଟାଣି ନେଇଛନ୍ତି । ଶ୍ରମିକଶ୍ରେଣୀର ନୈତିକ ମେରୁଦଣ୍ଡକୁ ଭାଙ୍ଗିଦିଆଯାଇଛି । ଶ୍ରମଜୀବୀ ଶ୍ରେଣୀକୁ ସଚେତନ କରିବା ଜ୍ଞାନ ଅସ୍ତ୍ରରେ ସଜ୍ଜିତ କରିବା ଅତ୍ୟନ୍ତ ପ୍ରୟୋଜନୀୟ କାର୍ଯ୍ୟଟି କେହି କରୁନାହାନ୍ତି । ଦେଶର ପ୍ରଚଳିତ ପଚା-ପୁତି ଗନ୍ଧମୟ ସମାଜବ୍ୟବସ୍ଥାର ବିକଳ୍ପ ଏ ପର୍ଯ୍ୟନ୍ତ ସୃଷ୍ଟି ହୋଇପାରିନି- ଯାହା ଅତ୍ୟନ୍ତ ଜରୁରୀ ।

କିଛିବର୍ଷ ହେଲା ଭାରତବର୍ଷରେ ସାଂପ୍ରଦାୟିକ ଫାସିବାଦ ତାର ଖେଳାଲୀଳା ଚଳାଇଥିବା ବେଳେ ଦେଶବାସୀ ଫାସୀବାଦର ନାଗଫାସ ବନ୍ଧନରେ ଛନ୍ଦି ହୋଇଯାଉଛନ୍ତି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭାରତବର୍ଷ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ବୋଲି ସମ୍ବିଧାନରେ ଲେଖାଅଛି । ପ୍ରତି ମୁହୂର୍ତ୍ତରେ ଆମେ ସମ୍ବିଧାନକୁ ଗୋଇଠା ମାରି ଦଳି ଚାଲିଛେ । ଏଥିପାଇଁ କାହାରିକୁ ଦଣ୍ଡ ନାହିଁ । ଖୋଲାଖୋଲି ଭାବେ ଧର୍ମ ନାଁରେ ରାଜନୀତି, ଜାତି, ବର୍ଣ୍ଣ ନାଁରେ ରାଜନୀତି କରି ଶାସନ କ୍ଷମତା ଦଖଲ କରୁଛେ । ପ୍ରତି ମୁହୂର୍ତ୍ତରେ ପ୍ରଚଳିତ ଆଇନ୍ ଭଙ୍ଗ କରୁଛେ- ଏହା କେବଳ ଆମ ଦେଶରେ ନୁହେଁ, ବିଶ୍ୱର ସବୁ ରାଷ୍ଟ୍ରରେ ବେଆଇନ କାର୍ଯ୍ୟକଳାପକୁ ଜବରଦସ୍ତ ସାବ୍ୟସ୍ତ କରିବା ଅଭ୍ୟାସରେ ପରିଣତ ହୋଇଗଲାଣି । ବିଶ୍ୱବାସୀ ଏକ ଭୟଙ୍କର ବିପଦ ଆଡକୁ ଟାଣିହୋଇଯାଉଛନ୍ତି ।

ବିଚାର ବିଭାଗ ହୁଅନ୍ତୁ କି ସରକାର ହୁଅନ୍ତୁ- କୌଣସି ପ୍ରଥାକୁ ବାତିଲ ଘୋଷଣା କଲେ ତାହା ବାତିଲ ହୋଇଯାଏନା । ଧର୍ମଘଟକୁ ବାତିଲ କଲେ ତାହା ଅନ୍ୟ ଏକ ଭୟଙ୍କର ରୂପରେ ଅନ୍ୟ ଶବ୍ଦରେ ଦେଖାଦେବ। ଶ୍ରମଜୀବୀମାନେ ଯେତେବେଳେ ଦାବୀ ହାସଲ ପାଇଁ ସୁଯୋଗ ପାଇବେ ନାହିଁ ସେତେବେଳେ ସେମାନଙ୍କ ପେଟପାଟଣା ଦାଉରେ ଅଶାନ୍ତି ଅସନ୍ତୋଷର ନିଆଁ କୁହୁଳି କୁହୁଳି ହେବ ବିସ୍ଫୋରଣ । ଚରମପନ୍ଥା ଅବଲମ୍ବନ କରିବାକୁ ବାଧ ହେବେ । ଏହା ଧର୍ମଘଟଠାରୁ ଆହୁରି ମାରାତ୍ମକ ରୂପ ଧାରଣ କରିବ ।

ଦେଶରେ ସାମ୍ପ୍ରଦାୟିକ ଦଙ୍ଗା କ୍ୟାନସର ରୋଗ ଭଳି ମାଡିଚାଲିଛି । ଶାସନକ୍ଷମତାରେ ଥିବା ରାଜନେତାମାନେ ପ୍ରତି ମୁହୂର୍ତ୍ତରେ ସାମ୍ପ୍ରଦାୟିକ ବିଦ୍ୱେଶ-ଘୃଣା ସୃଷ୍ଟି କରି ଦଙ୍ଗା ଲଗାଇବାରେ ସଫଳ ହେଉଛନ୍ତି। ସେହି ସବୁ ସାମ୍ପ୍ରଦାୟିକ ଶକ୍ତି ଦଳକୁ ସୁପ୍ରିମକୋର୍ଟ ବାତିଲ କରିଦେଇ ପାରିବ କି ? ଅଧିକାଂଶ ବିଚାରପତିଙ୍କର ବିଚାର ପକ୍ଷପାତ ହେବା ବହୁ ନଜିର ରହିଛି । ବିଚାରପତିମାନେ ଅବସର ନେଲାପରେ କିଏ ରାଜ୍ୟସଭା ସଦସ୍ୟ ହେବ, କିଏ କେଉଁ ତଦନ୍ତ କମିଶନର ମୁଖ୍ୟ ହେବେ କିମ୍ବା ସେମାନଙ୍କ ପରିବାରରୁ କିଏ ସୁବିଧାସୁଯୋଗ ପାଇବେ- ଏଇ ମନୋଭାବ ଚାକିରି କଲାବେଳେ ରହିଥିବାରୁ ସେମାନେ ପକ୍ଷପାତ ବିଚାର କରିବାର ସମ୍ଭାବନା ସମ୍ପୂର୍ଣ୍ଣ ସନ୍ଦେହମୁକ୍ତ ନୁହେଁ ।

ସାଧାରଣ ଜନତାର ସ୍ୱର ସମ୍ମିଳିତ ଦାବୀକୁ ଦବାଇବାର କି ଦୁଃଖଦାୟକ ମସୁଧା । ଅଧର୍ମ ଚିତଧର୍ମୀ ଅପସଂସ୍କୃତିର ଯେଉଁ କୁତ୍ସିତ କୀଟାଣୁ ଭାରତବର୍ଷର କଳିଜାକୁ ଖତମ କରିବାର ଜଘନ୍ୟ ଅଭିଯାନ ଆରମ୍ଭ କରିସାରିଛି ତାହାର ଭଲା ଅନ୍ତ ଘଟାଇବାର ଉଦ୍ୟମ ମାନ୍ୟବର ସୁପ୍ରିମକୋର୍ଟଙ୍କ ପକ୍ଷରୁ ଅନୁଭୂତ ହୁଅନ୍ତା କି? ଦୁଃଖ ଲାଗେ- ୨୦୦ ବର୍ଷର ରାଜ କରିଆସିଥିବା ସାହେବ ସରକାର ଦେଶୀ ଆନ୍ଦୋଳନକୁ ନିଷିଦ୍ଧ ଘୋଷଣା କରି ନଥିଲା- ଅଥଚ ଆମ ଦେଶୀ ଶାସନରେ ଆଜି ମାନ୍ୟବର ସୁପ୍ରିମକୋର୍ଟ ଜନଜାଗୃତିର ପ୍ରତୀକସ୍ୱରୂପ ଜନଗଣଙ୍କର ଧର୍ମଘଟଗୁଡ଼ିକୁ ରଦ୍ଦ କରିବାର ଯେଉଁ ଦଣ୍ଡଶାଦେଶ ଶୁଣାଇଛନ୍ତି ତାହା ଘୋର ପରିତାପର ବିଷୟ । ଏହା ଦେଶକୁ ଲଜ୍ଜା – ଜାତିକୁ ଲଜ୍ଜା – ଉଲ୍‌ଟତମ ଲଜ୍ଜା ମଧ ଆମ ଭବିଷ୍ୟତ ପିଢୀର ଉତରଦାୟଦମାନଙ୍କ ପାଇଁ ।

ଲୁହ ଲହୁର ଲଢେଇ ପାଇଁ ଶେଷକୁ ହାର ମାନିବ ? ଶ୍ରମଜୀବୀ-ସଂସ୍କୃତି ହେବ ପଥଭ୍ରଷ୍ଟ ? ସାଧାରଣ ମଣିଷର ସ୍ୱପ୍ନ, ସଂଘର୍ଷ ଓ ସଂକଳ୍ପ ହେବ ନୀତିଭ୍ରଷ୍ଟ ? ଶ୍ରମିକ ଶ୍ରେଣୀର ଭବିଷ୍ୟତ ହେବ ନଷ୍ଟବିନଷ୍ଟ ? ଧ୍ୱଂସର ଆସନ୍ନ ଅନ୍ଧକାର ବିରୋଧରେ ଆଲୋକ ଓ ଅଙ୍ଗୀକାରର ଅଭିଯାତ୍ରା ପାଇଁ ସମୟ ପହଂଚିଯାଇଛି ଆଜି । ଏହି ଘଡିସନ୍ଧି ମୁହୂର୍ତ୍ତରେ ପଶ୍ଚାତଗତିର ବ୍ୟର୍ଥତା ଓ ବିଡମ୍ବନାର ନୂତନ ଅଭିଜ୍ଞତାର ଶିକ୍ଷା ହାସଲ କରି ଜନଗଣଙ୍କ ହାତରେ ଗଣଆନ୍ଦୋଳନର ନୂତନ ଆଭିମୁଖ୍ୟ ଜ୍ଞାନଅସ୍ତ୍ର ଧରାଇଦେବା ହିଁ ସମୟର ଆହ୍ୱାନ ।

ଧ୍ୱଂସର ଆସନ୍ନ ଅନ୍ଧକାର ବିରୋଧରେ ଆଲୋକ ଓ ଅଂଗୀକାରର ଅଭିଯାତ୍ରା ପାଇଁ ସଂଗ୍ରାମ ଚଳେଇ ରଖିଛନ୍ତି ସେଇ ସଂଗ୍ରାମର ଅସଲ ଆହ୍ୱାନର ଘଡିସନ୍ଧି ମୁହୂର୍ତ୍ତ ପହଂଚିଯାଇଛି ।

ଏବେ ବିଶ୍ୱବ୍ୟାପୀ ସର୍ବହରା-ସଂସ୍କୃତି ସଂପ୍ରତି ଗତି କରୁଛି ଏକ ଗୁରୁତର ସଂକଟର ସନ୍ଧିକ୍ଷଣ ମଧରେ । ପୃଥିବୀ ତମାମ୍ ପୁଞ୍ଜିବାଦ ଅର୍ଥନୈତିକ-ସାମରିକ ସାମ୍ରାଜ୍ୟବାଦ ପ୍ରତିଷ୍ଠା କରି ସାରିଛି ତା'ର ବିଶାଳ ସାମ୍ରାଜ୍ୟ... ନୂଆ ଅବତାର ନେଇ ବିଛାଇ ବସିଛି ନିଜ ଜଘନ୍ୟ ଷଡଯନ୍ତ୍ର ସୂକ୍ଷ୍ମଜାଲ । ଏ ଜାଲକୁ କାଟିବାକୁ ହେଲେ ମେହନତୀ ମଣିଷର ଆଜି ପ୍ରୟୋଜନ ଆହୁରି ନୂତନ ଓ ସୂକ୍ଷ୍ମତର କର୍ମ ଏବଂ ତତ୍ତ୍ୱର ସମ୍ମିଶ୍ରିତ ପାଶୁପତ ଅସ୍ତ୍ର ।


ଜନଗଣଙ୍କ ଜୀବନକୁ ନେଇ ଜୁଆ ଖେଳୁଥିବା ମୃତ୍ୟୁମୁଖୀ ପୁଞ୍ଜିବାଦୀ ବ୍ୟବସ୍ଥାରେ ଆଜି ଅବାନ୍ତର ହୋଇଉଠିଛି ମଣିଷର ମୁକ୍ତି ଓ ଅଧିକାର ପ୍ରସଙ୍ଗ । ଶାସନ, ପ୍ରଶାସନ, ନ୍ୟାୟତନ୍ତ୍ର-ଗଣତନ୍ତ୍ରର ସବୁ ଗମ୍ବୁଜ ଉପରେ ସଂପ୍ରତି ପୁଞ୍ଜିବାଦର ପତାକା ଉଡୁଛି ବିଶ୍ୱବ୍ୟାପୀ । ସୋଭିଏତ୍ ରୁଷ ପୂର୍ବ ୟୁରୋପ ଦେଶ ପର୍ଯ୍ୟନ୍ତ ସମାଜବାଦକୁ ଅବିଚାରିତ ଭାବରେ ସମର୍ପଣ କରି ଦିଆଯାଇଛି ପୁଞ୍ଜିବାଦର ବିଷାକ୍ତ ବାତାବରଣ ଖେଳିଯାଇଛି ।

ମୁକ୍ତି ଓ ଅଧିକାର ପରିବର୍ତ୍ତେ ସାରା ଦୁନିଆର ଶ୍ରମଜୀବୀ ବର୍ଗ, ସାଧାରଣ ମଣିଷ ଆଜି ମୋହ ଓ ଆତ୍ମବିସ୍ମୃତିରେ ଆକ୍ରାନ୍ତ । ମୁନାଫାଧର୍ମୀମାଲିକାନା କବଳିତ କରିସାରିଛି ରାଷ୍ଟ୍ରଯନ୍ତ୍ର, ରାଜନୀତି, ଅର୍ଥନୀତିର ସମସ୍ତ ସତା । ଧର୍ମ, ସାମ୍ପ୍ରଦାୟିକତା, ବିଭାଜନବାଦୀ ମାନସିକତାର ବିଷମଞ୍ଜି ବୁଣି ବିଭକ୍ତ ବିଶ୍ୱକୁ ଡରାଇ ଥରାଇ ରଖିଛି ବିଭୀଷିକାମୟ ପୁଞ୍ଜିବାଦ । ସଂକଟର ସନ୍ଧିକ୍ଷଣରେ ଆଜି ଭୂଆଁ ବୁଲୁଛି ସମଗ୍ର ଭାରତବର୍ଷ । ଗଣତନ୍ତ୍ର ଆଜି ରକ୍ତାକ୍ତ। ଚାରିଆଡେ ନାହିଁ ନାହିଁର ନକ୍ସା ।

ଆମେ ଜାଣୁ –
ପୁଷ୍ପ-ସୁରଭିତ ନୁହେଁ
ବିପ୍ଳବର ପଥ...
କାଳେ କାଳେ ତାହା
କଂଟକିତ, କଙ୍କରିଳ,
କଠିନ-କଠୋର !
ଦୁର୍ଗମ-ଦୁସ୍ତର !
ଲିଳାସବିଭୋର ନୁହେଁ
ବିପ୍ଳବୀର ବ୍ରତ...
ଯୁଗେ ଯୁଗେ ତାହା ଶିକ୍ଷାୟିତ ସାଧନାରେ ଦୀପ୍ୟମାନ, ଅଗ୍ନିସ୍ନାତ ଅତ୍ମୋତ୍ସର୍ଗରେ ଅନିର୍ବାଣ ବିରାମହୀନ!
ଲହୁଲୁହାଣ !
ଲେଲିହାନ !
ସଠିକ ବିପ୍ଳବର ଚୂଡାନ୍ତ ନିଷ୍ପତି
ଗତି ! ଅଗ୍ରଗତି ।
ସଚ୍ଚା ବିପ୍ଳବୀର
ବୈତାଳିକ ବୀଜମନ୍ତ୍ର
ଚରୈବେତି – ଚରୈବେତି
ଲୁହର ଲହର ପାଖେ ଲଟକି ଯାଏ ନା ବିପ୍ଳବ... ଲହୁର ଲହଡି ପାଖେ ଅଟକି ଯାଏ ନା ବିପ୍ଳବୀ... ସବୁ କିଛି ଶୀତଳ ସ୍ଥିତାବସ୍ଥାର ସେତୁବନ୍ଧ ଭାଙ୍ଗି, ପୀଡିତ ପରମ୍ପରାର ପ୍ରାଚୀନ ପ୍ରାଚୀର ଧ୍ୱସ୍ତବିଧ୍ୱସ୍ତ କରି, ବଜ୍ରକଠିନ ସଂକଳ୍ପ ନେଇ, ଆଗେଇ ଯିବାକୁ ପଡେ ବିପ୍ଳବୀକୁ ଆସନ୍ତାକାଲିର ଶାଣିତ ସୁପ୍ରଭାତ ଉଦ୍ଦେଶ୍ୟରେ ।

+ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

## ବିଧାନସଭା ଚଳାଇବା ଦାୟିତ୍ୱ କାହାର?



**ସୁବ୍ରତ କର**

ନିଶ୍ଚିତ ଭାବରେ ସାଢ଼େ ଚାରି କୋଟି ଜନତାଙ୍କର ନୁହଁ! କିନ୍ତୁ ଲକ୍ଷଲକ୍ଷ ଟଙ୍କା ବରବାଦ ହେଉଛି ସେହି ଟଙ୍କା ଜନତାଙ୍କର । ଏଇଟା କ'ଣ କରପସନ୍ ପର୍ଯ୍ୟାୟରେ ପଡ଼ିବ ନାହିଁ? ବିଧାନସଭା ଚାଲିବା କଥା ୨୬ ଦିନ କିନ୍ତୁ ଚାଲିଲା ମାତ୍ର ୯ ଦିନ, ସେ'ବି ପୁଣି ଟାଣି ଘୋଷାରି । ପୁଣି ସେହି ୯ ଦିନ ମଧରୁ କାର୍ଯ୍ୟ ହେଲା ମାତ୍ର ୨ ଘଣ୍ଟା । ହିସାବ କରି ଦେଖିଲେ ଏହି ୨ଘଣ୍ଟା ପାଇଁ କେତେ ଲକ୍ଷ ଟଙ୍କା ଖର୍ଚ୍ଚ ହେଲା? ଏହି ଟଙ୍କା ଲୋକଙ୍କ ଟଙ୍କା ସରକାରୀ ବାବୁ ଏବଂ ଜନ ପ୍ରତିନିଧିମାନଙ୍କ ପାଇଁ । ଅନ୍ତତଃ ଯଦି ଜନପ୍ରତିନିଧିମାନେ କିଛି କାମ ନକରି ତାଙ୍କର ରୋଜଗାର ଭତ୍ତା ନିଶ୍ଚୟ ନେବେ ଏବଂ ସେ ପୁଣି ୧୪୯ ଜଣ । ଅନ୍ୟାନ୍ୟ ଖର୍ଚ୍ଚ ଛାଡ଼ି ଦିଅନ୍ତୁ । ଦଳ ମାନଙ୍କର ପିଟାପିଟି ମରାମରି ପାଇଁ ଖର୍ଚ୍ଚ ଏବଂ ପିଟାପିଟି, ମରାମରିକୁ ସସମ୍ଭାଳିବା ପାଇଁ ଏବଂ ଆଇନ ଶୃଙ୍ଖଳାକୁ ବଜାୟ ରଖିବା ପାଇଁ ନିୟୋଜିତ ପୁଲିସ ବାବୁମାନଙ୍କ ପାଇଁ ଖର୍ଚ୍ଚ । ଅତିରିକ୍ତ ଖର୍ଚ୍ଚ ବିଭିନ୍ନ ବିଭାଗ ପାଇଁ ବରାଦ ଟଙ୍କା ସବୁ ଅନ୍ୟ ବିଚାର ବିମର୍ଷ ବା ଯୁକ୍ତିତର୍କ ନ ହୋଇ ଗିଲୋଟିନ୍ ଦେଇ ପାସ କରାଇ ନେବା ଏହା କ'ଣ ଗଣତନ୍ତ୍ର ? ଏମିତି କରିବାର ଥିଲା ଯଦି ଶୀତ ଅଧିବେଶନ ଡାକିବାର ଦରକାର ଥିଲା କି? ସବୁଆଡୁ ବିଚାରକୁ କେତେ ସାଧାରଣ ଜନତା କ୍ଷତିଗ୍ରସ୍ତ । ଏମିତିରେ ଆମ ରାଜ୍ୟ ପଛୁଆ ରାଜ୍ୟ ହିସାବରେ ଗଣା ହେଉଛି ଏବଂ ପାଖାପାଖି ୩୦ ଭାଗ ଲୋକ ଦାରିଦ୍ର ସୀମାରେଖା ତଳେ । ପୁଷ୍ଟି ଦାୟିତ୍ୱ ଖାଇବା ଯୋଗାଇବାରେ ଆମ ସରକାର ଜାତୀୟ ସ୍ତରରୁ ବହୁତ ତଳେ । ଚାଷୀମାନଙ୍କର ମାସକୁ ରୋଜଗାର ୫୦୦୦ ଟଙ୍କା ହୋଇଥିବା ବେଳେ ପଞ୍ଜାବର ଚାଷୀମାନଙ୍କ ମାସିକ ରୋଜଗାର ୧୨୦୦୦ ଟଙ୍କା । ଏହା ପରେ ବି ୨୬ଟି କାର୍ଯ୍ୟ ଦିବସରେ ବିଧାନ ସଭା ମୋଟେ ୨ ଘଣ୍ଟା ଚାଲିଲା । ଦଳ ଭୋଟ ପାଇବା ଶେଷ କଥା ନୁହଁ, ଶେଷ କଥା ନୁହଁ ଜଗନ୍ନାଥ ଏବଂ ମନ୍ଦିରକୁ ସସଜାଇବା ସରକାରୀ ପଇସାରେ । ଶେଷ କଥା ହେଉଛି ପ୍ରଶାସନ ଲୋକଙ୍କ ପାଖରେ ପହଞ୍ଚାବା ସମସ୍ତ ଜନତା ଠିକ୍‌ସେ ଖୁବ୍ କମ୍‌ରେ ପେଟପୁରା ଖାଇ ପାରିବେ, କାମ ତାଙ୍କୁ ମିଳିବା ଦରକାର, ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପାଇବା ଦରକାର, ପିଲାମାନେ ସ୍କୁଲଛାଡ଼ି, ପାଠ ପଢ଼ା କେମିତି ନ ଛାଡ଼ିବେ, ଚାଷୀର ରୋଜଗାର ପଞ୍ଜାବ ଚାଷୀର ରୋଜଗାର ସହିତ ସମାନ ହୋଇ ପାରିବ, ଇତ୍ୟାଦି ଇତ୍ୟାଦି । କିନ୍ତୁ ହେଲା କ'ଣ? ଗୋଟାଏ ମନ୍ତ୍ରୀଙ୍କ ପାଇଁ ୨୬ ଦିନ ୧୪୯ ଦିନ ପ୍ରତିନିଧି ମାନଙ୍କ ମୂଲ୍ୟବାନ ସମୟ ନଷ୍ଟ ହେଲା । ସରକାର କଣ ଗୋଟାଏ ମନ୍ତ୍ରୀଙ୍କୁ ବଳି ଦେଇ ପାରି ନଥାଆନ୍ତେ ଏମିତି ଆଗରୁ କେତେ ମନ୍ତ୍ରୀଙ୍କ ମନ୍ତ୍ରୀତ୍ୱ ଚାଲି ପାରିଛି, କାହିଁ କିଛି ତ ଫରକ୍ ପଡ଼ି ନାହିଁ ? ସରକାରଙ୍କ ଏତେ ଜିଦ୍ ଠିକ୍ ନୁହଁ କାରଣ ସରକାର ଜାଣିବା ଦରକାର ସେ ମୁଷ୍ଟିମେୟ ବିରୋଧି ଦଳ ସହିତ ଲଢୁନାହାନ୍ତି । ସେ ଲଢ଼େଇ ସାଢ଼େ ଚାରି କୋଟି ଲୋକଙ୍କ ସହିତ । ସେମାନଙ୍କ ଧୈର୍ଯ୍ୟ ପରୀକ୍ଷା କରିବା ସବୁବେଳେ ଠିକ୍ ନୁହଁ । ଜଗନ୍ନାଥ ଚାହୁଁଛନ୍ତି ସରକାର ଚାଲିଛି । କାଲି ଜଗନ୍ନାଥ ଅସନ୍ତୁଷ୍ଟ ହେଲେ ସରକାର ଚାଲିବା ନିଶ୍ଚୟ ଅସମ୍ଭବ ହୋଇ ପଡ଼ିବ । ସେତେବେଳେ କିଛି କରିବାର ନଥିବ ।




### ଶହେ ଅଣତ୍ରିଶ ବର୍ଷ ପରେ..
**ନରେନ୍ଦ୍ର ପ୍ରସାଦ ବେହେରା**

ଶହେ ଅଣତ୍ରିଶ ବର୍ଷପରେ ପୁଣି
ଡିସେମ୍ବରେ ହେଲା ବାତ୍ୟା
ଚାଷୀକୁଳ ଏବେ ଧମକ ଦେଲେଣି
କରିଦେବେ ଆତ୍ମହତ୍ୟା ।

ଜୱାଦ ବାତ୍ୟାରେ ଚାଷୀଙ୍କର ଚାଷ
ସବୁତ ଗଲା ଉଜୁଡି
ଦାଣ୍ଡ ଅଗଣାରେ ଚାଷୀ ଭାଇ ବସି
ଛାଡୁ ଅଛି ଖାଲି ରଡି ।

ରକତ ନିଗାଡି କରିଥିଲା ଚାଷ
ହେଲା ସବୁ ସର୍ବନାଶ
ମହାଜନ ଡାକେ ଋଣ ସୁଝିବାକୁ
ବେଗେ ବେଗେ ଚାଲି ଆସ ।

କାଟ ବଖରାକୁ ଆଣିଥିବା ଜମି
ଆଗ୍ରହେ କରିଲା ଚାଷ
କରଜ ଟଙ୍କାକୁ ସୁଝିବ କିପରି
ନିଶ୍ଚୟ ଖାଇବ ବିଷ ।

ଗରିବ ଚାଷୀଟି ମଉନେ ବସିଛି
ପରିବାର ଚିନ୍ତା କରି
ଧରମ ଦାଣ୍ଡରେ ବସି ଚକାଡୋଳା
ଦେଖୁଛି ନୟନ ଭରି ।

ହେଲା ନାହିଁ ଦୟା ଚାଷୀଭାଇ ପ୍ରତି
ଖେଳିଲା ଅଦେଖା ଖେଳ
କିଛିଦିନ ଆଉ ଦେଲାନି ସମୟ
ଘୋଟାଇଲା ମହାକାଳ ।

ଜଗତ କରତା ଜଗତ ବାସୀଙ୍କୁ
ଅବେଳାରେ ଦେଲା ଧୋକା
ଧର୍ମ ନିକିତିର ବଟକରା ସୁ
ହୋଇଗଲା ଆଜି ପୋକା ।

ଜଗତରନାଥ ଆହେ ଜଗନ୍ନାଥ
କାହିଁକି ଏ ଦୁଃଖ ଦେଲ
ନୟନରୁ ନୀର ଗଡାଇ ମହୀରେ
କି ଅବା ଧର୍ମ ଅର୍ଜିଲ ।

♥ କବିକମଳ, ସମ୍ପାଦକ- ମୋ ଅନୁଷ୍ଠାନ, ଆଳଦା, ଖଇରା, ବାଲେଶ୍ୱର,
(ମୋ)୯୮୫୩୧୪୨୫୧୦

### ନାରୀ
**ଯୁଧିଷ୍ଠିର କୁଅଁର**

ଜାଗହେ ଜଗତ କନ୍ୟା।
ଜଗତକୁ କରି ଧନ୍ୟା।
ଛୁଟାଅ ରକତେ ପୂରୁବ ଗୌରବ
ସତୀତ୍ୱ ସୌରଭ,
ନାରୀ ଉନ୍ମାଳିନ ବନ୍ୟା ।
ଆସହେ ଜଗତ ନାରୀ।
ମେଦିନୀ ଦନୁଜ ଅରୀ।
ସଂସ୍କାର ବନ୍ୟାରେ ମୋହିନୀ
ମୁଦ୍ରାରେ
କାଳ ବିଷ ନାଶି
ପୀୟୁଷ ଗୋ ଦିଅ ଭରି ।
ଉଠହେ କାମିନୀ ଇନ୍ଦୁ।
ରଜନୀ ରସନା ବନ୍ଧୁ।
ବାସନା ବର୍ଜିତ ଶୃଙ୍ଗାର ସତ୍ତ୍ୱରେ
ସମ୍ମୋହିତ କରି
ବିଶ୍ୱ ଭର ସୁଧା ସିନ୍ଧୁ ।
ପ୍ରଣମ୍ୟ ଦୁହିତା ଦୁର୍ଗା।
ଦୁର୍ଗତି ନାଶିନୀ ଉଗ୍ରା।
କୂଟ କପଟୀର ଛିନ୍ନ କରି ଶିର
ଧୂଳିସାତ କର
ଛାୟା ଛଳନାର ସ୍ପର୍ଦ୍ଧା ।

♥ ଡଗରପଡା, ବାଲେଶ୍ୱର
(ମୋ)୯୦୪୦୬୩୨୧୯୪

### ମାଣ ଠାକୁରାଣୀ
**ରାମ ଚନ୍ଦ୍ର ପ୍ରଧାନ**

ଜୟ ଲକ୍ଷ୍ମୀ ମାତା ଜୟ ସିନ୍ଧୁ ସୁତା
ତୁମେ ସତ୍ୟ ସନାତନୀ
ଜୟ ମାଁ କମଳା ଜୟ ମାଁ ଚଞ୍ଚଳା
ତୁମେ ସୌଭାଗ୍ୟଦାୟିନୀ।
ଜଗତ ଜନନୀ ଦୁଃଖ ବିଭଞ୍ଜନୀ
ଅନ୍ନଦାତ୍ରୀ ମହାରାଣୀ
ମାତା ପଦ୍ମାଳୟା କ୍ଷୀରାବ୍ଧି ତନୟା
ତୁମେ ମାଣ ଠାକୁରାଣୀ।
ବୈକୁଣ୍ଠ ବାସିନୀ ଉଲ୍ଲୁକ ବାହିନୀ
ଦୁଃଖ ହାରି ହରପ୍ରିୟା
ଦାରିଦ୍ର୍ୟ ନାଶିନୀ ରମାଦେବୀ ମାତା
ସର୍ବେ କର ହେ ସୁଦୟା।
ଜୟ ମହାଲକ୍ଷ୍ମୀ ଐଶ୍ୱର୍ଯ୍ୟ ଶାଳିନୀ
ବାଉନ ଭଣ୍ଡାର ରାଣୀ
ସର୍ବ ପାପ ହାରି ସୁର ନର ପୂଜ୍ୟା
ଜୟ ହେ ଦିନ ତାରିଣୀ।
ବିଷ୍ଣୁଙ୍କ ଘରଣୀ ହେ ଅମାର ରାଣୀ
ମଗୁଶୁରେ ତୁମ ପୂଜା
ତୁମେ ନ ଚାହିଁଲେ ଏ ବିଶ୍ୱ ବ୍ରହ୍ମାଣ୍ଡ
ହୋଇଯାଏ ଦିଗହଜା।
ଶାନ୍ତି ପ୍ରଦାୟିନୀ କଲ୍ୟାଣମୟୀ ମା
ଆଦ୍ୟଶକ୍ତି ମହେଶ୍ୱରୀ
ତୁମ ଶ୍ରୀଚରଣେ ଘେନ ମୋ ଶରଣ
ଭକ୍ତିରେ କରେ ଗୁହାରି।

♥ ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:୯୮୬୧୬୩୮୭୩୬

### ଷ୍ଟେସନ କୁଲି
**ବୀରକିଶୋର ନାୟକ**



ନୀରବେ ନୀରବେ ବୋହି ଯେ ଚାଲିଛି
ରେଳରେ ଲଦିବା ପାଇଁ,
ହେଉ ଯେତେ ଭାରୀ ନକରି ଖାତିରି
ସବୁ ବ୍ୟାଗ ନିଏ ବୋହି ।

କରୋନା କାଳରେ ବନ୍ଦ ହୋଇଗଲା
ରେଳଗାଡ଼ି ଚଳାଚଳ,
ଯାତ୍ରୀ ଆସିଲେନି କରୋନା ଭୟରେ
କୁଲିଙ୍କ ଖରାପ ବେଳ ।

ଜଣେ ଅଧେ ନୁହେଁ ଲକ୍ଷ ଲକ୍ଷ କୁଲି
ଜୀବିକା ହରାଇ ଦେଲେ,
ପରିବାର ପାଇଁ ଖାଦ୍ୟ ଯୋଗାଡ଼ିବା
ଚିନ୍ତାରେ ଲୁହ ଢ଼ାଳିଲେ ।

ବିଶ୍ୱ ପ୍ରତିକୋଣେ ଏଇ ପରିସ୍ଥିତି
ରେଳ ଷ୍ଟେସନ ଯେ ଶୂନ୍ୟ,
ବିଚରା କୁଲି ଯେ ନିରାହାରେ ରହେ
କିଏ ବୁଝେ ତାଙ୍କ ଦୈନ୍ୟ ।

କରୋନା କମିଛି ଆରମ୍ଭ ହୋଇଛି
ରେଳଗାଡ଼ି ଯାତାୟତ,
ତଥାପି ହେଉନି ଯାତ୍ରୀଙ୍କର ଭିଡ଼
ମନେ ହୋଇ ଆଶଙ୍କିତ ।

ଷ୍ଟେସନ ଆଗରେ ଧାଡିରେ ବସନ୍ତି
କୁଲିମାନେ କାମପାଇଁ
କାଁ ଭାଁ କେହି ଯାତ୍ରୀ ଆସେ ଯେବେ
ଯାଆନ୍ତି କୁଲିଏ ଧାଇଁ ।

ଯାତ୍ରୀର ପସନ୍ଦେ କୁଲିଟିଏ ପାଏ
ବ୍ୟାଗ ବୋହିବାର ଭାଗ୍ୟ,
ଆଗଭଳି ମଧ ମଜୁରୀ ମିଳେନା
କରେ ଯେତେ ଶ୍ରମ ତ୍ୟାଗ ।

କାନ୍ଧରେ, ପିଠିରେ, ମସ୍ତକ ଉପରେ
ବାଧ ଲଦିବାକୁ ସବୁ,
ଦୁଇଜଣ ହେଲେ ଦୁଇଭାଗ ହେବ
ଅବା କେତେ ଦେବେ ବାବୁ ?

ଏଇତ ଜୀବନ ନିତି ଖଟି ମରେ
ପେଟ ଚାଖଣ୍ଡକ ପାଇଁ,
କିଏ ବା ବୁଝୁଛି ବେଦନା ତାଙ୍କର
ଲହୁ ହୋଇ ଯାଏ ବହି ।

♥ ଖଣ୍ଡବନ୍ଧ, ଢେଙ୍କାନାଳ
ମୋ: ୮୮୪୭୮୪୨୨୯୭

### ଆଗୋ ନୀଳ ନୟନା
**କବିଜ୍ୟୋତି ନିରଞ୍ଜନ ପତି**

ଆଗୋ ନୀଳନୟନା
ପ୍ରେମ ପାଇଁ କେବେ କରନା ମନା
ଆଗୋ ନୀଳ ନୟନା(ଘୋଷା)
ତୁମ ରୂପ କାନ୍ତି ଥରେ ଦେଖିଲେ
ଆକୃଷ୍ଟ ହୋଇବ ମୁନି ବି ହେଲେ
ଖୋଲି କହିଦିଅ ମତେ ଭଲ ପାଅ।
ଜୀବନ କୃତାର୍ଥ ହୋଇବ ସିନା
ଆଗୋ ନୀଳ ନୟନା..।

ହରିଣୀ ପରାଏ ତୁମରି ନେତ୍ର
ଆଙ୍କିଲା ପରାଏ ମୁହଁରେ ଚିତ୍ର
ଗୋ' ହଂସ ଗାମିନୀ ପ୍ରୀତି ପ୍ରଦାୟିନୀ
ଶ୍ରଦ୍ଧାରେ ଗୁହାରୀ କରିବ ଘେନା
ଆଗୋ ନୀଳ ନୟନା....।

ତୁମକଥା ଭାବି ମନେ ହୁଏ ଖୁସି
ଦେଖାଦିଅ ଥରେ ତୁମେ ହସିହସି
ହସଫୁଲ କଢି ରାଗ ନଦୀ ବଢି
ବଞ୍ଚି ହେବନାହିଁ ତୁମରି ବିନ
ଆଗୋ ନୀଳ ନୟନା...।

♥ ଗାନ୍ଧିମାର୍ଗ ,ଅନୁଗୋଳ
ମୋ: ୯୯୩୮୧୩୩୫୫୯

## ଅଦୃଶ୍ୟ ନୀଡ

### ଶରତ କୁମାର ଦାସ



ଏବେ ତ ଝଡକୁ ସାମ୍ନା କରିବାର ବେଳ
ମଥାପାତି ଏକା ଏକା ନିର୍ଜନଦ୍ୱୀପରେ,
ଭୁଲିଯିବାକୁ ପଡିବ ଯେତେ ଲାଭକ୍ଷତି
ଲଢି ଲଢି ଜିତିଥିବା ଅସୁମାରି ଯୁଦ୍ଧ
ଅର୍ଜିଥିବା ଧନରତ୍ନ, ମାନ ସମ୍ମାନ
ପୁଣି ସୁଖ ଓ ସୌଭାଗ୍ୟ ।

କଳା ମେଘ ଢାଙ୍କିଲାଣି
ଆକାଶ ଛାତିରେ
ପବନର ବେଗ ପ୍ରଖର ହେଲାଣି
ଘୋଡାଦୌଡ ଭଳି ଆଗକୁ ଆଗକୁ
ଧାଇଁଲାଣି ନିଃଶ୍ୱାସ ଏକଲୟରେ
ଭୁଷୁଡିଗଲାଣି ବିଶ୍ୱାସର ସୁସଜ୍ଜିତ ଗଡ ।

ପ୍ରଜାପତିର ଡେଣାରୁ ଲିଭିଲାଣି ରଙ୍ଗ

ବସନ୍ତର ବେସୁରା ରାଗିଣୀରେ
ଦୋହଲିଗଲାଣି ଦେହ, ମନ, ପ୍ରାଣ,
ସମୟ ଖେଳୁଛି ଚକାଭଉଁରୀ
ଆକୀର୍ଣ୍ଣ ମରୁର ତପ୍ତ
ବାଲୁକା ଶଯ୍ୟାରେ ।

ସୂର୍ଯ୍ୟ ହଜିଲେଣି ପାହାଡ ସନ୍ଧିରେ
ତାରାମାନେ ଢାଳିଲେଣି ଲୁହ ନୀରବରେ
ଫୁଲଫଳ ଗଛଲତା ନଦନଦୀ
ସଭିଏଁ ଚୁପ୍ ଚାପ୍ , ମୌନ ପୁଣି ନିର୍ବିକାର
ଖୁବ୍ ଜୋର୍‌ରେ ଶୁଭିଲାଣି

ଭୂକମ୍ପନର ଶବ୍ଦ
ସାଗରର ଅଥଳ ଗର୍ଭରେ ।

ଟପ୍ ଟପ୍ ଶିଶିର ବିନ୍ଦୁରେ
ଶୀତେଇ ଗଲାଣି
ଶୀତ ସକାଳର କଅଁଳିଆ ଖରା
ପକ୍ଷୀମାନେ କୋଳାହଳ ଶୂନ୍ୟ
ଅଜଣା ଝଡର ତୀବ୍ର ପ୍ରକୋପରେ ।

ସ୍ୱପ୍ନ ସବୁ ଧୂସର ପାଲଟିଗଲାଣି
ନିଦାଘର ନିର୍ଘାତ ପ୍ରହାରରେ,
ଆଖିପଲକରେ ଧସେଇ ପଶିଲେଣି
ଅସରନ୍ତି ନିସ୍ତେଜତା
କେଉଁ ଆଦିମ କାଳର
ଶୃଙ୍ଖଳା ଓଠରେ ଲଟକିଗଲାଣି
ନୈରାଶ୍ୟର ଅସ୍ପଷ୍ଟ ଓ ଅଜଣା ବାଦଲ ।

ଫିକାପଡିଲାଣି ସମୁଜ୍ଜ୍ୱଳ ଅସ୍ତରାଗ
ମୁଠାଏ ଆତ୍ମୀୟତା
ସ୍ନେହ, ପ୍ରୀତି ଓ ସୌହାର୍ଦ୍ଦର ଲୋହିତ ବର୍ଣ୍ଣାଳୀ ।

କୁଣ୍ଡଳୀ କୁଣ୍ଡଳୀ ଧୂଆଁ ଗ୍ରାସକଲାଣି
ସଚରାଚର ବିଶ୍ୱବ୍ରହ୍ମାଣ୍ଡ
ଅନ୍ଧାରୁଆ ଦିଶିଲାଣି ଦଶ ଦିଗ
ଆଉ ଲୋଡା ନାହିଁ ଗାଣିତିକ ସୂତ୍ର
କଷିବାକୁ ଅଛିଣ୍ଡା ଗଣିତ ଜନ୍ମ ଓ ମୃତ୍ୟୁର
ଅବା ମାପିବାକୁ ଜିଇଁବାର ମାନଦଣ୍ଡ ।

ଏବେ ତ ଲେଉଟାଣି ବେଳ
ଆସ ହାତ ବଢେଇଦେବା ଶୂନ୍ୟକୁ
କଥାହେବା ଈଶ୍ୱରଙ୍କ ସହ ନିରୋଳାରେ
କାଳେ ଠିକଣାଟା ମିଳିଯିବ
ଖୋଜି ଖୋଜି
ଲୁଚେଇଦେବା ନିଜକୁ କେଉଁ
ଅଦୃଶ୍ୟ ନୀଡରେ
ବୁଲି ବୁଲି ଦୃଶ୍ୟ ଅବା ଅଦୃଶ୍ୟରେ ।


♥ ବଡବିଲ ମହାବିଦ୍ୟାଳୟ,
ବଡବିଲ, କେନ୍ଦୁଝର
(ମୋ) ୮୨୪୯୧୩୭୦୯୧


## ଭାନୁମତୀର ଭବିଷ୍ୟତ

### ଗିରିଜା ଶଂକର ଶର୍ମା



ଭାନୁମତୀର ଅଗଣାରେ
ଭାଂଗି ପଡ଼ିଥିବା, ଆକାଶର ଭଗ୍ନାଂଶ ।
ସବୁଆଡ଼େ ବିକ୍ଷିପ୍ତ କାଚଖଣ୍ଡ
ଯା' ଭିତରେ ଦିଶେ ଭାନୁମତୀର ମୁହଁ
ଶତଧା ଖଣ୍ଡିତ ।

ଏବେ ଭାନୁମତୀର ସ୍ୱପ୍ନ ସବୁ ଚୁରମାର ।
ଜୀବନ ସଂଗ୍ରାମରେ ସେ
ନିହାତି ଏକଲା ମଣିଷଟିଏ ।
ସଂସାରର ଜ୍ୱାଳାରେ ଜର୍ଜରିତ ।
ନା ଅଛି ଅସ୍ତ୍ର ନା ଅଛି ଶସ୍ତ୍ର
ତଥାପି ସେ ପାରୁ ପର୍ଯ୍ୟନ୍ତ ଲଢୁଥାଏ ।
କେବେ ଅଣନିଃଶ୍ୱାସୀ ତ କେବେ ଖରଶ୍ୱାସୀ
କିନ୍ତୁ ଯୁଦ୍ଧ ବନ୍ଦ ହୁଏ ନାହିଁ ।
ଜୀବନର ଯୁଦ୍ଧ ଇଏ
ଏନ୍ତୁଡ଼ିଶାଳରୁ ଚିତା ପର୍ଯ୍ୟନ୍ତ
କ୍ରମାଗତ ଚାଲିଥାଏ ।

ଜୀବନଟା ନନ୍ଦନ କାନନ ନୁହେଁ ଯେ
ସବୁଆଡ଼େ ରଂଗୀନ ଗୋଲାପର
ଅରଣ୍ୟ ଥିବ
ବା ଭେଲଭେଟି ପାଖୁଡ଼ାଟିଏ
ରଂଗ ମେଲିଥିବ ।
ଏଠି ଯେତେ ଫୁଲ, ତା'ଠୁ ଅଧିକ କଣ୍ଟା

ସବୁ ସହିଛି ଭାନୁମତୀ
ନିଦାଘର ସ୍ୱେଦସିକ୍ତ ଶରୀର
ହିମାଂକ ଛୁଇଁଥିବା ଡିସେମ୍ବର
ବର୍ଷାସ୍ନାତ ଧରିତ୍ରୀ ବା
କଳା ଅଂଧାର ରାତ୍ରୀ
ସବୁ ତାର ଦେହସୁହା

ଏବେ ଭାନୁମତୀର ମନ ଆକାଶରେ
ଅସ୍ଥିର ଉତ୍ତାଳ ତରଂଗ
ଆଉ କେତେଦିନ ଯଂତ୍ରଣା ସହିବ ଯେ ?
ଅବଶ ଶରୀର ଆଉ କ୍ଳାନ୍ତ ମନକୁ ନେଇ
ଆଉ କେତେ ବାଟ ଯିବ ?
ଆଗକୁ ରାସ୍ତା କେତେଦୂର ସେ ଜାଣେନା ।
କେତେବାଟ ଚାଲି ଆସିଲାଣି
ତା'ର ବି ହିସାବ ନାହିଁ ।
ତାକୁ ଏବେ ଶାନ୍ତି ଲୋଡ଼ା,
ଜଂଜାଳରୁ ମୁକ୍ତି ଲୋଡ଼ା,
ଆତ୍ମୀୟତା ପୂର୍ଣ୍ଣ ହାତଟିଏ ଲୋଡ଼ା ।


♥ ସୋନାପାଲି, ଧନକଉଡ଼ା,
ସଂବଲପୁର-୭୬୮୦୦୬
(ମୋ) ୯୪୩୭୦୮୮୬୦୨


## ଭ୍ରମ



### ରୀନାରାଣୀ ରାଉତରାୟ

ଜାଣିଥାନ୍ତି ହେଲେ ପୋଷିଥିବା ପକ୍ଷୀମାନେ
ଆଉ ଫେରିବେନି ଆକାଶର ମାୟାରୁ
କେବେ ଖୋଲିନଥାନ୍ତି ପଞ୍ଜୁରୀର ବାଟ ।

ଥରେ ଭାବିପାରିଥାନ୍ତି ଯଦି
ଅନ୍ଧାରର ବିପରୀତ ଧର୍ମୀ ଆଲୁଅ ବୋଲି
ଆଜି ପଶ୍ଚାତାପର ମେଘ
ଆକାଶକୁ ଘୋଡ଼େଇ ନଥାନ୍ତା ।

ବିଷାଦର ଧୂମ୍ର ବଳୟରେ
ଆତ୍ମଗୋପନ କରିଥିବା
ସକାଳକୁ ଖୋଜି ରକ୍ତାକ୍ତ କରିନଥାନ୍ତି ପାଦ ।

ଥାଉ ଅନ୍ଧାରଏମିତି ଅନ୍ଧାର ହୋଇ
ଆହୁରି ଗାଢ଼ ହେଉ ତା'ର ରଙ୍ଗ
କେବେ ଦିନେ
ସକାଳଟିଏ ଆବାହନୀ ଗାଇବ ବୋଲି
ଭ୍ରମଟିଏ ଦୃଢ଼ ହେଉଥାଉ ।

ହେଉ ପଛେ ଆକାଶକଇଁଆ
ପାଲୁଥିବି ସ୍ୱପ୍ନଟିଏ ସାରାକାଳ
ଜୀବନ ଗତିଶୀଳ ହେବା ପାଇଁ
ପିଛିଳ ରାସ୍ତାରେ
ଅନ୍ତତଃ ବାହାନାଟିଏ ତ ଲୋଡ଼ା ।

ଏ ଆକାଶ କ'ଣ କେବଳ ପକ୍ଷୀଙ୍କର !
ତେବେ କିଚିରିମିଚିରି ଶବ୍ଦର କୋଳାହଳରେ
କାହିଁକି ଧସେଇ ପଶେ ଶୂନ୍ୟତା ?


♥ ଗୋବରା, ତାଳଚେର
(ମୋ) ୯୭୭୬୬୩୬୧୦୦


## ଭଙ୍ଗା ଆଇନା

### କ୍ଷମାନିଧି ଭୋଇ



ହଁ, ଭଙ୍ଗା ଆଇନାରେ ଦେଖିବାକୁ ମନା ।

ଭଙ୍ଗା ଆଇନାରେ ପ୍ରକୃତ ଚେହେରାକୁ
ସହଜେ ଜାଣି ହୁଏନା ।

କାହା ବାହ୍ୟ ପରିପାଟିକୁ ଚାହିଁ
ଚିହ୍ନି ହୁଏନି ସହଜେ
କାହା ବ୍ୟକ୍ତିତ୍ୱର ଅନ୍ତର୍ନିହିତ ଗୁଣାବଳିକୁ
ଭଲମନ୍ଦର ଯେକୌଣସି ଅଭିସନ୍ଧିକୁ ।

ଏଠି ଯଥେଷ୍ଟ ପରିମାଣେ ଭିଡ଼
ସୁବିଧାବାଦୀମାନଙ୍କର
ପାଣିରେ ସର ପକେଇ କଥା କହୁଥିବା
ଭୟାନକ ଘରଢିଙ୍କି କୁମ୍ଭୀରମାନଙ୍କର ।

ଦୁଷ୍ଟ ଶକ୍ତି ପରି ଆତଯାତ
ଏଠି ଭଦ୍ରମୁଖାପିନ୍ଧା ଧୂର୍ତ୍ତ ମଣିଷ
ଯା'ର କୁଟିଳ ବୁଦ୍ଧି ପ୍ରୟୋଗେ ଅଣନିଶ୍ୱାସୀ
ସାଧାରଣ ଜନତାର ଦୈନନ୍ଦିନ
କାର୍ଯ୍ୟକଳାପ ।

ତା'ବୋଲି ତ କେବେ କେବେ
ଛନ୍ଦି ହୋଇପଡ଼େ
ଭୟାର୍ତ୍ତ ମୁହୂର୍ତ୍ତେ
ମଣିଷ ଜୀବନର ଅଲୋଡ଼ା ଅସହାୟତା ।

କିଏ କିଏ ଠିକ୍ କହିଛନ୍ତି
କଙ୍କଡ଼ାକୁ ଗୋଳିପାଣି ସୁହାଏ ବୋଲି ।

ନଚେତ୍ କେମିତି
ଆଇନ ବୋଲି ଚିଜଟି
ସବୁକିଛି ଚୁପଚାପ୍ ଦେଖୁଥାଆନ୍ତା
କିଛି ବି ନ ଦେଖିଲା ପରି
ତା' ଆଖିରେ କଳାପଟି ବାନ୍ଧି


ସାମ୍ପ୍ରତିକ ସମୟର ଅସ୍ପଷ୍ଟ ଇଲାକାରେ ।

ଦେଖ, ଭଙ୍ଗା ଆଇନା ପରି
କେମିତି ଏଠି ଖଣ୍ଡବିଖଣ୍ଡିତ
ସାମାଜିକ ବିଧି ବ୍ୟବସ୍ଥାଗୁଡ଼ିକ
କ୍ଷତାକ୍ତ ପୂର୍ବକ ଭଲ ମଣିଷର ହୃଦୟ ଟିକକ ।

ପାରିବ ଯଦି ଆହୁରି ଦେଖ
କେମିତି ଚୁପଚାପ୍ ରହିଛନ୍ତି ବସି
ମାର୍ବଲ ତିଆରି ଗାନ୍ଧିଜୀଙ୍କ ମୂର୍ତ୍ତି
ଖରା ବର୍ଷା ଶୀତ ପ୍ରକୋପେ ବି
ଧୂଳି ଧୂସରିତ ଦିହେ
କାହିଁକିନା, ବୋଧହୁଏ ସିଏ ଠିକ୍ ଜାଣିଛନ୍ତି
କାହାକୁ କିଛି କହିବାରେ ଏଠି
ତିଳେହେଁ ଲାଭ ନାହିଁ ବୋଲି ;
ଯେଉଁଠି ଆତ୍ମସ୍ୱାର୍ଥେ ନିମଜ୍ଜିତ
ମାଲିକଠୁ ଚାକର ପର୍ଯ୍ୟନ୍ତ
ଆଉ ଶାସକଠୁ ଶାସିତ ପର୍ଯ୍ୟନ୍ତ ।

ତେଣୁ, କିଛି ବି
ପ୍ରତୀୟମାନ ହୁଏନି ସଠିକ୍ ଭାବେ
ଏମିତିକି ଆପଣାର ପ୍ରତିଛବି
କେଉଁ ଅସଜଡ଼ା ସମାଜ ଅଥବା ଭଙ୍ଗା
ଆଇନାରେ ।


♥ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବଡ଼ଗାଁ
ଜି : ସୁନ୍ଦରଗଡ଼ (ଓଡ଼ିଶା)
ପିନ୍ : ୭୭୦୦୧୬
(ମୋ) ୯୪୩୮୨୯୨୯୩୩

## କେହି ଜଣେ ତ ଯିବ !

### ମାନସ ରଞ୍ଜନ ମହାପାତ୍ର

କେହି ଜଣେ ତ ଯିବ ସୁମନ୍ତ
ମୃତ୍ୟୁ ଅଭିଷେକରେ
ସେଇଟା ଈଶ୍ୱର ଓ ତା ଭିତରର
କଥା ଗୋପନରେ

ଦେଇଥିବା ପ୍ରେମ ସବୁ
ଫେରସ୍ତ ମିଳିବାର ନଥାଏ
କେହି କ'ଣ ଈଶ୍ୱରଙ୍କୁ ଦେଇଥିବା
ବୟସ ଫେରିପାଏ ?
ଦେବା ଯେତେ ସହଜ, ଫେରିପାଇବା
ତା'ଠୁ କଷ୍ଟ, ତୁମେ ଜାଣ ସୁମନ୍ତ
ସେଇଥିଲାଗି ବୋଧେ ହେଇଗଲ ନିଖୋଜ
ଅଚାନକ

ଏବେ ତୁମକୁ ଖୋଜୁଛି ମୁଁ
ସାରା ଭୁବନେଶ୍ୱରରେ
ତୁମେ କେଉଁଠି ଯେ ସୁମନ୍ତ !
କେଉଁ ଛକରେ.. !
(ବାଲ୍ୟ ବନ୍ଧୁ ନିଖୋଜ କବି ସୁମନ୍ତ ମିଶ୍ରକୁ
ମନେ ପକେଇ)


♥ (ମୋ)୯୮୯୧୯୪୬୧୭୮


## ଚୌକି

### ବୃନ୍ଦାବନ ଦାସ



ମାତିଛନ୍ତି ପଙ୍ଗପାଳ ଦଳ
ଚୌକି ଖଣ୍ଡକପାଇଁ...ଗାଦିପାଇଁ
ଅସଲ ମହୁଟିକକ
କ୍ଷମତା ପାଇଁ, ?
ମେଲିବାନ୍ଧିଲେଣି
ମୁଖ ପୁସ୍ତିକା ଦୂରଦର୍ଶନ କାଗଜ ପୃଷ୍ଠା
ରାଜରାସ୍ତାରେ ବାଘହୋଇ ।

ଆଜି ଯିଏ ଗାଦିରେ
କାଲି ନଥିଲା...ଚିଲଉଥିଲା,
ଆଜି ବେଶ୍ ନିରବରେ ତା'
ଏଜେଣ୍ଡା ଛୁଇଁ ଚାଲିଛି ଆସନ୍ତାକାଲି ପାଇଁ
କାଲି ଯିଏ ମହୁ ଭାଣ୍ଡକୁ
ଚିରକାଳ ନିଜର ଭାବି ଓଠ ଚାଟୁଥିଲା
ଆଜି ନିଃସ୍ୱପଣରେ
ନିଜ ପ୍ରତ୍ୟାଖାତ ଚେହେରା
ସଜାଡୁଛି ଜନତା ଆଗେ ।

ଯିଏ କେବେ ଚାଖିନି ମହୁ
ଚୌକି ମୋହରେ ଏତେ
ଗପୁଛି ଏତେ ଗପୁଛି
ବିଦେଶୀ ମାର୍କା ବାକ୍ ଚାତୁରୀରେ ଯେ
ରାତାରାତି ବଦଳେଇଦେବ ଦେଶ
ସଜେଇବ ଜନତାର ଭେକ
ପୂରେଇବ ପେଟ ଭୋକ

ସମତାର କୁହୁକ ବାଡି ଛୁଆଁରେ କାଳେ
ଫୁଟେଇବ ମୈତ୍ରୀର ଫୁଲ ।

ଆମେ ସବୁ ଭକୁଆ
ତା'ଙ୍କୁ ହିଁ ଶୁଣୁ
ତାଙ୍କ କଥାରେ ବାଇଆ ହେଉ
ନିର୍ଦ୍ଧୁମ ଖରା ବର୍ଷା ଶୀତରେ
ତାଙ୍କ ପଛରେ ଧାଉଁ
ବନଉ ତାଙ୍କୁ ଭାଗ୍ୟବିଧାତା ।

ଗାଦିପାଇଁ ପାଲା
ପ୍ରତି ସ୍ୱପ୍ନବୁଣା ଋତୁରେ ଏଠି
ଛଳନାର ସୌଦାଗରଗଣ କଥାଦିଅନ୍ତି
ଆମେଇ ସୁରକ୍ଷିତ ରଖିବୁ
ପ୍ରଜା ଦେଶ ସମ୍ବିଧାନ
ନୂଆ ବୋତଲରେ ପୁରଣା ମଦପରି
ସାବଧାନ ! ଗାଦିପାଇଁ ଖେଳ ଜମଉଥିବା
ଏଇ ଖଳନାୟକ ମାନଙ୍କୁ ।


♥ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ, ଡେରାବିଶ
କେନ୍ଦ୍ରାପଡା- ୭୫୪୨୮୯
(ମୋ) ୯୭୭୭୮୪୩୦୩୧


## ଦୁଃଖ ଚାଲିଯିବ ଫେରି

### ଶିଶିର କୁମାର ପଣ୍ଡା



ଅସଲ ବେଳରେ ବରଷା ନହୋଇ
ହୁଏ ମଗୁଶୁର ପରେ
ପାଚିଲା ଧାନ ତ ବିଲରେ ଶୋଇଛି
ଆସିପାରି ନାହିଁ ଘରେ ।

ଅନେକ ଜାଗାରେ ଗଜା ହୋଇଲାଣି
ପାଣିରେ ସେସବୁ ପଡ଼ି
ଆଉବା କେଉଁଠି ଉଠିବା ଆଗରୁ
ବିଲରେ ଯାଉଛି ଝଡ଼ି ।

ନିରାଶରେ ଚାଷୀ ଘରେ ବସିଅଛି
ମୁଣ୍ଡରେ ହାତକୁ ଦେଇ
ବିହି ଯଦି ଏଠି ବିମୁଖ ହୋଇବ
ସାହା କି ହୋଇବ କେହି ?

ଅବଶ୍ୟ ଏପାଇଁ ଆମେମାନେ ଦାୟୀ
ପ୍ରକୃତି ବହିଛି ରୋଷ
ନିଜର ଗୋଡ଼ରେ କୁରାଢ଼ୀ ମାରୁଛୁ
ଆଉ ଦେବା କାହା ଦୋଷ ?

ବେଳ ଥାଉଥାଉ ସଚେତନ ହେଲେ
ଦୁଃଖ ଚାଲିଯିବ ଫେରି
ନହେଲେ ବର୍ଷକ ବାରମାସ ବୋଧେ
ଆମକୁ ରହିବ ଘେରି ।


♥ କୁଆଁସ, ମେରଦା କାଟିଆ,
ଯାଜପୁର
(ମୋ)୮୯୮୧୭୩୭୨୨୮


## ତୁମେ ଗଲାପରେ

### ଶାଶ୍ୱତ କୁମାର ଲେଙ୍କା



ଜାଣ ତୁମେ ଗଲା ପରେ ସବୁ ଲାଗେ ଏକା,
ଏ ସହର ବି ଏକା, ଜୀବନ ବି ଏକା, ସବୁ
ହଜେ ଆଜି ସମୟ ଗୁହାରେ ଠିକ ଯେମିତି
ହଜେ ତରଙ୍ଗ କୃଷ୍ଣଗର୍ତ୍ତର ମହାକର୍ଷଣରେ ।

ନିଇତି କାନ୍ଦୁଛି ଏ ଅଝଟ ମେଘ ମୋ ସ୍କନ୍ଧେ
ରଖି ମଥା, ଜାଣେନା ମୁଁ କିଏ ତାର ନା
ପ୍ରୀତି ନା ସଖା, କେଜାଣି ମତେ ହିଁ ଖୋଜେ
ସେ କରି ତୁମ ଦେଖା ।

ଜାଣ ସେ ଶ୍ରାବଣ ହୋଇଛି ବନ୍ଧୁ, କାନ୍ଦୁଥାଉ
ଦୁହେଁ ଫଟେଇ ସିନ୍ଧୁ, କାନ୍ଦେ ସେ ନିଇତି
ଧରିତ୍ରୀ ପାଇଁ ଆଉ ମୁଁ କାନ୍ଦୁଥାଏ ନିଇତି
ତୁମ ପାଇଁ ।

ବର୍ଷାର ଅଶ୍ରୁରେ ହଜେ ମୋ ଲୁହ,ଜାଣେନା
ମୁଁ ତୁମେ ଫେରିବ ନା କୁହ ତଥାପି ଚାହିଁଛି
ତୁମ ଫେରିବାକୁ / ପୂର୍ଣ୍ଣମୀ ରାତ୍ରରେ ଆମ
ମିଳନକୁ ।

ଆମ ମିଳନାର୍ଥେ କାନ୍ଦେ ମହାନଦୀ ଲଂଘି ତା

କୂଳ, ଜାଣେନା ଏ ପ୍ରେମ ଜଗତେ ବିରଳ
ତଥାପି ପ୍ରେୟସୀ ତୁମ ପ୍ରତୀକ୍ଷାରେ ହୁଏ
ଏ ମନ ବ୍ୟାକୁଳ ।

ପ୍ରେୟସୀକୁ ଥରେ ଦେଖିବା ପାଇଁ
ବାରବାଟୀ ଦୁର୍ଗ ରହିଛି ଚାହିଁ
ଯେଉଁଠି ରହିଛି ଆମରି ସ୍ମୃତି କାଳର
କରାଳେ କେବେ ହବନି ସେ ଇତି ।

ଜାଣେ ମୋ ପ୍ରିୟା ଫେରିବ ନିଶ୍ଚୟ ନଭୁଲି
ତାହାରି ବଚନ, ପୂର୍ଣ୍ଣମୀ ରାତ୍ରରେ ସୁନେଲି
ଜ୍ୟୋସ୍ନାରେ ମହାନଦୀ ତଟେ
ହେବ ଆମ ମିଳନ ।


♥ ଦକ୍ଷିଣପାରି, ଇନ୍ଦଳ, ଦନପୁର,
କେନ୍ଦ୍ରାପଡ଼ା-୧୦
(ମୋ) ୯୪୩୯୦୬୧୯୧୫


## ଜନମଭୂଇଁ

### ସତ୍ୟାନନ୍ଦ ଜେନା



ମା' ମା' କେତେ ଡାକନ୍ତି ଆରତେ
କହାରେ କଥା ନକହି
ନକହି ତୁ କଥା ବୁଝି ମନ ବ୍ୟଥା
ଅସୀମ ମମତା ଦେଇ ।

ପାଦର ମର୍ଦ୍ଦନେ ଲଭୁକି ଆନନ୍ଦ
ନଚିହ୍ନି କାରେ ପ୍ରମାଦ
ବିଷାଦକୁ ଦିନେ ନା ଲଭୁ ମା' ମନେ
ବାତ୍ସଲ୍ୟମୟୀ ତୋ ହୃଦ ।

ମଳମୂତ୍ର ଯେତେ ଉପୁଜିଲେ କୋଳେ
ନହୁ କେବେ ଅପବିତ୍ର

ମା ସର୍ବତ୍ର ଅଟେ ପବିତ୍ର ।

ଶାନ୍ତି ସ୍ୱରୂପିଣୀ କଲ୍ୟାଣ ଦାୟିନୀ
ସର୍ବ ସହଣି ତୁ ହୋଇ
ସୀମହିନ ତୋର ଅଟେ କଳେବର
ମା ତୁ ଜନମ ଭୂଇଁ
ମା...ମା ତୁ ଜନମାଭୁଇଁ ।


♥ ବଗଡ଼ା, କେନ୍ଦ୍ରାପଡ଼ା


## ପ୍ରେମ ମାନେନାହିଁ ଅଜାତି ଜାତି

### ଜୟନ୍ତ କୁମାର ମଲ୍ଲିକ୍



ନଈ ସେପରି ରେ ମୋ ପ୍ରିୟା ଘର
ଯିବାକୁ ହୁଅଇ ମନ
ଗରିବ ପିଲାଟେ ଏ ପାରିରେ ଅଛି
ପାଖରେ ନାହିଁ ତା' ଧନ ।

ଗତ ବରଷରୁ ଛାଉଣୀ ହୋଇନି
ଝାଟିମାଟି ଏଇ ଘର
ସୁଖ ବେଳ ସବୁ ନିଜର ହୁଅନ୍ତି
ଦୁଃଖରେ ହୁଅନ୍ତି ପର ।

ପ୍ରେମତ ମାନେନା ଧନୀ କି ଗରିବ
ଅବା ସେ ଅଜାତି ଜାତି
ଏଇ କଥା ଭାବି ନିଦ ଆସୁନାହିଁ

ବିତି ଯାଏ କେତେ ରାତି ।

କେଜାଣି ତାକୁ ମୁଁ ପାରିବି କି ନାହିଁ
ଆଉ ଆପଣାର କରି
ସ୍ମୃତି ଉଖାରୁଛି ବସିକି ଆଜି ତା'
ପୁରୁଣା ଚିଠିକୁ ଧରି ।


♥ ଶୂରଡିହ, ନନ୍ଦିପୁର, ଯାଜପୁର
(ମୋ) ୯୪୩୭୮୬୫୭୨୭


## କେରାଏ ମଗୁଶିର

### ଅମୂଲ୍ୟ କୁମାର ପଣ୍ଡା



ଲକ୍ଷ୍ମୀପୂଜା–
ମାତା ଲକ୍ଷ୍ମୀଙ୍କର ପୂଜା ଚାଲିଅଛି
ଆଜି ସିନା ଘରେ ଘରେ,
ପାହାନ୍ତି ପହରୁ ମାତାଙ୍କର ପୂଜା
ମନରେ ଆନନ୍ଦ ଭରେ ।
ପୂଜାଟି ସାର୍ଥକ ହେବ...!
ମନେ ଅହଂକାର ସ୍ୱାର୍ଥକୁ ତେଜିଲେ
ଜନମନ ମୋହି ନେବ...!!

ଝୋଟି –
ଘରେ ଘରେ ଆଜି ଝୋଟିର ଚିତାରେ
ସୁନ୍ଦର ଲାଗଇ କାନ୍ଥ,
ଅରୁଆ ଚାଉଳ ପିଠଉ ଝୋଟିଟି
ମନ କୁ କରଇ ଶାନ୍ତ ।
ସେଠି ମନ ଶାନ୍ତି ପାଏ...!
ଭଲ କାମ ଦେଖି ଯଦି କେହି ଜଣେ
ତୁମ ଭଲ ଗୁଣ ଗାଏ...!!

ଗୁରୁବାର –
ମଗୁଶିର ମାସ ଗୁରୁବାର ଅଟେ
ସବୁଠାରୁ ଶ୍ରେଷ୍ଠ ବାର,
ସକାଳୁ ସକାଳୁ ହୁଳହୁଳି ଶବ୍ଦ
ହଟାଏ ଆଳସ୍ୟ ଭାର ।
ଶୁଭେ ପୁଣି ଶଙ୍ଖନାଦ...!
ସେ ନାଦରେ ହୃଦ ପବିତ୍ର କରିକି
ଲୟ ରଖ ବିଭୁ ପାଦ...!!

ଧାନ –
ମାଆଙ୍କର ଲୋଡ଼ା ପାଚିଲା ଧାନଟି
ମାଣବସାଇବା ପାଇଁ,
ବନ୍ୟା ଧୋଇ ନେଲା ଏସନ ଫସଲ
ଧାନ ଅମଳ ଯେ କାହିଁ ।
ଦୁଃଖ ଆଜି ଚାଷୀ ମନ...!
ଅନ୍ନଦାତା ସିଏ ତାଙ୍କରି ସୁଖରେ
ଦେଶେ ଭରିଯାଏ ଧନ...!!


♥ ଅରଙ୍ଗାବାଦ, ବରୀ, ଯାଜପୁର


## ନଈ

### ପଦ୍ମାଳୟା ସାମଲ



ତୋ କୋଳରେ ପାଦ ଥୋଇଦେଲେ
ସାରା ସ୍ନାୟୁରେ ଖେଳିଯାଏ
ଅପୂର୍ବ ଶିହରଣ
ମୁହୂର୍ତ୍ତକେ ଓଦା ହୋଇଯାଏ ଆଖି
ଯୋଡକା ମୋର
କେଉଁ ଏକ ବିଭୋର ପଣରେ ।

ତୋ ବାଲିରେ ପାଦ ଥାପି ଦେଲେ
ତୋ ଢେଉ ସବୁ ଅମାନିଆ ହୋଇଯାନ୍ତି
ଖୋଲି ନେଇଯାନ୍ତି ଅତି ସନ୍ତର୍ପଣେ
ମୋ ଗୋଡ଼ରୁ ସରୁସରୁ ପାଉଁଜି ହଳକ ।

ତୋ ପିଠିରେ କାନି ପାରିଦେଲେ
ଧୋଇ ହୋଇଯାଏ ଯେତେସବୁ
ଦୁଃଖ ଓ ଯାତନା
ଦମକାଏ ଅଦୃଶ୍ୟ ପବନ ଉଡାଇ
ନେଇଯାଏ
ମୋ ଭିତରେ ଜମାଥିବା
ଯେତକ ଯନ୍ତ୍ରଣା ।

ତୋ ଚହଲା ପାଣିକୁ ହାତ ବଢ଼ାଇଲେ
ଛାତିତଳ ମୋର ଓଦା ହୋଇଯାଏ
କେଉଁ ଅଝଟ ପକ୍ଷୀଟିଏ
ଭିଜାଭିଜା ସ୍ୱରରେ ଗୀତ ଗାଇଯାଏ ।


♥ ଭୁବନେଶ୍ୱର
(ମୋ) ୭୦୦୮୩୪୮୧୭୨

# ରାଜ୍ୟର ୪୧ ଲକ୍ଷ ଲୋକ ନେଇନାହାନ୍ତି ପ୍ରଥମ ଡୋଜ କୋଭିଡ୍ ଟିକା

ଭୁବନେଶ୍ୱର,୧୩/୧୨ (ନି.ପ୍ର): ରାଜ୍ୟର ୮୭ ପ୍ରତିଶତ ଲୋକ ପ୍ରଥମ ଡୋଜ ଟିକା ନେଇ ସାରିଛନ୍ତି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏଯାଏଁ ୧୩ ପ୍ରତିଶତ ଲୋକ ଟିକା ନେଇ ନାହାନ୍ତି। ଏମାନଙ୍କ ସଂଖ୍ୟା ୪୧ ଲକ୍ଷ। ସମସ୍ତେ ସ୍ୱତଃପ୍ରବୃତ୍ତ ଭାବେ ଟୀକା ନିଅନ୍ତୁ। ଏହାଫଳରେ ଡିସେମ୍ବର ଶେଷ ସୁଦ୍ଧା ଆମର ପ୍ରଥମ ଡୋଜ ଟିକାକରଣ ଶେଷ ହେବ। ଏହା ଆମର ଲକ୍ଷ୍ୟ। ମୟୁରଭଞ୍ଜ, କନ୍ଧମାଳ ଓ କଟକ ଭଳି ଜିଲ୍ଲାରେ ପ୍ରଥମ ଡୋଜ ଟିକାକରଣ ହାର ବହୁତ କମ ରହିଛି। ଓମିକ୍ରନ ଭୁତାଣୁର ଭୟାବହତା ବଢୁଥିବାରୁ ଏଥିପାଇଁ ଆମକୁ ସଜାଗ ରହିବାକୁ ହେବ। ଅପରପକ୍ଷରେ ରାଜ୍ୟର ୫୪ ପ୍ରତିଶତ ଲୋକ ସେକେଣ୍ଡ ଡୋଜ ନେଇଛନ୍ତି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

# ଚିଲିକାରେ ୪ ଲକ୍ଷ ବିଦେଶାଗତ ପକ୍ଷୀ: ସୁରକ୍ଷା ଦେବାକୁ ୨୦ ଅସ୍ଥାୟୀ ଶିବିର

ଭୁବନେଶ୍ୱର,୧୩/୧୨ (ନି.ପ୍ର): ଶୀତ ପଡ଼ିବା ପରେ ଓଡ଼ିଶାର ବିଭିନ୍ନ ଜଳାଶୟକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ଆରମ୍ଭ ହୋଇଛି। ଏହି ପକ୍ଷୀ ମୁଖ୍ୟତଃ ଇରାନ, ମଙ୍ଗୋଲିଆ, ରୁଷ, ଆଫଗାନିସ୍ଥାନ ଓ ଉତ୍ତର ଗୋଲାର୍ଦ୍ଧର ବିଭିନ୍ନ ଅଞ୍ଚଳରୁ ଆସିଛନ୍ତି। ବର୍ତ୍ତମାନ ସୁଦ୍ଧା ଚିଲିକା ହ୍ରଦକୁ ୯୪ ପ୍ରଜାତିର ୩ ଲକ୍ଷ ୯୦ ହଜାର ୫୫୧ ବିଦେଶାଗତ ପକ୍ଷୀମାନଙ୍କର ଆଗମନ ହୋଇଛି। ସେହିପରି ହୀରାକୁଦ ଜଳଭଣ୍ଡାରକୁ ୭୫ ପ୍ରଜାତିର ପ୍ରାୟ ୮୦ ହଜାର ଓ ଭିତରକନିକାକୁ ୧୨ ପ୍ରଜାତିର ପ୍ରାୟ ୬ ହଜାର ୧୦୦ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଛି। ଏହାବ୍ୟତୀତ ମହାନଦୀ ଅଞ୍ଚଳ, ବ୍ରହ୍ମପୁର, କଟକ ଓ ପାରଳାଖେମୁଣ୍ଡି ବନଖଣ୍ଡର ପ୍ରମୁଖ ଜଳାଶୟଗୁଡ଼ିକୁ ମଧ୍ୟ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଛି। ଏହି ପକ୍ଷୀଙ୍କ ମଧ୍ୟରେ ଗେଣ୍ଡି, ବାଜେଣି, ଗେଣ୍ଡାଳିଆ, ଏରା, ଚା ଚଢ଼େଇ, ଷଣ୍ଢିଆଳ, ଦା ବେଣ୍ଟିଆ, ସମୁଦ୍ରକୁଆ, ଦାଦରା ହଣା, ଚକୁଆ ଚକୋଇ ପ୍ରମୁଖ ରହିଛନ୍ତି। ଜାନୁଆରି ମାସ ଆରମ୍ଭରେ ସାଧାରଣତଃ ବିଦେଶାଗତ ପକ୍ଷୀଙ୍କର ସର୍ବାଧିକ ସମାଗମ ଦେଖିବାକୁ ମିଳିଥାଏ। ସେଥିପାଇଁ ପ୍ରତିବର୍ଷ ଭଳି ଆସନ୍ତା ଜାନୁଆରି ପ୍ରଥମ ଓ ଦ୍ୱିତୀୟ ସପ୍ତାହରେ ଏହି ପକ୍ଷୀମାନଙ୍କର ଆକଳନ କରିବାକୁ ସ୍ଥିର ହୋଇଛି। ଓଡ଼ିଶାକୁ ଆସୁଥିବା ବିଦେଶାଗତ ପକ୍ଷୀଙ୍କର ଅବାଧ ବିଚରଣ ଓ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଚିଲିକା ବନଖଣ୍ଡରେ ୨୦ଟି ଅସ୍ଥାୟୀ ପକ୍ଷୀ ସୁରକ୍ଷା ଶିବିର, ୨ଟି ଭ୍ରାମ୍ୟମାଣ ଦଳ ଗଠନ କରାଯାଇ ପ୍ରତି ଶିବିରରେ ତିନିଜଣ ଲେଖାଏ ସ୍ଥାନୀୟ ଯୁବକ, ଜଣେ ବନପାଳ/ବନରକ୍ଷୀ ଦିନରାତି ପ୍ରହରା ଦେଉଛନ୍ତି। ଅନ୍ୟ ବନଖଣ୍ଡଗୁଡ଼ିକରେ ନିୟୋଜିତ ଆଣ୍ଟି ପୋଚିଂ ସ୍କ୍ୱାଡ୍, ରିଭର ସ୍କ୍ୱାଡ୍‌ଗୁଡ଼ିକ ଦ୍ୱାରା ପକ୍ଷୀ ସମାଗମ ଅଞ୍ଚଳରେ ପାଟ୍ରୋଲିଂ କରିଆରେ ପକ୍ଷୀଙ୍କୁ ସୁରକ୍ଷା ପ୍ରଦାନ କରାଯାଉଛି। ପକ୍ଷୀ ସମାଗମ ଥିବା ସ୍ୱର୍ଣ୍ଣକାତର ଅଞ୍ଚଳରେ ମାଛଧରା ନିଷିଦ୍ଧ ହୋଇଛି।

ପକ୍ଷୀଙ୍କ ସୁରକ୍ଷା ପାଇଁ ପକ୍ଷୀ ସୁରକ୍ଷା ସମିତି, ବନ ସଂରକ୍ଷଣ ସମିତି ଓ ପରିବେଶ ଉନ୍ନୟନ କମିଟିଗୁଡ଼ିକର ସହାୟତା ନିଆଯାଉଛି। ବାର୍ଡ ଫ୍ଲୁ ଓ ପକ୍ଷୀମାନଙ୍କ ମଧ୍ୟରେ ଦେଖାଯାଉଥିବା ଅନ୍ୟାନ୍ୟ ରୋଗକୁ ଚିହ୍ନଟ କରିବା ଓ ଏହାର ପ୍ରତିକାର ଲାଗି ସରକାରଙ୍କର ବିଭିନ୍ନ ନିର୍ଦ୍ଦେଶନାମା କଡ଼ାକଡ଼ି ପାଳନ ହେଉଛି। ସ୍ଥାନୀୟ ପଶୁ ଚିକିତ୍ସା ଅଧିକାରୀ ଓ କଟକସ୍ଥିତ ଏଡିଆରଆଇର ଡାକ୍ତର ଦଳ ଦ୍ୱାରା ବିଭିନ୍ନ ପକ୍ଷୀ ସମାଗମ ଅଞ୍ଚଳରୁ ପକ୍ଷୀଙ୍କ ମଳ ଓ ଅନ୍ୟ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଉଛି। ପକ୍ଷୀ ଶିକାରୀଙ୍କ ତାଲିକା ପ୍ରସ୍ତୁତି କରାଯାଇ ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ପକ୍ଷୀ ଶିକାର ପ୍ରବଣ ଅଞ୍ଚଳରେ ଏପିଆର ଦଳ ନିୟୋଜିତ କରିବା ପାଇଁ ଚିଲିକା ବନ୍ୟଖଣ୍ଡ ତରଫରୁ ଜିଲ୍ଲା ଏସ୍‌ପିଙ୍କୁ ଅନୁରୋଧ କରାଯାଇଛି। ପଦଯାତ୍ରା, ସଭା ଓ ପ୍ରଚାରପତ୍ର ମାଧ୍ୟମରେ ପକ୍ଷୀ ସୁରକ୍ଷା ନିମନ୍ତେ ଜନସାଧାରଣଙ୍କୁ ସଚେତନ କରାଯାଉଥିବା ନେଇ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ଏକ ତାରକା ପ୍ରଶ୍ନର ଉତ୍ତରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହି ସୂଚନା ଦେଇଛନ୍ତି।

# ଉଦ୍‌ବେଗଜନକ ସ୍ଥିତିରେ ଦୁର୍ଘଟଣାଜନିତ ମୃତ୍ୟୁ: ରାଜ୍ୟରେ ୧୧ ବର୍ଷରେ ଗଲାଣି ୪୭ ହଜାର ଜୀବନ

ଭୁବନେଶ୍ୱର,୧୩/୧୨ (ନି.ପ୍ର): ଦିନକୁ ଦିନ ରାଜ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଗତ ୧୧ ବର୍ଷରେ ସଡ଼କ ଦୁର୍ଘଟଣା ଯୋଗୁଁ ରାଜ୍ୟରେ ୪୭ ହଜାର ୩୫୪ ଜଣ ଲୋକ ପ୍ରାଣ ହରାଇଛନ୍ତି। ବର୍ଷକୁ ହାରାହାରି ୪୩୦୫ ଜଣ ଏବଂ ଦିନକୁ ୧୨ ଜଣଙ୍କ ମୃତ୍ୟୁ ଘଟୁଛି। ଅର୍ଥାତ ପ୍ରତି ଦୁଇଘଣ୍ଟାରେ ଜଣେ ଲୋକ ଦୁର୍ଘଟଣାଜନିତ ମୃତ୍ୟୁର ଶିକାର ହେଉଛି। ଏହାର ପ୍ରମୁଖ କାରଣ ଦ୍ରୁତ ଗତିରେ ଗାଡ଼ି ଚଳାଇବା, ମଦ ପିଇ ଗାଡ଼ି ଚଳାଇବା, ଟ୍ରାଫିକ୍‌ର ବିପରୀତ ଦିଗରେ ଗାଡ଼ି ଚଳାଇବା, ଟ୍ରାଫିକ୍ ସିଗ୍‌ନାଲ୍ ନମାନିବା, ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର କରିବା ଇତ୍ୟାଦି। ବିଧାନସଭାରେ ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ଏମିତି ତଥ୍ୟ ରଖିଛନ୍ତି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ଜାତୀୟ ରାଜପଥରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ଆଗରେ ରହିଛି। ଜାତୀୟ ରାଜପଥରେ ଦୁର୍ଘଟଣା ଯୋଗୁଁ ସର୍ବାଧିକ ୧୭୯୩୪ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଏକ୍ସପ୍ରେସ୍ ୱେରେ ସବୁଠୁ କମ୍ ୪୯୧ଜଣଙ୍କ ମୃତ୍ୟୁ ଘଟିଛି। ରାଜ୍ୟ ରାଜପଥରେ ୧୩୪୭୪ ଏବଂ ଅନ୍ୟ ରାସ୍ତାଗୁଡ଼ିକରେ ୧୨୫୧୦ ଜଣଙ୍କ ମୃତ୍ୟୁ ଘଟିଛି। ୨୦୧୯ ମସିହାରେ ୧୧୦୬୪ଟି ଦୁର୍ଘଟଣାରେ ସର୍ବାଧିକ ୫୩୩୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦୧୮ରେ ୧୧୨୬୨ ଦୁର୍ଘଟଣାରେ ୫୩୧୫ ଜଣ, ୨୦୧୭ରେ ୪୭୯୦ ଜଣ, ୨୦୧୬ରେ ୪୪୬୩ ଜଣ, ୨୦୧୫ ରେ ୪୩୦୩ ଜଣ, ୨୦୧୪ରେ ୩୭୬୫ ଜଣ, ୨୦୧୩ରେ ୪୦୬୨ ଜଣ, ୨୦୧୨ରେ ୩୭୦୯ ଜଣ, ୨୦୧୧ରେ ୩୮୦୨ ଜଣ, ୨୦୧୦ରେ ୩୮୩୭ ଜଣ,୨୦୨୦ରେ ୪୭୩୮ ଜଣ, ୨୦୨୧ ସେପଟେମ୍ବର ସୁଦ୍ଧା ୩୭୦୮ଜଣଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ଯୋଗୁଁ ଗୁରୁତର ଆହତଙ୍କୁ ସରକାର ୫୦ହଜାର ଟଙ୍କା ସହାୟତା ଯୋଗାଉଥିବା ବେଳେ ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କା କ୍ଷତିପୂଣ ପ୍ରଦାନ କରୁଛନ୍ତି। ଏହାଛଡ଼ା ଲୋକଙ୍କୁ ହେଲ୍‌ମେଟ୍, ସିଟ୍‌ବେଲ୍ଟ ପିନ୍ଧିବା, ଟ୍ରାଫିକ୍ ନିୟମ ମାନିବା ପାଇଁ ବିଭିନ୍ନ ଗଣମାଧ୍ୟମ, ରେଡିଓରେ ଲୋକଙ୍କୁ ସଚେତନ କରାଯାଉଛି। ବିଭିନ୍ନ ଏନ୍‌ଜିଓ, ଆରଟିଓ ପକ୍ଷରୁ ମଧ୍ୟ ଲୋକଙ୍କୁ ସଚେତନ କରୁଛି। ସେହିପରି ଆରଟିଓ, ପୁଲିସ ପକ୍ଷରୁ ଚେକିଂ, ବ୍ଲକିଂ କରାଯାଇ ଅମାନିଆଙ୍କଠାରୁ ଇ-ଚାଲାଣ, ନଗଦ ଫାଇନ୍ ଆଦାୟ ହେଉଛି। ବିଭିନ୍ନ ସ୍ଥାନରେ ଥିବା ବ୍ଲାକସ୍ପଟ୍ ଚିହ୍ନଟ କରାଯାଇ ତାଉପରେ ବିଶେଷଜ୍ଞ ଟିମ୍ କାମ କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

# ପ୍ରତିହିଂସା ପରାୟଣ ନହୋଇ ଜନସେବା କରିବା ଗଣମାଧ୍ୟମର କର୍ତ୍ତବ୍ୟ

ଭୁବନେଶ୍ୱର,୧୩/୧୨ (ନି.ପ୍ର): ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରଠାରେ ଦୈନିକ ତ୍ରୈଭାଷିକ ଖବରକାଗଜ 'ବିଶ୍ୱବାଣୀ'ର ୧୬ତମ ସ୍ୱନକ୍ଷତ୍ର ଉତ୍ସବ ପାଳନ ହୋଇଯାଇଛି। ଏହି ଉତ୍ସବରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱବାଣୀ ଖବରକାଗଜ ଦିନକୁ ଦିନ ସଫଳତାର ପାହାଚ ଚଢୁ। ଆଜି ବହୁ ବଡ଼ ବଡ଼ ଗଣମାଧ୍ୟମ ସହିତ ସମକକ୍ଷ ହୋଇଥିବାରୁ ଭୂୟସୀ ପ୍ରଶଂସା କରିଥିଲେ। ବିଶେଷକରି ଆଜିର ଦିନରେ ଲୋକଙ୍କ ସମସ୍ୟାକୁ ଲୋକଲୋଚନକୁ ଆଣିବା, ସତ୍ୟ ଓ ନିରପେକ୍ଷ ଭାବେ ସମ୍ବାଦ ପରିବେଷଣ କରିବା, ପ୍ରତିହିଂସା ପରାୟଣ ନହୋଇ ଜନସେବାରେ ଗଣମାଧ୍ୟମକୁ ନିୟୋଜିତ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଶ୍ୱବାଣୀର ପ୍ରତିଷ୍ଠାତା ତଥା ସମ୍ପାଦକ ଅର୍ଜୁନ ମୁଦୁଲି ନିଜେ କିଭଳି କରୋନା ମହାମାରୀ ସମୟରେ ଲୋକମାନଙ୍କ ପାଖରେ କିପରି ଖବରକାଗଜ ପହଂଚାଉଥିଲେ ସେହି କଷ୍ଟ ମୁହୂର୍ତ୍ତର କଥା ମନେ ପକାଇ ଭାବବିହ୍ୱଳ ହୋଇଯାଇଥିଲେ। ସମ୍ବାଦପତ୍ରକୁ ଆଜିର ଦିନରେ ପରିଚାଳନା କରିବା ଓ ଲୋକଙ୍କ ସମସ୍ୟା ଉପସ୍ଥାପନ କରିବା, ବିନା କୌଣସି ସରକାରୀ ଅନୁଦାନରେ ଚଳାଇ ରଖିବା କେତେ ଯେ କଷ୍ଟ, ତାହା ସେ ନିଜସ୍ୱ ଅନୁଭୂତିରେ ପ୍ରକାଶ କରିଥିଲେ। ବିଶ୍ୱବାଣୀ ଖବରକାଗଜ ଗ୍ରାମାଂଚଳରେ ବେଶ୍ ଆଦୃତ ହୋଇପାରିଛି ଓ ଆଗାମୀ ଦିନରେ ଖାଲିଥିବା ଅନ୍ୟାନ୍ୟ ବ୍ଲକରେ ନିଜର ପ୍ରତିନିଧି ନିଯୁକ୍ତି ଦେବେ ବୋଲି କହିଥିଲେ। ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ବଦ୍ରୀନାଥ ପଟ୍ଟନାୟକ, ଆଇଓୟୁଜେର ସଭାପତି ଡଃ ପିତବାସ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବକୁ ଉଦ୍‌ଘାଟନ କରିଥିଲେ ନାଇଜରର କୁଳସଚିବ ଅଭୟ କୁମାର ନାୟକ ଓ ତପନ ମହାରଣ୍ୟ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ମାନ୍ୟଗଣ୍ୟ ଅତିଥିମାନଙ୍କ ଦ୍ୱାରା ନାରାୟଣା ଗ୍ରୁପ୍ ଅଫ୍ ସ୍କୁଲ୍‌ର ପରିଚାଳନା ଅଧକ୍ଷ ଡ଼ି. ଶେଷୁ କୁମାରଙ୍କୁ ବିଶ୍ୱବାଣୀ ତରଫରୁ 'ବିଶିଷ୍ଟ ଶିକ୍ଷାବିତ୍ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଜଣେ ସୁପରିଚିତ ଆଶାକର୍ମୀ ତଥା ଭାରତର ତିନିନମ୍ବର ସ୍ଥାନରେ ଥିବା ସୁନ୍ଦରଗଡ଼ ଜିଲ୍ଲାର ଶ୍ରୀମତୀ ମାତୁରୁତା କୁଲୁଙ୍କୁ 'ବିଶ୍ୱବାଣୀ କୋଭିଡ୍ ଯୋଦ୍ଧା' ଭାବେ ସମ୍ମାନିତ କରାଯାଇଥିଲା।

# ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ ୧୭୮ କରୋନା ପଜିଟିଭ୍ ଚିହ୍ନଟ, ୩୭ ଜଣ ଶିଶୁ ଓ କିଶୋର ସଂକ୍ରମିତ

ଭୁବନେଶ୍ୱର,୧୩/୧୨ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୧୭୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୦୫ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୭୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୩୭ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୮୫ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୨ ଜଣ, ବାଲେଶ୍ୱରରୁ ୩ ଜଣ, ବରଗଡ଼ରୁ ୧ ଜଣ, ଭଦ୍ରକରୁ ୧ ଜଣ, କଟକରୁ ୧୩ ଜଣ, ଦେବଗଡ଼ରୁ ୨ ଜଣ, ଢେଙ୍କାନାଳରୁ ୫ ଜଣ, ଜଗତସିଂହପୁରୁ ୨ ଜଣ, ଯାଜପୁରରୁ ୫ ଜଣ, ଝାରସୁଗୁଡ଼ାରୁ ୨ ଜଣ, କେନ୍ଦ୍ରାପଡ଼ାରୁ ୧ ଜଣ, କେନ୍ଦୁଝରରୁ ୨ ଜଣ, ଖୋର୍ଦ୍ଧାରୁ ୮୫ ଜଣ, କୋରାପୁଟରୁ ୧ ଜଣ, ମୟୂରଭଞ୍ଜରୁ ୬ ଜଣ, ପୁରୀରୁ ୩ ଜଣ, ସମ୍ବଲପୁରରୁ ୧୫ ଜଣ, ସୁନ୍ଦରଗଡ଼ରୁ ୧୦ ଜଣ ଓ ଷ୍ଟେଟ ପୁଲରୁ ୧୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୦ ଲକ୍ଷ ୫୧ହଜାର ୭୫୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ଭିତରୁ ୧୦ ଲକ୍ଷ ୪୧ ହଜାର ୩୬୫ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୧ ହଜାର ୮୯୮ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲରେ ଦିବ୍ୟାଙ୍ଗ ଓ ମାନସିକ ଅନଗ୍ରସର ଛାତ୍ରଛାତ୍ରୀଙ୍କ ପାଇଁ ଖୋଲିଲା ସ୍ୱତନ୍ତ୍ର ବିଭାଗ

ଚନ୍ଦ୍ରଶେଖରପୁର,୧୩/୧୨ (ନି.ପ୍ର): କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲରେ ଦିବ୍ୟାଙ୍ଗ ଓ ମାନସିକ ଅନଗ୍ରସର ଛାତ୍ରଛାତ୍ରୀଙ୍କ ପାଇଁ ସ୍ପେସାଲ୍ ଏଜୁକେସନ ନିଡ୍‌ସ (ଏସ୍‌ଇଏନ୍) ଗ୍ଲୋବ୍ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବିଭିନ୍ନ ବର୍ଗର ଦିବ୍ୟାଙ୍ଗ ଓ ମାନସିକ ଅନଗ୍ରସର ଛାତ୍ରଛାତ୍ରୀଙ୍କ ପାଇଁ ଉନ୍ନତ ଉପଚାରାତ୍ମକ ଚିକିତ୍ସା ସହ ଶିକ୍ଷା ପ୍ରଦାନ କରାଯିବ। ଆଜି ନ୍ୟାସ୍‌ନାଲ୍ ସେଣ୍ଟର ଫର ଅଟିଜିମ୍‌ର ପ୍ରତିଷ୍ଠାତା ନିର୍ଦ୍ଦେଶିକା ମେରୀ ବରୁଆ, ପଶ୍ଚିମବଙ୍ଗ ଅଟିଜିମ୍ ସୋସାଇଟିର ପ୍ରତିଷ୍ଠାତା ନିର୍ଦ୍ଦେଶିକା ଇନ୍ଦ୍ରାଣୀ ବାସୁ, କିଟ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନାଲିସା ବଳଙ୍କ ଉପସ୍ଥିତିରେ ଏହି ବିଭାଗ ଉଦ୍‌ଘାଟିତ ହୋଇଥିଲା।

ଏହି ଅବସରରେ ମେରୀ ବରୁଆ କହିଲେ, ଏସ୍‌ଇଏନ୍ ଗ୍ଲୋବ୍ ପ୍ରତିଷ୍ଠା କରି କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଏକ ଉଦାହରଣ ସୃଷ୍ଟି କରିଛି। ଦିବ୍ୟାଙ୍ଗଙ୍କ ପାଇଁ ଏଭଳି ଏକ ସ୍ୱତନ୍ତ୍ର ବିଭାଗ ପ୍ରତିଷ୍ଠା କରିବାରେ କିଟ୍‌ର କ୍ଷମତା, ଭିତ୍ତିଭୂମି ଓ ପ୍ରଶାସନିକ ଇଚ୍ଛାଶକ୍ତି ରହିଛି ବୋଲି ସେ କହିଥିଲେ। ଏଥିପାଇଁ ସେ ପ୍ରତିଷ୍ଠାତା ଶ୍ରୀ ସାମନ୍ତଙ୍କୁ ସାଧୁବାଦ ଜଣାଇଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଶ୍ରୀ ସାମନ୍ତ କହିଲେ, ଏହି ସ୍କୁଲ୍ ସବୁ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରିଆସୁଛି। କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଏହି ବିଭାଗ ଦିବ୍ୟାଙ୍ଗ ଓ ମାନସିକ ଅନଗ୍ରସର ଛାତ୍ରଛାତ୍ରୀଙ୍କ ପାଇଁ ବେଶ ସହାୟକ ହେବ ବୋଲି ସେ କହିଥିଲେ। ସ୍କୁଲ୍‌ର ଅଧକ୍ଷ ଡ. ସଞ୍ଜୟ ସୁଆର ଧନ୍ୟବାଦ ଦେଇଥିଲେ।



# ୬୦ ଛୁଉଁନି କାର୍ଯ୍ୟଦିବସ: ସବୁ ବର୍ଷ ଆଗୁଆ ସରୁଛି ଅଧିବେଶନ

ଭୁବନେଶ୍ୱର ,୧୩/୧୨ (ନି.ପ୍ର): 'ବିଧାନସଭାରେ ଅତିରିକ୍ତ ବଜେଟ୍ ପାରିତ ହୋଇସାରିଛି। ଆଉ ସରକାରଙ୍କର କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନାହିଁ। ତେଣୁ ବିଧାନସଭା ଅଧିବେଶନ ଆଗୁଆ ବନ୍ଦ କରିଦିଆଯାଉ।' ଏମିତି ଦୁଇ ତିନି ଧାଡ଼ିର ପ୍ରସ୍ତାବ ଆଣୁଛନ୍ତି ସରକାରୀ ଦଳର ମୁଖ୍ୟ ସଚେତକ। ସମର୍ଥନ କରୁଛନ୍ତି ଶାସକ ଦଳର ବିଧାୟକ। ସର୍ବସମ୍ମତିକ୍ରମେ ପ୍ରସ୍ତାବ ପାରିତ ହେଲା ବୋଲି ଘୋଷଣା କରୁଛନ୍ତି ବାଚସ୍ପତି। ତାହାପରେ ଅଧିବେଶନ ଅଧାରୁ ବନ୍ଦ। ଗତ କିଛି ବର୍ଷ ହେଲାଣି ଏହା ଏକ ଧାରାରେ ପରିଣତ ହୋଇଯାଇଛି। ବିଧାନସଭା ଅଧିବେଶନ ଆଉ ୬୦ ଦିନ ବସୁ ନାହିଁ। କେବଳ ଯାହା ବିଧାନସଭାର କାର୍ଯ୍ୟବିଧି ଆଇନରେ ସର୍ବନିମ୍ନ ୬୦ ଦିନ ବସିବାର ବ୍ୟବସ୍ଥାଟି ସୀମିତ ରହିଯାଇଛି। ଗୋଟିଏ ପ୍ରସ୍ତାବରେ ଗୃହ କାର୍ଯ୍ୟକୁ ନିର୍ଦ୍ଦ୍ୱନ୍ଦ୍ୱରେ କମାଇ ଦିଆଯାଉଛି। ଅବଶ୍ୟ ପ୍ରତି ଥର ଗୃହ କାର୍ଯ୍ୟ କମାଇବାରେ ବିରୋଧୀ ଦଳ ସମ୍ମତି ଦେଉ ନାହାନ୍ତି। କିନ୍ତୁ ଶାସକ ଦଳ ପାଖରେ ସଂଖ୍ୟା ଗରିଷ୍ଠତା ଥିବାରୁ ଅଧିବେଶନ ଅବଧି କମାଇବାରେ କିଛି ଅସୁବିଧା ହେଉନାହିଁ। ଯଦି ବାସ୍ତବରେ ୬୦ ଦିନ ବସିବାର ଆବଶ୍ୟକତା ନାହିଁ, ତେବେ ସବୁ ବର୍ଷ ୬୦ ଦିନର କାର୍ଯ୍ୟସୂଚୀ କାହିଁକି ପ୍ରସ୍ତୁତ କରାଯାଉଛି ବୋଲି ପ୍ରଶ୍ନ ଉଠିଲାଣି। ବିଧାନସଭାରେ ସରକାରୀ କାର୍ଯ୍ୟ ବାଦ୍ ରାଜ୍ୟର କିଛି ବଡ଼ ପ୍ରସଙ୍ଗ ଉପରେ ଆଲୋଚନା ହେବା ଜରୁରୀ। କିନ୍ତୁ ସବୁ ବର୍ଷ ଅଧିବେଶନର ଅବଧି କମାଇ ଦିଆଯାଉଛି। ଯେତିକି ଦିନ ବି ବିଧାନସଭା ଚାଲୁଛି, ହଟ୍ଟଗୋଳ ଓ ମୁଲତବୀ ଯୋଗୁଁ ଆଲୋଚନା ସମ୍ଭବ ହୋଇପାରୁନାହିଁ। ଏହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲାଣି। ସେମାନେ ପ୍ରଶ୍ନ କରିବା ଆରମ୍ଭ କଲେଣି ଯେ ବାସ୍ତବରେ ପ୍ରସଙ୍ଗ ନ ଥାଏ ନା ଆଲୋଚନା ପାଇଁ ଇଚ୍ଛାଶକ୍ତି ନାହିଁ? ୨୦୧୪ ମସିହାରେ ବିଧାନସଭା ଶୀତ ଅଧିବେଶନରେ ଏକ ପ୍ରସ୍ତାବ ଗୃହୀତ ହୋଇ ଓଡ଼ିଶା ବିଧାନସଭାର କାର୍ଯ୍ୟବିଧି ଆଇନର ୧୭୭ ଧାରାକୁ ସଂଶୋଧନ କରାଯାଇଥିଲା। ଏଥିରେ କୁହାଯାଇଥିଲା ଯେ ଗୃହ ଚାହିଁଲେ ପ୍ରତି କ୍ୟାଲେଣ୍ଡର୍ ବର୍ଷରେ ଧାର୍ଯ୍ୟ ୬୦ ଦିନ କାର୍ଯ୍ୟଦିବସକୁ କମାଇପାରିବ। ଏପରି ସଂଶୋଧନ ପ୍ରସ୍ତାବକୁ କାଳେ କିଏ ସମାଲୋଚନା କରିବ, ସେହି ଆଶଙ୍କାରେ ଏ କଥା ବି କୁହାଯାଇଥିଲା ଯେ ଗୃହ କାର୍ଯ୍ୟକାଳ ୬୦ ଦିନରୁ କମାଯାଇ ନାହିଁ। କିନ୍ତୁ ଆବଶ୍ୟକ ନ ଥିଲେ କାର୍ଯ୍ୟଦିବସ କମାଇବା ପାଇଁ ଗୃହକୁ କ୍ଷମତା ଦିଆଯାଇଛି। ଏହି କ୍ଷମତାକୁ ବ୍ୟବହାର କରିବାରେ ଗୃହ ଆଦୌ ହେଳା କରିନାହିଁ। ୨୦୧୪ ମସିହାରେ ଏପରି ସଂଶୋଧନ ପ୍ରସ୍ତାବ ପାରିତ ହେବାର ଦିନକ ପରେ ହିଁ ଗୃହ ଏହି କ୍ଷମତାକୁ ବ୍ୟବହାର କଲା। ସେହି ଅଧିବେଶନ ୧୨ ଦିନ ଆଗରୁ ବନ୍ଦ ହୋଇଗଲା। ବନ୍ଦ କରିବା ପାଇଁ ପ୍ରସ୍ତାବ ଦେଲେ ଶାସକ ଦଳ ଓ ସମର୍ଥନ କଲେ ବି ଶାସକ ଦଳ। ତାହା ପର ଠାରୁ ପ୍ରତି ବର୍ଷ ଏହି ଧାରା ଅବ୍ୟାହତ ରହିଛି। କୌଣସି ଗୋଟିଏ କ୍ୟାଲେଣ୍ଡର୍ ବର୍ଷରେ ବି ବିଧାନସଭା ୬୦ ଦିନ ବସିନି। ସବୁଥର ସେହି ଗୋଟିଏ ଯୁକ୍ତି, ଆଉ ସରକାରୀ କାର୍ଯ୍ୟକ୍ରମ ନାହିଁ। ତେଣୁ ବିଧାନସଭା ଅଧିବେଶନ ବସିବାର ଆବଶ୍ୟକତା ନାହିଁ। ଏପରି ଯୁକ୍ତି ଦର୍ଶାଯାଉଛି ଯେ ଲାଗୁଛି ଯେମିତି ରାଜ୍ୟର କୌଣସି ପ୍ରସଙ୍ଗ ନାହିଁ ଆଲୋଚନା ପାଇଁ। ରାଜ୍ୟର ସବୁ ସମସ୍ୟା ସମାଧାନ ହୋଇଯାଇଛି ଓ ଲୋକ ଶାନ୍ତିରେ ଅଛନ୍ତି। ତର୍କ, ବିତର୍କ, ଆଲୋଚନା ସବୁ ଅପ୍ରାସଙ୍ଗିକ। ଚଳିତ ବର୍ଷ ଅଧିବେଶନ ଆଗୁଆ ବନ୍ଦ କରିବା ନେଇ ଶାସକ ଦଳ ମୁଖ୍ୟ ସଚେତକ ପ୍ରସ୍ତାବ ଆଣିଥିଲେ। ଏଥିରେ ସେହି ଚିରାଚରିତ ଯୁକ୍ତି ଥିଲା ଯେ ଆଉ କୌଣସି ସରକାରୀ କାର୍ଯ୍ୟ ନ ଥିବାରୁ ଗୃହକୁ ବନ୍ଦ ରଖାଯାଉ। ଏହା ସହ ଆଉ ଗୋଟିଏ ଉଦ୍ଭଟ ଯୁକ୍ତି ବି ସେ ଯୋଡ଼ିଥିଲେ। କୋଭିଡ୍‌ର ତୃତୀୟ ଲହର ଆଶଙ୍କା ଥିବାରୁ ଗୃହ କାର୍ଯ୍ୟକୁ ବନ୍ଦ ରଖିବାକୁ ସେ ପ୍ରସ୍ତାବ ଦେଇଥିଲେ। ଶାସକ ଦଳର ଅନ୍ୟ ସଭ୍ୟ ମଧ୍ୟ ଏହି ମର୍ମରେ ପ୍ରସ୍ତାବକୁ ସମର୍ଥନ କରିଥିଲେ। ମୁଖ୍ୟ ସଚେତକ ଯେଉଁ ଦିନ କୋଭିଡ୍ ଆଶଙ୍କା ଆଳରେ ଗୃହ ବନ୍ଦ କରିଦେବାକୁ ପ୍ରସ୍ତାବ ଦେଇଥିଲେ, ଠିକ୍ ତାହାରି ପୂର୍ବ ଦିନ ଉଭୟ ଶାସକ ଓ ବିରୋଧୀ ଦଳ ହଜାର ହଜାର ଲୋକଙ୍କୁ ରାଜଧାନୀରେ ଠୁଳ କରିଥିଲେ। ସେଠାରେ କୋଭିଡ୍ କଟକଣାକୁ ଖୋଲା ଉଲ୍ଲଂଘନ କରାଯାଇଥିଲା। କୋଭିଡ୍ ପାଇଁ ରାଜନୈତିକ ସମାବେଶ ସହ ଅଧିକ ଲୋକ ଏକାଠି ହେବାରେ କଟକଣା ଜାରି କରାଯାଇଥିଲେ ରାଜନୈତିକ ନେତୃବୃନ୍ଦ ତାହାକୁ ଦଳିମକଚି ଦେଇଥିଲେ। ନା ଥିଲା ସାମାଜିକ କଟକଣା ନା ଥିଲା କାହାରି ମୁହଁରେ ମାସ୍କ। ହଜାର ହଜାର ଲୋକ ଏକାଠି ହେଲେ କରୋନା ସଂକ୍ରମଣ ହେଉ ନ ଥିଲା ବେଳେ ବିଧାନସଭା ଭିତରେ କରୋନାର ତୃତୀୟ ଲହର ଆତଙ୍କ ଖେଳାଇବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।



# ଓଡ଼ିଶା ପୁଷ୍ଟି ମହୋତ୍ସବ: ପ୍ରତି ଥାଳିରେ ପୁଷ୍ଟିକର ଖାଦ୍ୟ

## ୨୫ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ଦ୍ୱାରା ୨୫ ହଜାର ଗ୍ରାମରେ ଖାଦ୍ୟମେଳା

ଭୁବନେଶ୍ୱର,୧୩/୧୨ (ନି.ପ୍ର): ଗ୍ରାମୀଣ ଓଡ଼ିଶାରେ ପୁଷ୍ଟିକର ଖାଦ୍ୟର ପ୍ରସାର ଏବଂ ପ୍ରଚାର ନିମନ୍ତେ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ଅଧୀନସ୍ଥ ଓଡ଼ିଶା ଜୀବିକା ମିଶନ ଆନୁକୂଲ୍ୟରେ ଚଳିତ ବର୍ଷ ୨୫୦୦ ଗ୍ରାମ ପଡାୟତରେ ସପ୍ତାହବ୍ୟାପୀ 'ଓଡ଼ିଶା ପୁଷ୍ଟି ମହୋତ୍ସବ' ଅନୁଷ୍ଠିତ ହୋଇଯାଇଛି । ରାଜ୍ୟବାସୀଙ୍କ ମଧ୍ୟରେ ମୋ ଉପକାରୀ ବଗିଚାର ପ୍ରଚାରପ୍ରସାର ଏବଂ ଉତ୍ତମ ସ୍ୱାସ୍ଥ୍ୟ ଓ ପୁଷ୍ଟି ସମ୍ବନ୍ଧୀୟ ସଚେତନତା ସୃଷ୍ଟି ଏହି ମହୋତ୍ସବର ମୁଖ୍ୟ ଲକ୍ଷ୍ୟ । ଚଳିତ ବର୍ଷ ଡିସେମ୍ବର ୬ରୁ ୧୨ ତାରିଖ ମଧ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଅଜିମ ପ୍ରେମ୍‌ଜୀ ଫାଉଣ୍ଡେସନ୍‌ର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଅକ୍ସଫାମ୍‌ର ରିପୋର୍ଟ ଅନୁଯାୟୀ ମୋ ଉପକାରୀ ବଗିଚା ଅଧୀନରେ ରାଜ୍ୟରେ ୪ ଲକ୍ଷ ୭୪ ହଜାର ପୁଷ୍ଟି ବଗିଚା ସ୍ଥାପନ କରାଯାଇଛି । ୪ ଲକ୍ଷ ୭୦ ହଜାର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ପିଏଲ୍‌ଏ-ଲାନ୍ ଶିକ୍ଷଣୀୟ କାର୍ଯ୍ୟକ୍ରମ ଅଧୀନରେ ସ୍ୱାସ୍ଥ୍ୟ ଏବଂ ପୁଷ୍ଟି ସମ୍ବନ୍ଧୀୟ ତାଲିମ ପ୍ରଦାନ କରାଯାଇଛି । ମିଶନ ଶକ୍ତି ବିଭାଗ ଅଧୀନସ୍ଥ ଓଡ଼ିଶା ଜୀବିକା ମିଶନର ୧୧ ହଜାର ୭୦୪ ଦକ୍ଷ ଗୋଷ୍ଠୀଭିତ୍ତିକ କର୍ମଚାରୀ ଗ୍ରାମୀଣ ଓଡ଼ିଶାର ଘରେ ଘରେ ପୁଷ୍ଟି ବଗିଚା ସ୍ଥାପନ ନିମନ୍ତେ ଆବଶ୍ୟକୀୟ ସହାୟତା ପ୍ରଦାନ କରୁଛନ୍ତି । ମୋ ଉପକାରୀ ବଗିଚା କାର୍ଯ୍ୟକ୍ରମ 'ସେଫ ଓ ନ୍ୟୁଟ୍ରି ଫୁଡ୍' ବର୍ଗରେ 'ଆଉଟ୍‌ଲୁକ୍ ପୋଷଣ ଆୱାର୍ଡ-୨୦୧୯' ପୁରସ୍କାରରେ ପୁରସ୍କୃତ ହୋଇଛି । ମୋ ଉପକାରୀ ବଗିଚା ମିଶନ ଶକ୍ତି ବିଭାଗର ଏକ ସଫଳ ପ୍ରୟାସ ଏବଂ ଏହାର ସଫଳତା ଆଧାରରେ ମଧ୍ୟପ୍ରଦେଶ ଓ ଝାରଖଣ୍ଡ ମଧ୍ୟ ସେମାନଙ୍କ ରାଜ୍ୟରେ ଏହାକୁ କାର୍ଯ୍ୟକାରୀ କରିଛନ୍ତି । ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ସୁଜାତା ଆର୍ କାର୍ତ୍ତିକେୟନ୍ ଏହି ଉତ୍ସବର ସଫଳତାରେ ଖୁସି ବ୍ୟକ୍ତ କରି କହିଛନ୍ତି, 'ଓଡ଼ିଶା ପୁଷ୍ଟି ମହୋତ୍ସବ' ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଉତ୍ସବ । ଯାହାକି ରାଜ୍ୟର ଘରେ ଘରେ ପୁଷ୍ଟି ସମ୍ବନ୍ଧରେ ସଚେତନତା ସୃଷ୍ଟି କରିଛି । ରାଜ୍ୟରେ ମୋ ଉପକାରୀ ବଗିଚାର ସଫଳତା ନିଶ୍ଚିନ୍ତ ପ୍ରଶଂସାଯୋଗ୍ୟ । ଏହି ଅବସରରେ ମିଶନ ଶକ୍ତି ବିଭାଗ ଅଧୀନସ୍ଥ ଓଡ଼ିଶା ଜୀବିକା ମିଶନର ନିର୍ଦ୍ଦେଶିକା ମାନସୀ ନିମ୍ଭାଲ କହିଛନ୍ତି, 'ଓଡ଼ିଶା ପୁଷ୍ଟି ମହୋତ୍ସବ' ଦେଶର ବିଶାଳ ପୁଷ୍ଟି ଉତ୍ସବ ଅଟେ । ଏହା ରାଜ୍ୟରେ ପୁଷ୍ଟି ସମ୍ବନ୍ଧୀୟ ସଚେତନତା ଦର୍ଶାଉଛି । ମୋ ଉପକାରୀ ବଗିଚା ଲୋକମାନଙ୍କର ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ପୂରଣ କରିପାରିଛି । ଓଡ଼ିଶା ପୁଷ୍ଟି ମହୋତ୍ସବରେ ଭାଗନେଇ ସମ୍ବଲପୁର, ଯୁଜୁମରା ବ୍ଲକ୍‌ର ଧରିତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଶ୍ରୀମତୀ ସବିତା ବାଡ଼ା କହିଛନ୍ତି, 'ରାଜ୍ୟ ସରକାରଙ୍କର ଏହି ପଦକ୍ଷେପ ଗ୍ରାମାତଳରେ ପୁଷ୍ଟି ସମ୍ବନ୍ଧୀୟ ସଚେତନତା ବୃଦ୍ଧି କରିବାରେ ସହାୟକ ହୋଇଛି । ୧୦ ପ୍ରକାରର ଖାଦ୍ୟ ସମୂହ (ଶସ୍ୟ, ଡାଲି, ମଞ୍ଜି, ମାଛ, ମାଂସ, ଅଣ୍ଡା, ଶାଗ, ଦୁଟ ଇତ୍ୟାଦି) ଏବଂ ଏହାର ଆବଶ୍ୟକତା ବିଷୟରେ ଆମେ ଜାଣିପାରି ପ୍ରତିଦିନ ପୁଷ୍ଟିକର ଖାଦ୍ୟ ଖାଉଛୁ ।'

# ଗରିବ ମେଧା ବିଦ୍ୟାର୍ଥୀଙ୍କୁ ମିଳିବ ମାଗଣା କୋଚିଂ: ୧୫ରୁ ପଞ୍ଜିକରଣ

ଭୁବନେଶ୍ୱର ,୧୩/୧୨ (ନି.ପ୍ର): ରାଜ୍ୟର ୩୦ ଜିଲ୍ଲାର ଗରିବ ମେଧା ବିଦ୍ୟାର୍ଥୀଙ୍କୁ ମିଳିବ ମାଗଣା କୋଚିଂ। ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନରେ ଏକାଦଶ ଶ୍ରେଣୀରେ ପଢୁଥିବା ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଜାତୀୟ ସ୍ତରୀୟ ପ୍ରବେଶିକା ପରୀକ୍ଷା ପାଇଁ ମାଗଣାରେ ଦିଆଯିବ କୋଚିଂ। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକାଶ ପାଇଛି ବିଜ୍ଞପ୍ତି। ବିଜ୍ଞପ୍ତି ଅନୁଯାୟୀ, ଏହି ଛାତ୍ରଛାତ୍ରୀଙ୍କୁ ମେଡିକାଲ (ନିଟ୍), ଆଇଆଇଟି, ଜେଇଇ (ଇଞ୍ଜିନିୟରିଂ) ଓ ନ୍ୟାସନାଲ ଡିଫେନ୍ସ ଏକାଡେମୀ (ଏନ୍‌ଡିଏ) ପ୍ରବେଶିକା ପରୀକ୍ଷାର ପ୍ରସ୍ତୁତି ପାଇଁ କୋଚିଂ ଦିଆଯିବ। ଆସନ୍ତା ୧୫ ତାରିଖରୁ ଛାତ୍ରଛାତ୍ରୀମାନେ ଏଥିପାଇଁ ନାମ ପଞ୍ଜୀକରଣ କରିପାରିବେ। ସେମାନେ unacademy.com/scholarship/odisha-scholarship-test କୁ ଲଗ୍‌ଇନ୍ କରି ଅନ୍‌ଲାଇନ୍‌ରେ ନାମ ପଞ୍ଜୀକରଣ କରିପାରିବେ। ଏହି ପଞ୍ଜୀକରଣ ଆସନ୍ତା ୧୫ ତାରିଖରୁ ଆରମ୍ଭ ହୋଇ ଜାନୁଆରୀ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ।

## ବସ୍ତା ରେଳ ଷ୍ଟେସନରେ ଟ୍ରେନରୁ ଖସି ଯୁବକ ମୃତ

ବସ୍ତା, ୧୩/୧୨ (ନି.ପ୍ର): ସିଂଲା ଥାନା ଅନ୍ତର୍ଗତ କଇନଗରୀ ଗ୍ରାମର ସୁରେଶ ମୌଇକାପ ଙ୍କ ପୁଅ ରଞ୍ଜନ ମୌକାପ । ଆଜି ସକାଳୁ ଯାଜପୁର ରୁ ବସ୍ତା ଟ୍ରେନ ରେ ଆସି ବସ୍ତା ଷ୍ଟେସନ ରେ ଓହ୍ଲେଇବା ସମୟରେ ହଠାତ୍ ଗୋଡ଼ ଖସି ଯିବାରୁ ଦୁର୍ଘଟଣା ଘଟିଥିଲା ଉପସ୍ଥିତ ଲୋକେ ରେଳବାଇ କର୍ମଚାରୀ କୁ ଖବର ଦେଇଥିଲେ ।ଖବର ପାଇ ବସ୍ତାବ୍ଲକର ଚ୍ୟାୟାରମ୍ୟନ ଲକ୍ଷ୍ମୀଧର ଦାସ ସରପଞ୍ଚ ଅଞ୍ଜନ ଦଣ୍ଡପାଟ ଅନିଲ ମହାନ୍ତି ବିରାଜ ସିଂଦେଓ ବସ୍ତା ରେଳଷ୍ଟୋସନ ପହଂଚି ଘଟଣାସ୍ଥଳରେ ବୁଝାବୁଝିକରିଥିଲେ ପରେ ରେଳବାଇ ପୋଲିସ୍ ପହଞ୍ଚି ଶବ କୁ ଯବତ କରି ବ୍ୟବଛେଦପାଇପଠାଇ ଥିଲା ଏବଂଏକକେସ ନଂ ୬୩ଦ ୨୦୨୧ କରିଥିବା ଜଣାପଡିଛି ।

## ଇଞ୍ଜିନିୟର ଦିବସ ଆଲିଗ୍ରେଟୋ-୨୧ ଅନୁଷ୍ଠିତ

ଭୁବନେଶ୍ୱର, ୧୩/୧୨ (ନି.ପ୍ର): ବିପିୟୁଟି ଛାତ୍ର ସଂଘ ତରଫରୁ ସ୍ଥାନୀୟ ଉତ୍କଳ ମଣ୍ଡପ ଠାରେ ଇଞ୍ଜିନିୟର ଦିବସ 'ଆଲିଗ୍ରେଟୋ-୨୧' ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ ଯୋଗଦେଇ କହିଲେ ଯେ, ଆଜିର ଛାତ୍ର କାଲିର ଭବିଷ୍ୟତ। ରାଷ୍ଟ୍ର ନିର୍ମାଣରେ ଇଞ୍ଜିୟରମାନେ ଜଣେ ଜଣେ ବିଶ୍ୱକର୍ମା। ଦେଶ ତଥା ରାଜ୍ୟର ପ୍ରଗତି ଦିଗରେ ସେମାନଙ୍କ ଅବଦାନ ଅତୁଳନୀୟ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଭଣ୍ଡାରୀପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ କହିଲେ ଯେ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ଶାସନଭାର ଗ୍ରହଣ କରିବା ପରଠାରୁ ଇଞ୍ଜିନିୟରମାନଙ୍କୁ ପ୍ରାଧାନ୍ୟ ଦେଇ ଆସିଛନ୍ତି। ତେଣୁ ଓଡ଼ିଶାରେ ଏକ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ମୁଖ୍ୟମନ୍ତ୍ରୀ ସଂକଳ୍ପ ନେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ରେଢାଖୋଲ ବିଧାୟକ ତଥା ବିଜୁ ଜନତା ଦଳର ଉପମୁଖ୍ୟ ସଚେତକ ରୋହିତ ପୂଜାରୀ ଯୋଗଦେଇ କହିଲେ ଯେ, ଇଞ୍ଜିନିୟରମାନଙ୍କୁ ପ୍ରତ୍ୟେକ ସ୍ତରରେ ଗୁରୁତ୍ୱ ଦେଲେ ରାଜ୍ୟର ପ୍ରଗତି ଦ୍ରୁତଗତିରେ ଆଗେଇ ଚାଲିବ। ବିପିୟୁଟି ଛାତ୍ରସଂଘର ମୁଖ୍ୟ ସଂଗଠକ ଇଂ ଶକ୍ତିପ୍ରସାଦ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବିଜୁ ଯୁବ ଛାତ୍ରଜନତା ଦଳର କର୍ମକର୍ତାଙ୍କ ସହ ବିପିୟୁଟିର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।

## ହୃଦଘାତରେ ଯୁବ ବ୍ୟବସାୟୀଙ୍କ ପରଲୋକ



ବାଲିଆପାଳ, ୧୩/୧୨ (ନି.ପ୍ର): ବାଲିଆପାଳ ବ୍ଲକ ସିମୁଳିଆ ବଜାର ବହୁ ପୁରୁଣା ମତ୍ସ୍ୟ ବ୍ୟବସାୟୀ ରବୀନ୍ଦ୍ର ଖଣ୍ଡା ଙ୍କର ହୃଦଘାତରେ ପରଲୋକ ହୋଇଯାଇଛି ।ଶୁକ୍ରବାର ରବୀନ୍ଦ୍ର ହଟାତ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ତୁରନ୍ତ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡମେଡିକାଲରେ ଭର୍ତ୍ତୀ କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ରବିବାର ବିଳମ୍ବିତ ରାତ୍ରୀରେ ତାଙ୍କର ପରଲୋକ ହୋଇଯାଇଥିଲ ।ଆଜି ସାଖଲେ ମର ଶରୀର ପଞ୍ଚରୁଖି ସ୍ଥିତ ଭାସଭବନରେ ପହଂଚିବା ପରେ ଏକ ଶୋକାଖୁଳ ପରିବେଶ ସୃଷ୍ଟି ହୋଇଥିଲା ।ମଧୁପୁରା ପଞ୍ଚାୟତର ପୂର୍ବତନ ସରପଞ୍ଚ ମୁରଳୀ ମୋହନ ସାହୁ, ସମିତି ସଦସ୍ୟ ପ୍ରତିନିଧ ମନ୍ମଥ ବାରିକ, ଭାନୁଚରଣ ଗଙ୍ଗାଇ , ସୁବୋଧ ଦଳାଇ, ଲକ୍ଷ୍ମୀଧର ଗଙ୍ଗାଇ, ଶିବ ନାରାୟଣ ବାଗ, ରଜନୀ ଖଣ୍ଡା, ବଂଶିଧର ଦଳାଇ, ବୁଧିରାମ ବେହେରା ମାଛ ମାର୍କେଟ କମିଟିର ଅନନ୍ତ ମଣ୍ଡଳ, ସୁଶାନ୍ତ ପ୍ରମାଣିକ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ହୋଇ ଅମର ଅତ୍ମାର ସଦଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଘକୁ ସମବେଦନା ଜଣାଇଥିଲେ । ସେହିପରି ସିମୁଳିଆ ମାର୍କେଟରେ ଅମର ଅତ୍ମାର ସଦଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା । ମରସ୍ଵର ନିକଟରରେ ଭାଇ ପଦମଲୋଚନ ଖଣ୍ଡା, ସୁଶାନ୍ତ ଖଣ୍ଡାଙ୍କ ସମେତ ପରିବାର ଓ ଆତ୍ମୀୟସଜନ ମାନେ ଉପସ୍ଥିତ ଥିଲେ ।

## ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ତରଫରୁ ଶ୍ରଦ୍ଧାଞ୍ଜଳି ସଭା



ଉଦଳା, ୧୩/୧୨ (ନି.ପ୍ର): ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ତରଫରୁ ସ୍ଥାନୀୟ କାର୍ଯ୍ୟାଳୟ ପରିସରରେ ତାମିଲନାଡୁର କୁନୁର ଠାରେ ହେଲିକପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିବା ତିନି ସେନା ବାହିନୀର ମୁଖ୍ୟ ବିପିନ ରାୱତ, ଓଡ଼ିଆ ପୁଅ ବାୟୁସେନା ଅଧିକାରୀ ରାଣାପ୍ରତାପ ଦାସ ଏବଂ ଅନ୍ୟ ୧୩ ଜଣ ଯବାନଙ୍କ ସହିତ ଉଦଳା ମାଟିର ବିଶିଷ୍ଟ ସମାଜସେବୀ ଶ୍ରୁତିଧର ଜେନାଙ୍କ ଉଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି । ଟ୍ରଷ୍ଟର ସଭାପତି ପ୍ରମିଳା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସର୍ବ ପ୍ରଥମେ ସହିତ ମାନଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ, ଧୂପ, ଦୀପ ଅର୍ପଣ କରାଯାଇଥିଲା । ଏହାପରେ ଦିବଂଗତଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏଥିରେ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧକ୍ଷ ଡ଼. ଦିଲ୍ଲିପ କୁମାର ଦିକ୍ଷିତ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ବିପିନ ରାୱତଙ୍କୁ ହରାଇବା ଭାରତ ମାତାଙ୍କ ପାଇଁ ଅପୁରଣୀୟ କ୍ଷତି । ତାଙ୍କର ଦୃଢ଼ ନେତୃତ୍ୱ ଶତୃଦେଶ ମାନଙ୍କ ଭିତରେ ଭୟ ସଞ୍ଚାର କରିପାରୁ ଥିଲା ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ମୁଖ୍ୟ ବକ୍ତା ଭାବରେ ଅବସରପ୍ରାପ୍ତ ମହାବିଦ୍ୟାଳୟର ପ୍ରାଧାପକ ଡ଼. ଶ୍ୟାମ ସୁନ୍ଦର ପଣ୍ଡା ଯୋଗ ଦେଇ ସର୍ଜିକାଲ ଷ୍ଟ୍ରାଇକ ଠାରୁ ଆରମ୍ଭ କରି ଚିନର ଅନୁପ୍ରବେଶକୁ ରୋକ ଦେବାରେ ତାଙ୍କର ବଳିଷ୍ଠ ଦକ୍ଷତା ନିକଟରେ ଭାରତବାସୀ ନତ ମସ୍ତକ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଟ୍ରଷ୍ଟର ସଂପାଦକ ଆଇନଜୀବି ବସନ୍ତ କୁମାର ପରିଡ଼ା, ଅବସରପ୍ରାପ୍ତ କୃଷି ଅଧିକାରୀ କରୁଣାକର ଦାସ, ଶିକ୍ଷୟିତ୍ରୀ ନମିତା ରାଉତ, ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି, ଆଇନଜୀବି ସତ୍ୟବ୍ରତ ମିଶ୍ର ଯୋଗ ଦେଇ ମାଟି ମା ସେବାରେ ଯେଉଁ ମାନେ ନିଜର ଜୀବନ ଉତ୍ସର୍ଗ କରିଥାନ୍ତି ସେମାନେ ଧରା ବକ୍ଷରେ ଚିରସ୍ମରଣୀୟ ହୋଇ ରହିଥାନ୍ତି । ଶୃତିଧର ଜେନା ତାଙ୍କ ଜୀବନବ୍ୟାପି ଉଦଳା ଅଞ୍ଚଳର ଉନ୍ନତି ପାଇଁ ନିସ୍ୱାର୍ଥପର କର୍ମ କରିଯାଇଛନ୍ତି, ତେଣୁ ଉଦଳା ମାଟି ତାଙ୍କୁ ମନେ ରଖିବ ।

## ପାରାଦୀପ ଏନ୍.ସି.ସି.କ୍ୟାଡେଟ୍‌ମାନଙ୍କ ଦ୍ୱାରା ବେଳାଭୂମି ସଫେଇ



ପାରାଦୀପ, ୧୩/୧୨ (ନି.ପ୍ର): ପାରାଦୀପ ମହାବିଦ୍ୟାଳୟ ଓ ପୋର୍ଟ ଟ୍ରଷ୍ଟ ହାଇସ୍କୁଲର ନାଭାଲ ଏନ୍.ସି.ସି., ମ୍ୟୁନିସିପାଲ ହାଇସ୍କୁଲ ଓ ଇଫକୋ ଡି.ଏ.ଭି.ସ୍କୁଲର ଆର୍ମି ଏନ୍.ସି.ସି.ଙ୍କ ସମେତ ରିଫାନାରୀର ଡି.ପି.ଏସ୍.ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶନିବାର ଦିନ ପାରାଦୀପ ସମୁଦ୍ର ବେଳାଭୂମିରେ ପୁନୀତ ସାଗର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସମସ୍ତ ଛାତ୍ରଛାତ୍ରୀମାନେ ପାରାଦୀପ ମହାବିଦ୍ୟାଳୟରେ ପହଂଚିଥିଲେ । ସେଠାରୁ ଏକ ଶୋଭାଯାତ୍ରାରେ ବାହାରି ସମୁଦ୍ର ବେଳାଭୂମିରେ ପହଂଚିଥିଲେ । ପାରାଦୀପ ମହାବିଦ୍ୟାଳୟର ଏନ.ସି.ସି. ଅଫିସର ଲେଫନା କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର, ପୋର୍ଟ ଟ୍ରଷ୍ଟ ହାଇସ୍କୁଲର ଏନ.ସି.ସି. ଅଫିସର ପ୍ରଦୀପ କୁମାର ଦାଶ, ମ୍ୟୁନିସିପାଲ ହାଇସ୍କୁଲର ଏନ.ସି.ସି. ଅଫିସର କାଳନ୍ଦୀ ଚନ୍ଦ୍ର ନାଥ,ଏସ୍.ଏସ.ମିଶ୍ର,ଦିଲ୍ଲୀପ କୁମାର ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ବେଳାଭୂମି ସଫେଇ ରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ପାରଦୀପ ବନ୍ଦରର ମୁଖ୍ୟ ଅର୍ଥ ପରାମର୍ଶଦାତା ଡି.ଏନ୍.ସୋଣ୍ଡୀ ଓ ପାରାଦୀପ ମହାବିଦ୍ୟାଳୟର ଅଧକ୍ଷା ଡ.ସସ୍ମିତା ଶତପଥି ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ ।

## ଠିପି ଖୋଲା ମଦ ଦେକାନକୁ ବରୁଣଗଡ଼ିଆ ବାସୀଙ୍କ ବିରୋଧ

ବାଲେଶ୍ୱର,୧୩/୧୨ (ନି.ପ୍ର): ବସ୍ତା ବ୍ଲକ ବରୁଣଗଡ଼ିଆ ପଞ୍ଚାୟତରେ ଅବକାରୀ ବିଭାଗର ପ୍ରସ୍ତାବିତ ଠିପିଖୋଲା ମଦ ଦୋକାନକୁ ବିରୋଧ କରି ସ୍ଥାନୀୟ ସରପଞ୍ଚ ଓ ୱାର୍ଡ଼ ସଭ୍ୟମାନେ ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି। ସରପଞ୍ଚ ଲିପିକା ରାଉଳଙ୍କ ନେତୃତ୍ୱରେ ବହୁ ୱାର୍ଡ଼ ସଭ୍ୟ ସଭ୍ୟା ଓ ଗ୍ରାମବାସୀମାନେ ସୋମବାର ଜିଲାପାଳଙ୍କୁ ସାକ୍ଷାତ କରି ଠିପି ଖୋଲା ମଦ ଦୋକାନ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାବି କରିଛନ୍ତି। ସେମାନଙ୍କ ଆପତ୍ତି ଅନୁସାରେ ବାରମ୍ବାର ପ୍ରତିବାଦ ସତ୍ତ୍ୱେ ପୂର୍ବରୁ ବରୁଣଗଡ଼ିଆ ପଞ୍ଚାୟତରେ ପ୍ରଶାସନ ପକ୍ଷରୁ ଏକ ଠିପିବନ୍ଦ ମଦଦୋକାନ ଖୋଲାଯାଇଥିଲା। ଏବେ ପୁଣି ଏହି ପଞ୍ଚାୟତରେ ଆଉ ଗୋଟିଏ ଟିପି ଖୋଲା ମଦ ଦୋକାନ ଖୋଲା ଯିବା ଦ୍ୱାରା ଏଠାରେ ନାନାପ୍ରକାର ଅଭାବନୀୟ ଘଟଣା ଘଟିବାର ଆଶଙ୍କା ରହିଛି। ଏହି ଅଞ୍ଚଳରେ ଶାନ୍ତି ନଷ୍ଟ ହେବା ସହିତ ୫୦ ମିଟର ଦୂରତାରେ ଥିବା ଦୁଇଟି ଗ୍ରାମ ଯଥା କିଆପଣସି ଓ ଉଦୟପୁର ଲୋକଙ୍କ ପାଇଁ ଏହି ଦୋକାନ ଅତ୍ୟନ୍ତ ଅଶୋଭନୀୟ ପିରସ୍ଥିତି ସୃଷ୍ଟି କରିବ ବୋଲି ମହିଳା ସରପଞ୍ଚ ଶ୍ରୀମତୀ ରାଉଳ ଆରୋପ ଉଠାଇଛନ୍ତି। ସବୁଠାରୁ ବଡ଼କଥା ହେଲା ଠିପିଖୋଲା ମଦ ଦୋକାନ ଖୋଲା ହେଲେ ଏହି ରାସ୍ତା ଦେଇ ମହିଳା, ଛାତ୍ରଛାତ୍ରୀ ଯାତାୟତ କରିବା କଷ୍ଟକର ହୋଇପଡ଼ିବ। ତୁରନ୍ତ ଏହି ପ୍ରସ୍ତାବିତ ଠିପି ଖୋଲା ମଦ ଦୋକାନ ଅନ୍ୟ ପଞ୍ଚାୟତ ବା ଅନ୍ୟ ବ୍ଲକକୁ ସ୍ଥାନାନ୍ତର ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି। ଜିଲା ଅବକାରୀ ବିଭାଗ କିମ୍ବା ପ୍ରଶାସନ ନଷ୍ପତ୍ତି ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ଏହି ପଞ୍ଚାୟତର ମହିଳାମାନେ ତୀବ୍ର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସରପଞ୍ଚ ଶ୍ରୀମତୀ ରାଉଳ ଚେତାବନୀ ଦେଇଛନ୍ତି ।ଏହି ପରିପ୍ରେକ୍ଷୀରେ ଗ୍ରାମାବସୀଙ୍କ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୪ ଗିରଫ

ଭୁବନେଶ୍ୱର, ୧୩/୧୨ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୪ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୭୦୫ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୫,୪୮,୪୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ହରନାଜ୍ ଭାରତ ପାଇଁ ଆଣିଲେ ....

ସେ ପିଲାଟି ଦିନରୁ ନିଜ ଫିଟନେସକୁ ନେଇ ବେଶ୍ ଯତ୍ନବାନ ହେବା ସହ ଫ୍ୟାଶନ ପ୍ରତି ମଧ ଅତ୍ୟନ୍ତ ଗମ୍ଭୀର ଥିଲେ। ସେ ଅନେକ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ମଧ ଭାଗ ନେଇଥିଲେ। ୧୭ ବର୍ଷ ବୟସରୁ ହିଁ ହରନାଜ ମିସ୍ ଚଣ୍ଡିଗଡ ସୁନ୍ଦରୀ ପ୍ରତିଯୋଗିତା ଜିତିଥିଲେ। ଏହାପରେ ଚାରିଆଡେ ତାଙ୍କୁ ନେଇ ଚର୍ଚ୍ଚା ହୋଇଥିଲା। ୨୦୧୭ରେ ସେ ଏହି ପ୍ରତିଯୋଗିତା ଜିତିବା ସହ ଏଠାରୁ ହିଁ ନିଜ ସଫଳତାଁର ଯାତ୍ରା ଆରମ୍ଭ କରିଥିଲେ ହରନାଜ । ଏହି ବଡ ସଫଳତା ପରେ ୨୦୧୮ରେ ସେ ମିସ୍ ମ୍ୟାକ୍ସ ଏମର୍ଜିଂ ଷ୍ଟାର ଇଣ୍ଡିଆ ମୁକୁଟ ମଧ ହାତେଇଥିଲେ। ଏହାପରେ ୨୦୧୯ରେ ମିସ୍ ଇଣ୍ଡିଆ ଇଭେଣ୍ଟରେ ସେ ଭାଗ ନେଇଥିଲେ। ଏଥିରେ ସେ ଟପ୍? ୧୨ଙ୍କ ମଧରେ ସ୍ଥାନ ପାଇଥିଲେ। ଚଳିତ ବର୍ଷ ସେପଟ୍ୱେମ୍ବରରେ ସେ ମିସ୍ ଡିଭା ୟୁନିର୍ଭସ ଇଣ୍ଡିଆ-୨୦୨୧ ସୁନ୍ଦରୀ ପ୍ରତିଯୋଗିତାରେ ମଧ ବାଜି ମାରିନେଇଥିଲେ। ତାଙ୍କୁ ଅଭିନେତ୍ରୀ କ୍ରିତି ସାନନ ମୁକୁଟ ପିନ୍ଧାଇଥିଲେ। ଫିଟ୍‌ନେସ ଏବଂ ଯୋଗା ଲଭର ହରନାଜ ସବୁବେଳେ ଚାହୁଁଥିଲେ ଯେ ଦୁନିଆ ତାଙ୍କର ସୌନ୍ଦର୍ଯ୍ୟ ସହିତ ପରିଚିତ ହେଉ। ସେ ଏଥିପାଇଁ ବହୁତ କଡା ପରିଶ୍ରମ କରୁଥିଲେ। ସେ କେବଳ ସୁନ୍ଦରୀ ପ୍ରତିଯୋଗିତା ନୁହେଁ ଅନେକ ପଞ୍ଜାବୀ ଫିଲ୍ମ ଏବଂ ମ୍ୟୁଜିକ ଆଲବମ୍‌ରେ ମଧ କାମ କରିଛନ୍ତି। ନିଜ ଅଭିନୟ ଜାଦୁ ରେ ସମସ୍ତଙ୍କୁ କରିଛନ୍ତି ମତୁଆଲା। ସୂଚନା ମୁତାବକ, ହରନାଜ୍‌ଙ୍କ ପୂର୍ବରୁ ୨୦୦୦ରେ ମିସ୍ ୟୁନିର୍ଭସ ଟାଇଟଲ ଲାରା ଦତ୍ତ ଜିତିଥିଲେ । ତା'ପରେ ଆଉ କୌଣସି ପ୍ରତିଯୋଗି ଭାରତ ପାଇଁ ସଫଳତା ଆଣିନଥିଲେ। ଏବେ ହରନାଜ୍ ୨୧ ବର୍ଷ ପରେ ଭାରତକୁ ଏହି ଗୌରବ ଆଣିଦେଇଛନ୍ତି। ଏହାକୁ ମିଶାଇ ଭାରତ ତୃତୀୟ ଥର ଏହି ଟାଇଟଲ ହାସଲ କରିଛି। ପ୍ରତିଯୋଗିତାରେ ହରନାଜ୍ ସାନ୍ଧୁ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ମିସ୍ ପରାଗୁଏ ଦ୍ୱିତୀୟ ସ୍ଥାନରେ ଓ ମିସ୍ ସାଉଥ ଆଫ୍ରିକା ତୃତୀୟ ସ୍ଥାନରେ ରହିଥିଲେ।

### ସ୍ମାର୍ଟ ହେଲ୍‌ଥ କାର୍ଡରେ ସାମିଲ ହେଲା....

କହିଥିଲେ ଯେ ଓଡିଆ ଜାତିକୁ ତାର ହକ୍ ଦେବା ପାଇଁ ଆମର ଲଢେଇ ଜାରି ରହିବ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମିଶନ ଶକ୍ତିର ମାଆମାନେ ହେଉଛନ୍ତି ନୂଆ ଯୁଗର ସାରଥୀ। ଖୋର୍ଦ୍ଧାର ମିଶନ ଶକ୍ତିର ମାଆମାନେ ଭଲ କାମ କରୁଥିବାରୁ ଖୁସି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଖୋର୍ଦ୍ଧାରେ ୨୬ ହଜାରରୁ ଅଧିକ ମିଶନ ଶକ୍ତିର ମାଆମାନେ ୪୩୨ କୋଟିରୁ ଅଧିକ ଟଙ୍କା ଋଣ ନେଇ ସାରା ରାଜ୍ୟରେ ରେକର୍ଡ କରିଛନ୍ତି । ସେଥିପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ କଟକରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ, ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପଂଚାୟତି ରାଜ ମନ୍ତ୍ରୀ ପ୍ରତାପ ଜେନା, ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ଯୋଗ ଦେଇଥିବା ବେଳେ ଖୋର୍ଦ୍ଧାରେ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଅଶୋକ ପଣ୍ଡା, କ୍ରୀଡା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

### ସୁମିତ-ତପସ୍ୱିନୀ ବିବାଦର ଅନ୍ତ ହେଉନି ....

ଜଣାଇଛନ୍ତି । ଗତ ୯ ତାରିଖରେ ବ୍ରହ୍ମପୁର ଏସଡିଜେଏମ କୋର୍ଟଙ୍କ ରାୟ ପରେ ହସ୍ପିଟାଲରେ ଛୁଟି ଦରଖାସ୍ତ ଦେଇ ଫେରାର ହୋଇଯାଇଥିଲେ ଡାକ୍ତର ସୁମିତ । ଦେହ ଅସୁସ୍ଥ ଥିବାରୁ ବନ୍ଧୁଙ୍କ ଘରେ ରହି ତପସ୍ୱିନୀଙ୍କ ପାଇଁ ଭଡାଘର ଖୋଜୁଥିବା କହିଥିଲେ ତାଙ୍କ ଓକିଲ । ହେଲେ ଘଟଣାକୁ ୪ ଦିନ ବିତିଥିଲେ ମଧ ସୁମିତ କୌଣସି ପ୍ରକାର ଯୋଗାଯୋଗ କରିନଥିବା ଅଭିଯୋଗ କରିଛନ୍ତି ତପସ୍ୱିନୀ ଦାସ । ଏପଟେ ସୁମିତ ଆଗରୁ କରିଥିବା ଡିଭୋର୍ସ ପିଟିସନର ଆଜି ବ୍ରହ୍ମପୁର ପରିବାର ଅଦାଲତରେ ଶୁଣାଣି ଥିଲେ ମଧ ହାଜର ହୋଇନାହାନ୍ତି ସୁମିତ । କିନ୍ତୁ ହାଜର ହୋଇଥିଲେ ତପସ୍ୱିନୀ । ବିବାହ ବିଚ୍ଛେଦ ମାମଲାର ପ୍ରଥମ ଶୁଣାଣିରେ କାଉନସେଲିଂ କରାଯାଉଥିବାରୁ କୋର୍ଟ ଆଉଏକ ତାରିଖ ଧାର୍ଯ୍ୟ କରିଥିବା ଜଣାପଡିଛି ।

### ସୁପରସୋନିକ ମିସାଇଲ ଟରପିଡୋର....

ଡିଆରଡିଓ ଏବଂ ଗବେଷଣା କେନ୍ଦ୍ର ଇମ୍ରାଟ, ଏରିଆଲ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଏଷ୍ଟାବ୍ଲିସମେଣ୍ଟ, ଆଗ୍ରା ଏବଂ ନୌସେନା ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ପରୀକ୍ଷାଗାର ବିଶାଖାପାଟନମ ଦ୍ୱାରା ଏହି ସ୍ମାର୍ଟ କ୍ଷେପଣାସ୍ତ୍ର ବିକଶିତ କରାଯାଇଛି । ଏହି କ୍ଷେପଣାସ୍ତ୍ରର ପରୀକ୍ଷଣ ଦେଶର ରଣନୈତିକ ଶକ୍ତିବୃଦ୍ଧି କରିବ ଏବଂ ନୌସେନାର ସାମର୍ଥ୍ୟ ବୃଦ୍ଧି କରିବ । ବୁଡ଼ାଜାହାଜ ବିରୋଧୀ ଯୁଦ୍ଧ ପାଇଁ ଏହା ଏକ ବଡ଼ ସଫଳତା । ଏହି ପ୍ରକଳ୍ପ ୨୦୦୩ ରେ ଅନୁମୋଦିତ ହୋଇଥିଲା । ଏହା ବର୍ତ୍ତମାନ ଭାରତୀୟ ନୌସେନାରେ କାର୍ଯ୍ୟ କରୁଥିବା ଏକ ପ୍ରକାର ବୁଡ଼ାଜାହାଜ ବିରୋଧୀ ଯୁଦ୍ଧ ଜାହାଜ । ଏଥିରେ ଆଇଏନଏସ କାମର୍ତା, ଆଇଏନଏସ କଦମତ, ଆଇଏନଏସ କିଲଟାନ ଏବଂ ଆଇଏନଏସ କାଭାରଟି ଅନ୍ତର୍ଭୁକ୍ତ ।

### ଜୱାଦରେ ୧୩୧ ବ୍ଲକ୍‌ର ୫.୭୮ ଲକ୍ଷ.....

ବିଭାଗ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ କହିଥିଲେ। ପ୍ରକୃତ କ୍ଷୟକ୍ଷତି ଆକଳନ ପ୍ରାୟ ୭ ଦିନ ମଧ୍ୟରେ ସରିଯିବ ବୋଲି ଉନ୍ନୟନ କମିଶନର ଶ୍ରୀ ଜେନା କହିଥିଲେ । ଖରିଫ ଫସଲ ପାଚିବା ସମୟରେ ଏହି ସାମୁଦ୍ରିକ ବାତ୍ୟା ଜନିତ ବର୍ଷା ଚାଷୀମାନଙ୍କର ପ୍ରଭୁତ କ୍ଷତି କରିଛି ବୋଲି କେନ୍ଦ୍ରୀୟ ଟିମ୍ ର ସଦସ୍ୟମାନେ କହିଥିଲେ । ଜମିରେ ପାଣି ଜମି ରହିବାରୁ ଚାଷୀ ମଧ ରବି ଫସଲ ନିମନ୍ତେ ମଞ୍ଜି ବୁଣିବାରୁ ବଂଚିତ ହୋଇଛନ୍ତି ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନ ଶ୍ରୀ ଜେନା କହିଥିଲେ । ଉଲ୍ଲେଖନୀୟ ଯେ୬ ଜଣ ବିଶିଷ୍ଟ ଏହି ଟିମ୍ ଗୃହ ମନ୍ତ୍ରଣାଳୟର ଯୁଗ୍ମ ଶାସନ ସଚିବ ସୌରଭ ରାୟଙ୍କ ନେତୃତ୍ୱରେ ଓଡ଼ିଶା ଆସି ଗଂଜାମ, ପୁରୀ, ଜଗତସିଂପୁର, କଟକ, ଯାଜପୁର ଓ କେନ୍ଦ୍ରାପଡ଼ା ଆଦି ଜିଲ୍ଲାର କ୍ଷତିଗ୍ରସ୍ତ ଅଂଚଳ ବୁଲି ଦେଖିବାସହ ଚାଷୀମାନଙ୍କ ସହିତ ସିଧା ସଳଖ ଆଲୋଚନା କରିଥିଲେ ।

## ଚିନ୍ମୟ ମିଶନ ପକ୍ଷରୁ ଗୀତାବୃତ୍ତି ପ୍ରତିଯୋଗିତା

ବାଲେଶ୍ୱର,୧୩/୧୨ (ନି.ପ୍ର): ଚିନ୍ମୟ ମିଶନ ବାଲେଶ୍ୱର ଶାଖା ପକ୍ଷରୁ ଭୋଇସାହିସ୍ଥ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ୍ ପରିସରରେ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶିଶୁଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୫୫ ଜଣ ଛାତ୍ରଛାତ୍ରୀ ଏଥିରେ ଭାଗ ନେଇଥିଲେ। ସକାଳ ୮ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲୁ ରହିଥିଲା। ସ୍କୁଲର ଅଧକ୍ଷ ସୁଧାଂଶୁ ଶେଖର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ ସହ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ମିଶନର ବାଲେଶ୍ୱର ଶାଖା ଆଚାର୍ଯ୍ୟ ଅଗସ୍ତ୍ୟ ଚୈତନ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଡ କ୍ଷୀତିଶ୍ୱର ଦାଶ, ପ୍ରଫେସର ରାମଚନ୍ଦ୍ର ନାୟକ, ନିର୍ମଳ କୁମାର ପଣ୍ଡା, ସଦାନନ୍ଦ ଦିକ୍ଷୀତ, କମଳାକାନ୍ତ ବିଶ୍ୱାଳ ପ୍ରମୁଖ ଏହି ପ୍ରତିଯୋଗିତାରେ ବିଚାରକ ମଣ୍ଡଳୀ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ମିଶନର ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ ଏଥିରେ ଯୋଗଦେଇ ବିଗତ ଦଶବର୍ଷରୁ ଉର୍ଦ୍ଧ୍ୱ କାଳଧରି ବାଲେଶ୍ୱରରେ ଚିନ୍ମୟ ମିଶନ ପକ୍ଷରୁ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ସମସ୍ତ ଅଭିଭାବକ, ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ। ମିଶନର କୋଷାଧକ୍ଷ ଶ୍ରୀ ଗଙ୍ଗାଧର ପୃଷ୍ଟି, ଦୀପ୍ତା କୁଣ୍ଡୁ, ମିଶନର ଯୁବକେନ୍ଦ୍ର ସମ୍ପାଦକ ସୁମିତ କୁମାର ଦାସ, ପ୍ରଦୀପ କୁମାର ସେଠୀ, ଦେବସ୍ମିତା ଜେନା ଓ ମନୋଜ ଦାସ ତଥା ମିଶନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରତିଯୋଗିତା ଶେଷରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ମିଶନ ତରଫରୁ ପୁରସ୍କାର ବିତରଣ କରାଯାଇଥିଲା। ବରିଷ୍ଠ ସଦସ୍ୟ ବିଜୟ କୁମାର ଦାସ ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।


## ହୀରାପୁର ହାଇସ୍କୁଲ ପୁରାତନ ଛାତ୍ର ସଂସଦର ବାର୍ଷିକୋତ୍ସବ

### କର୍ତ୍ତବ୍ୟପରାୟଣ ମନୋଭାବ ନେଇ ଛାତ୍ର ସଂସଦକୁ ଆସନ୍ତୁ



ବସ୍ତା, ୧୩/୧୨ (ନି.ପ୍ର): ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ମାନେ ସବୁବେଳେ ତ୍ୟାଗ ଓ କର୍ତ୍ତବ୍ୟପରାୟଣ ମନୋଭାବନେଇ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶରେ କାର୍ଯ୍ୟ କରିବା ବାଞ୍ଛନୀୟ। ତେଣୁ ପୁରାତନ ଛାତ୍ରଛାତ୍ରୀ ମାନେ ଉତ୍ସର୍ଗୀକୃତ ମନୋଭାବ ନେଇ ଛାତ୍ର ସଂସଦରେ ସଦସ୍ୟଭାବେ ସାମିଲ ହେବା ପାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଲେଶ୍ୱର ଶିକ୍ଷା ଅଧିକାରୀ ବିଷ୍ଣୁ ଚରଣ ସୂତାର କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଛନ୍ତି। ବସ୍ତା ବ୍ଲକ ଅଧୀନ ରୂପସାସ୍ଥିତ ହୀରାପୁର ସରକାରୀ ହାଇସ୍କୁଲ ପରିସରରେ ହୀରାପୁର ହାଇସ୍କୁଲ ପୁରାତନ ଛାତ୍ର ସଂସଦର ଦ୍ୱିତୀୟ ବାର୍ଷିକୋତ୍ସବ ଛାତ୍ର ସଂସଦର ସଭାପତି ଗୋପାଳ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ବିଇଓ ଜୟନ୍ତ କୁମାର ପାଣିଗ୍ରାହୀ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ମୁଖ୍ୟବକ୍ତା ଭାବେ ମୟୁରଭଞ୍ଜ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ସ୍ମୃତିରଞ୍ଜନ ଦାସ ଓ ସମ୍ମାନିତ ଅତିଥିଭାବେ ପ୍ରଧାନ ଶିକ୍ଷକ ସୁବଳ କୁମାର ବେହେରା ଯୋଗଦେଇ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶରେ ସଦସ୍ୟ ମାନଙ୍କୁ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ । ସହସମ୍ପାଦିକା ମମତା ସ୍ୱାଇଁ ଛାତ୍ର ସଂସଦର ବାର୍ଷିକ ବିବରଣୀ ପାଠ କରିଥିଲେ। ଦେବେନ୍ଦ୍ର ଆଚାର୍ଯ୍ୟ ବେଦପାଠ କରିଥିଲେ। ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରକୁ ରୂପସା ଥାନା ଅଧିକାରୀ ସୁଚନ୍ଦ୍ର ମହାଳିକ ଉଦଘାଟନ କରିଥିଲେ । ବ୍ଲଡ଼ ବ୍ୟାଙ୍କ ଅଫିସର ଡା. ମହେଶ କୁମାର ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଦ୍ୱିତୀୟ ଅଧିବେଶନରେ ପୂର୍ଣ୍ଣଚନ୍ଦ୍ର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ମହାପାତ୍ର ହାଇସ୍କୁଲ ଛାତ୍ରସଂସଦର ସଭାପତି ସୁଧାକର ଗିରି, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଅସିତ କୁମାର ଜେନା, ପ୍ରାକ୍ତନ ଷ୍ଟେସନ ମ୍ୟାନେଜର ଶ୍ରୀପତି ରାଉତ ଓ ଡ଼ଃ ଓମ ପ୍ରକାଶ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅଧାପକ ଗୌରାଙ୍ଗ ପଣ୍ଡା, ଜଗଦୀଶ ବ୍ରହ୍ମଚାରୀ, ପବିତ୍ର କୁମାର ପଣ୍ଡା, ରବୀନ୍ଦ୍ର କୁମାର ସାହୁ, ପ୍ରତିଭା ଗିରି, ମଧୁସ୍ମିତା ନାୟକ, ଯାଜ୍ଞସେନି ରାଉତ, ବିଜନ କୁମାର ପ୍ରଧାନ, ଆରତୀ ସେଠୀ, ସସ୍ମିତା ପାଲ, ବାରିଦ ବରନ ପ୍ରଧାନ ଓ କାରୁ ମୁର୍ମୁ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିଲେ। ପଦ୍ମିନୀ ନାୟକ, ସ୍ୱର୍ଣ୍ଣରେଖା ଦାଶ, ଶ୍ରୀଧର ବେହେରା, ଗନ୍ଧମାର୍ଦ୍ଦନ ଦେହୁରୀ, ବୀଣାପାଣି ପାଲ, ସସ୍ମିତା ମହାନ୍ତି, ଅପାଲି ଅପରାଜିତା ଡ଼ଗର, ମୁସାରତ ଜହାଁ ଓ ସୋମନାଥ ପାତ୍ର ପ୍ରମୁଖ ପ୍ରତିଯୋଗୀତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କୃତିପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ । ଭିକାରୀ ଚରଣ ମିସ୍ତ୍ରୀ, ଜିତେନ୍ଦ୍ର କୁମାର ପଣ୍ଡା, ସଞ୍ଜୟ କୁମାର ପୋଥାଳ, ବାଦଲ ସିଂହ, ରଣଜିତ ସାହୁ, ଶିବଶଙ୍କର ମାଝୀ ଓ ଗୋପାଳ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। । ଆବାହକ ପର୍ଶୁରାମ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଧାପକ ଅମ୍ବରୀଶ ଦିଣ୍ଡାଙ୍କ ପିତା କାଳିକୁମାର ଦିଣ୍ଡାଙ୍କ ବିୟୋଗ



ବାଲେଶ୍ୱର, ୧୩/୧୨ (ନି.ପ୍ର): ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟର ଅଧାପକ ତଥା ପ୍ରାବନ୍ଧିକ ଡ.ଅମ୍ବରୀଶ ଦିଣ୍ଡାଙ୍କର ପିତା କାଳିକୁମାର ଦିଣ୍ଡାଙ୍କର ୧୧ତାରିଖ ରାତି ୩.୧୫ମିନିଟ୍ ସମୟରେ ବିୟୋଗ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା । ଭୋଗରାଇର ଶଙ୍କାରି ନିକଟବର୍ତ୍ତୀ ଚକସରବଣୀ ଗ୍ରାମରେ ୧୯୩୮ମସିହା ସେପ୍ଟେମ୍ବର ୧୬ତାରିଖରେ ପିତା ପ୍ରହ୍ଲାଦ ଚନ୍ଦ୍ର ଦିଣ୍ଡା ଓ ମାତା ବିଷ୍ଣୁପ୍ରିୟା ଦିଣ୍ଡାଙ୍କର ଏହି ସୁପୁତ୍ର ଭୋଗରାଇ ସୀମାନ୍ତବର୍ତ୍ତୀ ବି.ଏସ୍.ଏକାଡ଼େମୀ କଖଡ଼ାରୁ ମାଟ୍ରିକ୍, ଫକୀରମୋହନ ମହାବିଦ୍ୟାଳୟରୁ ଗ୍ରାଜୁଏସନ୍ ଶିକ୍ଷାଲାଭ ପରେ କୋପରେଟିଭ୍ ଏକ୍ସଟେନ୍‌ସନ୍ ଅଫିସର୍ ଭାବେ ଚକିରିରେ ଯୋଗଦେଇ ସବ୍‌ଏସିଷ୍ଟାଣ୍ଡ ରେଜିଷ୍ଟର ଭାବେ ବାଲେଶ୍ୱରରୁ ଅବସର ଗ୍ରହଣ ପରେ ମଲ୍ଲିକାଶପୁର ଗ୍ରାମରେ ସ୍ଥାୟୀ ଭାବେ ଅବସ୍ଥାନ କରିଆସୁଥିଲେ । ଜଣେ ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଭାବେ ଅନେକଙ୍କର ଥିଲେ ପ୍ରିୟ । ମୃତ୍ୟୁ ସମୟରେ ତାଙ୍କର ସ୍ତ୍ରୀ ସାବିତ୍ରୀ, କନ୍ୟା ଗୀତାଞ୍ଜଳି, ପୁତ୍ର ଅରିନ୍ଦମ୍, ଅମ୍ବରୀଶ, ଅଭିଜିତ୍, ଅଭିରାମ ଓ ଅରବିନ୍ଦ, ପୁତ୍ରବଧୂ, ଝାନ୍‌ସୀ, ଦେବସ୍ମିତା, ଶର୍ବାଣୀ ଏବଂ ନାତିନାତୁଣୀମାନେ ଉପସ୍ଥିତ ରହିଥିଲେ । ଅନ୍ତିମସଂସ୍କାର ନିମନ୍ତେ ତାଙ୍କର ପୈତୃକଗ୍ରାମ ଭୋଗରାଇର ଚକସରବଣୀକୁ ଆଜି ସକାଳେ ନିଆଯାଇ ସେଠାରେ ଅନ୍ୟମାନଙ୍କର ଶେଷଦର୍ଶନ ନିମନ୍ତେ ରଖାଯାଇ ପରେ ମୁଖାଗ୍ନି ଦିଆଯାଇଥିଲା । ତାଙ୍କର ବିୟୋଗରେ ଅନେକ ବ୍ୟକ୍ତିଙ୍କ ସମେତ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ କବି କାଳୀପଦ ପଣ୍ଡା ଗଭୀର ଶୋକ ପ୍ରକାଶ କରି ପରିବାରବର୍ଗଙ୍କୁ ସମବେଦନା ଜଣାଇ ପିତୃବିୟୋଗ ଭଳି ଅବର୍ଣ୍ଣନୀୟ ଦୁଃଖକୁ ପରିବାରବର୍ଗ ସହିବା ନିମନ୍ତେ ପ୍ରଭୁ ସହାୟକ ହୁଅନ୍ତୁ ବୋଲି କହିଛନ୍ତି ।

# ବାଲେଶ୍ୱର-ଭଦ୍ରକ ସେବା ସମବାୟ ସମିତି କର୍ମଚାରୀ ସଙ୍ଘର ଧାରଣା

ବାଲେଶ୍ୱର,୧୩/୧୨ (ନି.ପ୍ର): ବିଭିନ୍ନ ଦାବି ନେଇ ବାଲେଶ୍ୱର-ଭଦ୍ରକ ଜିଲା ସେବା ସମବାୟ ସମିତି କର୍ମଚାରୀ ସଂଘ ପକ୍ଷରୁ ସମବାୟ ସମିତି ସମୂହ ଉପ-ନିବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଆରମ୍ଭ ହୋଇଛି। ଗତ ୩ ତାରିଖରେ ଅନୁଷ୍ଠିତ ସଙ୍ଗଠନର କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତି ଅନୁସାରେ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଥିବା କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ବିଶେଷ କରି ଦୀର୍ଘଦିନ ଧରି କାର୍ଯ୍ୟ କରି ଆସୁଥିବା ପ୍ରାଥମିକ କୃଷି ସମବାୟ ସିମିତିର କର୍ମଚାରୀଙ୍କୁ ସରକାରୀ କର୍ମଚାରୀରର ମାନ୍ୟତା ଦେବା, ୭ମ ବେତନ କମିଶନ ସୁପାରିଶ ଅନୁସାରେ ସମସ୍ତଙ୍କୁ ଦରମା ପ୍ରଦାନ କରିବା, ବାସୁଦେବପୁର ଓ ତିହିଡ଼ି ପ୍ରଭୃତି ପ୍ରାଥମିକ ସେବା ସମବାୟ ସମିତିର ସମ୍ପାଦକ ଓ ଡିଇଓଙ୍କୁ କରା ଯାଇଥିବା ନିଲମ୍ବନ ଆଦେଶ ପ୍ରତ୍ୟାହାର କରିବା, ଆଲୋଚନା ସତ୍ତ୍ୱେ ୨୦୧୪ ମସିହାରୁ ପଡ଼ିଥିବା ବକେୟା ଧାନମଣ୍ଡି ଶ୍ରମିକ ଖର୍ଚ୍ଚ ବାବଦୀୟ ଅର୍ଥ ତୁରନ୍ତ ପ୍ରଦାନ କରିବା, ଧାନମଣ୍ଡିର ଶ୍ରମିକ ପାରିଶ୍ରମିକ କ୍ୱିଣ୍ଟାଲ ପ୍ରତି ୮ଟଙ୍କା ୬୭ପଇସାରୁ ୨୦ଟଙ୍କାକୁ ବୃଦ୍ଧି କରିବା, ପଞ୍ଜୀକୃତ ଚାଷୀଙ୍କ ଜମି ଓ ଧାନର ପରିମାଣ ଅନୁସାରେ ସେମାନଙ୍କୁ ଟୋକନ ପ୍ରଦାନ କରିବା, ଓଡ଼ିଶା ସମବାୟ ସମିତି ସମୂହ ନିବନ୍ଧକ, ଭୁବନେଶ୍ୱରଙ୍କ ନିର୍ଦ୍ଦେଶ ମୁତାବକ ତୁରନ୍ତ ସମବାୟ ସମିତି କର୍ମଚାରୀଙ୍କୁ ପଦୋନ୍ନତି ଦେବା ଆଦି ଦାବି ନେଇ ଧାରଣାରତ କର୍ମଚାରୀମାନେ ସ୍ଲୋଗାନ ଦେଇଥିଲେ। ଦାବି ପୂରଣ ବାବଦରେ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଧାନ କିଣା ନେଇ ସମିତି ସମ୍ପାଦକମାନେ ଚୁକ୍ତି କରିବେ ନାହିଁ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଅବସରରେ ସଂଗଠନ ପକ୍ଷରୁ ୧୦ଦଫା ଦବି ସମ୍ବଳିତ ସ୍ମାରକପତ୍ର ଉପ-ନିବନ୍ଧକଙ୍କୁ ପ୍ରଦାନ କରାଯାଇଥିଲା। ସଂଗଠନର ସାଧାରଣ ସମ୍ପାଦକ ଅରୁଣ ଉଦୟ ପାତ୍ର, ଉପ-ସଭାପତି କାଳୀକିଙ୍କର ଦାସ, ଆବାହକ ଜ୍ଞାନରଞ୍ଜନ ମିଶ୍ର, ଗୌରାଙ୍ଗ ବିଶ୍ୱାଳ, ବଳଭଦ୍ର ମହାପାତ୍ର, ଚନ୍ଦନେଶ୍ୱର ନାୟକ, ଗୋପୀନାଥ ମହାନ୍ତି, ନିରଞ୍ଜନ ପରିଡ଼ା ପ୍ରମୁଖ ଏହି ଗଣଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# 'ବସୁଧା'ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ଦାବିରେ ଗ୍ରାମବାସୀଙ୍କ ଫେରାଦ

ବାଲେଶ୍ୱର,୧୩/୧୨ (ନି.ପ୍ର): ରାଜନୈତିକ ତିକ୍ତତା ସରକାରୀ ଯୋଜନା ସଫଳ ରୂପାୟନରେ କିପରି ଅନ୍ତରାୟ ହୋଇଥାଏ, ତାହାର ଜ୍ୱଳନ୍ତ ପ୍ରମାଣ ରେମୁଣା ବ୍ଲକ ଗନିପୁର ପଞ୍ଚାୟତରେ ପ୍ରତିଫଳିତ ହୋଇଛି। ଖାସ ଏହିଭଳି ତିକ୍ତତା ପାଇଁ କେବଳ ଗନିପୁର ପଞ୍ଚାୟତ ନୁହେଁ ବରଂ ରେମୁଣା ବ୍ଲକର ବିଭିନ୍ନ ପଞ୍ଚାୟତକୁ ବସୁଧା ଯୋଜନାରେ ଆସିଥିବା ଏକାଧିକ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରୁ ନାହିଁ। ପ୍ରକଳ୍ପ କାର୍ଯ୍ୟକାରିତାରେ ବିଭାଗୀୟ କାଳକ୍ଷେପଣ ନୀତିକୁ ନେଇ ତବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ସ୍ଥାନୀୟ ବାସିନ୍ଦା।ଏହି ପରିପ୍ରେକ୍ଷୀରେ ଗ୍ରାମାବାସୀମାନେ ସୋମବାର ଜିଲାପାଳଙ୍କଠାରେ ଗୁହାରୀ କରିଛନ୍ତି। ସେମାନଙ୍କ ଆପତ୍ତି ଅନୁସାରେ ଦୀର୍ଘଦିନର ଦାବି ପରେ ଗନିପୁର ପଞ୍ଚାୟତର ରାୟନଗର, ମହୋତ୍ସବ ପଡ଼ିଆ ଓ କହଁରାଳି ଜଗନ୍ନାଥପୁର ଆଦି ଅଞ୍ଚଳରେ ୩ ଗୋଟି ପାନୀୟ ଜଳ ପ୍ରକଳ୍ପକ ସରକାରୀ ଅନୁମୋଦନ ସହ ଅର୍ଥ ମଞ୍ଜୁର ହୋଇଥିଲା। ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ (ଆରଡବ୍ଲ୍ୟୁଏସଏସ) ବିଭାଗ ପକ୍ଷରୁ ଏହି ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟା ଶେଷ ସହ ନିର୍ମାଣକାରୀ ସଂସ୍ଥାକୁ କାର୍ଯ୍ୟାଦେଶ ମଧ୍ୟ ପ୍ରଦାନ କରାଯାଇଛି। ମାତ୍ର ରେମୁଣା ବିଧାୟକ ପ୍ରକଳ୍ପ ଶିଳାନ୍ୟାସ ନ କରିବା ଯୋଗୁଁ କାର୍ଯ୍ୟ ଆରମ୍ଭ ହେଉନାହିଁ ଓ ଉଦଘାଟନ ନ କରିବା ଯୋଗୁଁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରୁ ନଥିବା ସମ୍ପୃକ୍ତ ଅଞ୍ଚଳ ବାସିନ୍ଦା ଆରୋପ କରିଛନ୍ତି। ଏନେଇ ଗ୍ରାମବାସୀମାନେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କୁ ପଚାରିଥିଲେ। ବିଧାୟକ ନଡ଼ିଆ ଭାଙ୍ଗିବା ପରେ ଯାଇ କାର୍ଯ୍ୟ ଆରମ୍ଭ ହେବ ବୋଲି ଉଭୟ କହିଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ବିଭାଗୀୟ ଅବହେଳାକୁ ନେଇ ଏହି ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବର୍ତ୍ତମାନ ମହିଳା ସରପଞ୍ଚଙ୍କ ଦିଅର ଲକ୍ଷ୍ମୀକାନ୍ତ ଦାସଙ୍କ ନେତୃତ୍ୱରେ ବହୁ ଗ୍ରାମାବସୀ ଜିଲାପାଳଙ୍କୁ ଭେଟି ଦୁଃଖ ଜଣାଇଛନ୍ତି। ଯେଉଁ ପଞ୍ଚାୟତର ଅନ୍ୟାନ୍ୟ ରାଜନୈତିକ ଦଳ ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ ଅଛନ୍ତି ସେ ପଞ୍ଚାୟତର କୌଣସି ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ କିମ୍ବା ଉଦଘାଟନ କରିବାକୁ ଯାଉ ନଥିବା ସେମାନେ ଜିଲାପାଳଙ୍କୁ ଅବଗତ କରିଛନ୍ତି। ଯଦି ବିଧାୟକ ଶିଳାନ୍ୟାସ କିମ୍ବା ଉଦଘାଟନ କରିବାକୁ ନ ଯାଉଛନ୍ତି, ତାହାଲେ ଜିଲାପାଳ କିମ୍ବା କୌଣସି ପ୍ରଶାସନିକ ଅଧିକାରୀ ଏହି କାର୍ଯ୍ୟ କରନ୍ତୁ, ନତୁବା ବିନା କାର୍ଯ୍ୟକ୍ରମରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପାଇଁ ସେମାନେ ନିବେଦନ କରିଛନ୍ତି।

# ସୁବର୍ଣ୍ଣରେଖା ମହାବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ପକ୍ଷରୁ କ୍ୟାଣ୍ଡଲ ଶୋଭାଯାତ୍ରା



ବାଲିଆପାଳ, ୧୩/୧୨ (ନି.ପ୍ର): ମର୍ମନ୍ତୁଦ ହେଲିକେପ୍ଟର ଦୁର୍ଘଟଣାରେ ତିନିବାହିନୀର ମୁଖ୍ୟ ସି.ଡି.ଏସ. ବିପିନ ରାଓତ, ତାଙ୍କର ଧର୍ମ ପତ୍ନୀ ଏବଂ ଅନ୍ୟ ୧୧ ଜଣ ଉଚ୍ଚ ସାମରୀକ ଅଧିକାରୀଙ୍କର ଅକାଳରେ ମୃତ୍ୟୁ ରେ ସେମାନଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଆଜି ସଂନ୍ଧ୍ୟାରେ ବାଲିଆପାଳ ବ୍ଲକ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଛାତ୍ରଚାତ୍ରୀଙ୍କ ପକ୍ଷରୁ ଅଶୃଳ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହ ଏକ କ୍ୟାଣ୍ଡଲ ଶୋଭା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଛାତ୍ର ଛାତ୍ରୀମାନେ ମହାବିଦ୍ୟାଳୟ ଫାଟକ ଠାରୁ ଦେଭୋଗ ଛକ ପର୍ଯ୍ୟନ୍ତ କ୍ୟାଣ୍ଡେଲ ଶୋଭାଯାତ୍ରାରେ ଆସିଥିଲେ। ଦେଭୋଗ ଛକ ନିକଟରେ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅଭିଷେକ ପାତ୍ର, ଯୁଗାନନ୍ଦ ସାହୁ,ମିଲନ କୁମାର ସିଂ, ଆକାଶ କୁମାର ସାହୁ, ଚନ୍ଦନ ଜେନା,ଆକାଶ ବାରିକ ପ୍ରମୁଖ ଛାତ୍ର ମାନେ ଏହାର ନେତୃତ୍ୱ ନେଇଥିଲେ ।

# ମିତ୍ରପୁର ଗୁଳିକାଣ୍ଡ ଘଟଣାରେ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ, ଜଣେ ଫେରାର

ନୀଳଗିରି, ୧୩/୧୨ (ନି.ପ୍ର): ଗତ ୧୧ତାରିଖ ଦିନ ପ୍ରାୟ ୩ଟା ସମୟରେ ମିତ୍ରପୁର ସ୍ଥିତ ମଖାପଦା ଛକରେ ଥିବା ଏକ ଗ୍ୟାରେଜରେ ମେକାନିକ ସୁକାନ୍ତ ବେହେରା ଓରଫ ଦିପୁକୁ ଗ୍ୟାରେଜ ଭିତରେ ଗୁଳି କରି ହତ୍ୟା କରିବା ଘଟଣାରେ ଆଜି ବାଲେଶ୍ୱରର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉଦୟ ଭାନୁ ମିଶ୍ର ନୀଳଗିରି ଥାନା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ସୁକାନ୍ତ ବେହେରାଙ୍କ ହତ୍ୟା ଘଟଣାରେ ୩ଅଭିଯୁକ୍ତ ରଂଜନ ବେହେରା, ଅମିୟକାନ୍ତି ରାଉତ, ପାର୍ଥସାରଥୀ ଘୋଷ କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇ ଥିବା ବେଳେ ଜଣେ ଅଭିଯୁକ୍ତ ସୁବାସ ହାଲଦା ଫେରାର ଥିବା ସୂଚନା ଦେଇଛନ୍ତି। ତେବେ ପ୍ରାଥମିକ ତଦନ୍ତରୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀଯୁକ୍ତ ମିଶ୍ର ସୂଚନା ଦେଇଛନ୍ତି ଯେ ମାଉଜରଟି ସୁକାନ୍ତ ବେହେରା ର ବୋଲି । ତେବେ କୋର୍ଟ ଚାଲାଣ ହୋଇଥିବା ୩ଜଣ ଯୁବକଙ୍କୁ ଅଭିଯୁକ୍ତ କରାଗଲା କିପରି ବୋଲି ଗଣମାଧ୍ୟମ ପ୍ରତିନିଧି ପ୍ରଶ୍ନ କରିବାରୁ ଏହା ଉପରେ ଅଧିକରୁ ଅଧିକ ତଦନ୍ତ କରାଯିବବୋଲି ସୂଚନା ଦେଇଛନ୍ତି । ଅନ୍ୟ ପକ୍ଷେ ଘଟଣାଟି ହତ୍ୟା ନା ଆତ୍ମହତ୍ୟା ବୋଲି ପ୍ରଶ୍ନ କରିବାରୁ ଶ୍ରୀଯୁକ୍ତ ମିଶ୍ର ଏହା ହତ୍ୟା ବୋଲି କହିଛନ୍ତି। ତେବେ ମାଉଜରକୁ ନେଇ ସାଧାରଣରେ ସସ୍‌ପେନସ ଉଠୁଥିବା ବେଳେ ମାଉଜରଟି ସୁକାନ୍ତର ବୋଲି ପୋଲିସ କହୁଥିବା ବେଳେ ଉକ୍ତ ବନ୍ଧୁକଟି ପୂର୍ବରୁ ସୁକାନ୍ତ ବିକ୍ରି କରିବା ଯୋଜନାରେ ରହିଥିଲା ବୋଲି ପୋଲିସ ତଦନ୍ତରୁ ଜଣାପଡ଼ିଛି । ଉକ୍ତ ଦିନ ସକୁନ୍ତ କଣ ପାଇଁ ବନ୍ଧୁକ ଗ୍ୟାରେଜକୁ ଆଣିଥିଲା ? ବନ୍ଧୁକଟି ସୁକାନ୍ତ ନିକଟରେ ଥିବା ବେଳେ ଅଭିଯୁକ୍ତମାନେ କିପରି ବନ୍ଧୁକଟିକୁ କିଏ ଚଳାଇଥିଲା ତାହା ମଧ ସନ୍ଦେହ ଘେରରେ । ସୁକାନ୍ତ ବେହେରା ୪ଜଣଙ୍କ ଠାରୁ କିଛି ଟଙ୍କା ଧାର ସୂତ୍ରରୁ ଆଣିଥିବା ବେଳେ ପରିଶୋଧ ନ କରିବାରୁ ଗୁଳିକାଣ୍ଡ ହୋଇଥିବାରୁ ପୋଲିସ ସୂଚନା ଦେଇଛନ୍ତି । ତେବେ ସୁକାନ୍ତର ବାପା ନିରଂଜନ ବେହେରାଙ୍କ ଅଭିଯୋଗ ମୂଳେ ନୀଳଗିରି ଥାନାରେ ୩୬୨/୨୧ ମାମଲା ରୁଜୁ ହୋଇଥିବା ପ୍ରେସମିଟରେ ଏଡ଼ିସନାଲ ଏସ.ପି. ଉଦୟଭାନୁ ମିଶ୍ର ପ୍ରକାଶ କରିଥିବା ବେଳେ ନୀଳଗିରି ଏସ.ଡି.ପି.ଓ. ରିତେଶ ମହାପାତ୍ର ଉପସ୍ଥିତ ଥିଲେ ।

# ସ୍କୁଲରେ ସଂକ୍ରମଣ ବ୍ୟାପିବା ଉପରେ ଜିଲ୍ଲା ପ୍ରଶାସନ ନଜର ରଖିଛି : ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୧୩/୧୨ (ନି.ପ୍ର): ସ୍କୁଲ ଗୁଡିକରୁ କରୋନା ସଂକ୍ରମିତ ଚିହ୍ନଟ ପ୍ରସଙ୍ଗରେ ଜିଲ୍ଲା ପ୍ରଶାସନ ନଜର ରଖିଛି। ସ୍କୁଲ ଓ ଗଣଶିକ୍ଷା ବିଭାଗର ଏସଓପି ବି ରହିଛି। ଯେଉଁଠି ବି ପିଲାଙ୍କଠାରେ ଲକ୍ଷଣ ଆସୁଛି, ସ୍କୁଲ ଆସିବାକୁ ବାରଣ କରାଯାଉଛି। ଯେଉଁଠି ଆବଶ୍ୟକ ପଡୁଛି ଜିଲ୍ଲା ପ୍ରଶାସନ ଦେଖୁଛି ବୋଲି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ସ୍କୁଲରେ ଟେଷ୍ଟ କରାଯାଉଛି। ଯେଉଁଠି ଆବଶ୍ୟକ ପଡୁଛି ଆଇସୋଲେସନ ବ୍ୟବସ୍ଥା ବି ରହିଛି। ଜଏଂଟ ମେଡିକାଲ ଟିମ୍ ବି ଅଛି। ଶିକ୍ଷା ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିତ ଟିମ୍ କରାଯାଇଛି। ଆଇସୋଲେସନ କେସରେ କିଛି ଆସୁଛି। ଏହା ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥାରେ କୌଣସି ବାଧା ସୃଷ୍ଟି କରିବନି। ଶିକ୍ଷା ପ୍ରତି ପିଲାଙ୍କର ଆଗ୍ରହ ରହିଛି। କରୋନା ଭୟ ରହି ବି ପିଲାଙ୍କ ଉପସ୍ଥାନ ବଢୁଛି। ସବୁ ବ୍ୟବସ୍ଥା ସହ ଶିକ୍ଷାଦାନ କିପରି ଜାରି ରହିବ ସେ ନେଇ ବ୍ୟବସ୍ଥା କରାଯାଉଛି।

# ବିଓବିଆର୍‌ଏନ୍ ରେକ୍ ଖଲାସ କରିବାରେ ପାରାଦୀପ ବନ୍ଦରକୁ ସଫଳତା



ପାରାଦୀପ, ୧୨/୧୨ (ନି.ପ୍ର): ପାରାଦୀପ ବନ୍ଦରର ଯାନ୍ତ୍ରୀକ କୋଇଲା ବୋଝେଇ ପ୍ଲାଣ୍ଟ (ଏମ୍.ସି.ଏଚ୍.ପି)ରେଶନିବାର ଦିନ ଗୋଟିଏ ଦିନରେ ସର୍ବାଧିକ ବୋଗି ଓପନ୍ ବଟମ୍ ର୍ୟାପିଡ୍ ଡିସଚାର୍ଜ ହପର ୱାଗନ୍ (ବିଓବିଆର୍‌ଏନ୍) ରେକ୍‌ରୁ ଖଲାସ କରି ରେର୍କଡ୍ ସୃଷ୍ଟି କରିଛି । ମିଳିଥିବା ରିପୋର୍ଟ ଅନୁଯାୟୀ ଶନିବାର ଦିନ ପାରଦୀପ ବନ୍ଦରର ଯାନ୍ତ୍ରୀକ କୋଇଲା ବୋଝେଇ ପ୍ଲାଣ୍ଟ ରେ ଗୋଟିଏ ଦିନରେ ସର୍ବାଧିକ ୨୯ଟି ରେକ୍‌ରୁ କୋଇଲା ଖଲାସ କରାଯାଇଛି । ଏହା ପାରାଦୀପ ବନ୍ଦରର ଯାନ୍ତ୍ରୀକ କୋଇଲା ବୋଝେଇ ପ୍ଲାଣ୍ଟ ଦ୍ୱାରା ସର୍ବକାଳୀନ ରେକର୍ଡ । ପୂର୍ବରୁ ଚଳିତ ବର୍ଷ ଅକ୍ଟୋବର ମାସ ୩୧ ତାରିଖ ଦିନ ଏହି ପ୍ଲାଣ୍ଟ ରେ ୨୮ଟି ରେକ୍‌ରୁ କୋଇଲା ଖଲାସ କରାଯାଇଥିଲା ।

# 'ଅନ୍ୱେଷଣ' ତରଫରୁ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ



ଉଦଳା, ୧୩/୧୨ (ନି.ପ୍ର): ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଅନ୍ୱେଷଣ' ଆନୁକୂଲ୍ୟରେ କରୋନା ମହାମାରୀ ଯୋଗୁଁ ସ୍କୁଲ – ଏଟ-ଡ଼ୋର ମାଧ୍ୟମରେ ଅଧ୍ୟୟନରତ କପ୍ତିପଦା ବ୍ଲକ ଅନ୍ତର୍ଗତ ଉଠାଣିସାହିସ୍ଥିତ ମାଙ୍କିଡ଼ିଆ କଲୋନିର ୩୫ରୁ ଉର୍ଦ୍ଧ ଛାତ୍ର ଛାତ୍ରୀଙ୍କ ପରିବାର ବର୍ଗକୁ ମାଗଣା ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି । ପ୍ରକାଶ ଥାଉକି କରୋନା ମହାମାରୀ ନିମନ୍ତେ ସରକାରଙ୍କର ନିର୍ଦ୍ଦେଶନାମାକୁ ସମ୍ମାନ ଜଣାଇ ଡ଼େ଼ ଡ଼େ଼ – କେୟାର- ସ୍କୁଲରେ ଅଧ୍ୟୟନରତ ଛାତ୍ର ଛାତ୍ରୀଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ଯତ୍ନ ନେବା ପାଇଁ ଅନ୍ୱେଷଣ ଦ୍ୱାରା ସ୍କୁଲ –ଏଟ – ଡ଼ୋର ଅର୍ଥାତ ଗୃହ ସମ୍ମୁଖରେ ବିଦ୍ୟାଳୟ କାର୍ଯ୍ୟକ୍ରମ ଚାଲୁ ରହିଲା । ପିଲାଙ୍କ ନିମନ୍ତେ ଦୈନିକ ଖାଦ୍ୟ, ପରିବା ତଥା ରେସନର ଅନୁପାତ ହିସାବ ଅନୁଯାୟୀ ପ୍ରତ୍ୟେକ ମାସ ଶେଷରେ ସମ୍ପୃକ୍ତ ପିଲାର ଅବିଭାବକ ମାନଙ୍କୁ ଏହି ରେସନ ପୁଡ଼ିଆ ବଣ୍ଟନ କରାଯାଇଥାଏ । ଏହି କ୍ରମରେ ଚଳିତ ଡ଼ିସେମ୍ବର ୧୨ ତାରିଖ ରବିବାର ଦିନ ଏହି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠାନର ସଦସ୍ୟା ଗିତାଞ୍ଜଳି ବେହେରାଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା । ସ୍କୁଲ ଏଟ ଡ଼ୋରର ଶିକ୍ଷକ ଶିକ୍ଷୟିତ୍ରୀ ଯଥା ଅକ୍ଷୟ କୁମାର ବିଶ୍ୱାଳ ଓ ସାଲମା ମାର୍ଣ୍ଡି ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ବାତ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦାବିରେ ଅଖିଳ ଭାରତ କୃଷକ ସଭାର ବିକ୍ଷୋଭ

ନୀଳଗିରି, ୧୩/୧୨ (ନି.ପ୍ର): ଜୱାଦ ବାତ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ତୁରନ୍ତ ସରକାର ଯୋଗାଇ ଦିଅନ୍ତୁ ଦାବି ନେଇ ନୀଳଗିରିରେ ଅଖିଳ ଭାରତୀୟ କୃଷକ ସଭା ତରଫରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସହିତ ଏକ ପ୍ରତିବାଦ ସଭା କରାଯାଇଛି । ବାତ୍ୟା ପ୍ରଭାବରେ ନୀଳଗିରି ବ୍ଲକ ସମେତ ଏନ.ଏ.ସି. ଓ ଔପଦା ବ୍ଲକରେ ଧାନ ଫସଲ ବ୍ୟାପକ ପରିମାଣରେ ନଷ୍ଟ ହୋଇଛି । ଏପରିକି କଟା ଯାଇଥିବା ଧାନ ଗଜା ହୋଇ ନଷ୍ଟ ହୋଇଥିବା ଜଣାପଡ଼ିଛି । ସରକାରୀ ସ୍ତରରେ ୩୫% ଚାଷ ଜମି ନଷ୍ଟ ହୋଇଥିବା ତଦନ୍ତ ରିପୋର୍ଟ ଯାଇଥିବା ବେଳେ ବାସ୍ତବ କ୍ଷେତ୍ରରେ ଏହା ଯଥେଷ୍ଟ ଅଧିକ । ତେଣୁ ଚାଷୀଙ୍କୁ ଇନପୋଟ ସବସିଡି ପ୍ରଦାନ, କ୍ଷତିଗ୍ରସ୍ତ ଚାଷୀଙ୍କୁ ଋଣ ଛାଡ଼, ଚାଷୀଙ୍କୁ ରବି ଫସଲ ପାଇଁ କୃଷି ଋଣ ତୁରନ୍ତ ଯୋଗାଇ ଦେବା ପାଇଁ ସଂଘ ପକ୍ଷରୁ ଦାବୀ କରାଯାଇଛି । ଏ ନେଇ ପୂର୍ବାହ୍ନ ୧୧ଘଟିକା ସମୟରେ ଅଖିଳ ଭାରତୀୟ କୃଷକ ସଭା ନୀଳଗିରି ଶାଖା ପକ୍ଷରୁ ଏକ ଶୋଭାଯାତ୍ରା ସି.ପି.ଆଇ. କାର୍ଯ୍ୟାଳୟରୁ ବାହାରି ତହସିଲ କାର୍ଯ୍ୟାଳୟରେ ଚାଷୀମାନେ ହାତରେ ଗଜା ହୋଇଥିବା ଧାନକେଣ୍ଡାକୁ ଧରି ପହଂଚିଥିଲେ । ପରେ ଚାଷୀ ନେତା କୈଳାସ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା କରାଯାଇଥିଲା । ଚାଷୀ ନେତା ନିରଂଜନ ବାରିକ, କମଳାକାନ୍ତ ବାରିକ, ବିଜୟ ସ, ପୂର୍ବତନ ବିଧାୟକ ଚିତରଂଜନ ଷଡ଼ଙ୍ଗୀ, ପୁରସ୍ତମ ସେଠୀ, ନାରୀ ନେତ୍ରୀ କମଳା ବେହେରା, ବାସନ୍ତୀ ନାୟକ, ପ୍ରଭାକର ମହାପାତ୍ର, ଲକ୍ଷ୍ମୀଧର ମହାନ୍ତି, ବିକ୍ରମ ମିଶ୍ର, ପ୍ରକାଶ ଚୌଧୁରୀ, ବାଇନ ଦେଉରୀ ପ୍ରମୁଖ ଉପସ୍ଥିତ ରହି ଚାଷୀମାନଙ୍କ ସମସ୍ୟା ସଂପର୍କରେ ବକ୍ତବ୍ୟ ରଖିଥିଲେ । ପରେ ଏକ ପ୍ରତିନିଧି ଦଳ ତହସିଲଦାରଙ୍କୁ ଏକ ଦାବୀ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ ।

# ରାଜ୍ୟପାଳଙ୍କ ଦ୍ୱାରା 'ଫେମିନିଜିମ୍ ଓ ଅନ୍ୟାନ୍ୟ ପ୍ରସଙ୍ଗ' ଉନ୍ମୋଚିତ

ଭୁବନେଶ୍ୱର, ୧୩/୧୨ (ନି.ପ୍ର): ଯୁବ ଲେଖିକା ଶ୍ରୀମତୀ ପ୍ରୀତିଛନ୍ଦା ଧଳଙ୍କ ଫିଚର୍ ସଂକଳନ 'ଫେମିନିଜିମ୍ ଓ ଅନ୍ୟାନ୍ୟ ପ୍ରସଙ୍ଗ'କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଆଜି ଉନ୍ମୋଚନ କରିଛନ୍ତି। ଲେଖିକାଙ୍କର ଏହା ପ୍ରଥମ ପୁସ୍ତକ ହୋଇଥିବାରୁ ରାଜ୍ୟପାଳ ଆନନ୍ଦ ପ୍ରକାଶ କରିବା ସହିତ ଅଧିକ ଲେଖିବା ପାଇଁ ପ୍ରେରଣା ଯୋଗାଇଥିଲେ। ଲେଖିକା ଓଡ଼ିଶାର ମହିଳା ଓ ଶିଶୁମାନଙ୍କ ସମସ୍ୟା ସମାଧାନ ଦିଗରେ କାର୍ଯ୍ୟ କରୁଥିବା ଜାଣି ରାଜ୍ୟପାଳ ସନ୍ତୋଷ ପ୍ରକାଶ କରିଥିଲେ। ରାଜଭବନ ପରିସରରେ ନିରାଡ଼ମ୍ବର ଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲେଖିକା ଶ୍ରୀମତୀ ଧଳଙ୍କ ସହିତ ତାଙ୍କ ସ୍ୱାମୀ ସିଦ୍ଧାର୍ଥ ଧଳ. ପୁଅ ଶିବମ ଧଳ ଏବଂ ମାଆ ନମିତା ପଟନାୟକଙ୍କ ସହିତ ବିଶିଷ୍ଟ କବି ରକ୍ଷକ ନାୟକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଉନ୍ମୋଚିତ ହୋଇଥିବା ଏହି ପୁସ୍ତକରେ ମୋଟ୍ ଚାଳିଶଟି ଆଲେଖ୍ୟ ରହିଛି । ଏସବୁ ଲେଖା ବିଭିନ୍ନ ସମୟରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି।

## ଉଦାହରଣ ସାଜିଲେ ଉଦୟନାରାୟଣ ଉଚ୍ଚ ବିଦ୍ୟାଳୟର ୨୦୦୨ ବ୍ୟାଚର ଛାତ୍ର ଛାତ୍ରୀ

# ବଣଭୋଜି ନକରି ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ



ବାଲିଆପାଳ, ୧୩/୧୨ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଉଦୟନାରାୟଣ ଉଚ୍ଚବିଦ୍ୟାଳୟର ୨୦୦୨ ମେଟ୍ରିକ ବ୍ୟାଚ ର ଛାତ୍ର ଛାତ୍ରୀ ଅନ୍ୟମାନଙ୍କ ପାଇଁ ସାଜିଛନ୍ତି ଉଦାହରଣ ।ଏହି ଛାତ୍ର ଛାତ୍ରୀମାନେ ଡିସେମ୍ବର ମାସରେ ବନ୍ଧୁମିଳନ ଓ ବଣଭୋଜି ନକରି ଅସହାୟ ଲୋକଙ୍କୁ ସାହାର୍ଯ୍ୟକରିବାର ସଙ୍କଳ୍ପ ନେଇଛନ୍ତି । ଏହି ବ୍ୟାଚର ସାଙ୍ଗ ମାନେ ଦୀର୍ଘ ପାଞ୍ଚବର୍ଷ ହେଲା ଏହିଭଳି କାର୍ଯ୍ୟକ୍ରମ ହାତକୁ ନେଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ସିମୁଳିଆଛକ ନିକଟରେ ଏକତ୍ରିତ ହୋଇବାଲିଆପାଳ ବ୍ଲକର ୫୦ରୁ ଉର୍ଦ୍ଧ୍ୱ ଗରିବ ଅସହାୟ ତଥା ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଡାକି ସେମାନଙ୍କୁ କମ୍ବଳ ବଣ୍ଟନ କରିଥିଲେ । ଏହି ବଣ୍ଟନ କାର୍ଯ୍ୟକ୍ରମରେ ସମାଜ ସେବୀ ବ୍ୟୋମକେଶ ସାହୁ, ମିଡିଆ ଫୋରମର ସଭାପତି ସାମ୍ବାଦିକ ପ୍ରତାପ ପାତ୍ର ମୁଖ ଅତିଥି ଭାବରେ ଯୋଗଦେଇ ଛାତ୍ର ।ତ୍ରୀ ମାନଙ୍କର ଏହିଭି ମହାନ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ବ୍ୟାଚର ଚନ୍ଦ୍ର ମୋହନ ସାହୁ , ଜନ୍ମଜୟ ମହାପାତ୍ର, ଆଲୋକ କୁମାର ଦାସ,ଆଶିଷ ଚକ୍ରବର୍ତ୍ତୀ,ସୁଶାନ୍ତ ସାହୁ, ,ପବିତ୍ର ମୋହନ ପାତ୍ର , ନାରାୟଣ ରଣା,ଦେବାଶିଷ ସାହୁ,ପ୍ରଭାକର ବାରିକ, ରାମମକୃଷ୍ଣ ପାତ୍ର,ପ୍ରଦୀପ ଦାସ,ରାଜସ୍ମିତା ରାଉତ,ହେମନ୍ତ ଦାସ,ବନ୍ତ ଗଙ୍ଗାଇ,ସଞ୍ଜିବ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।ଆଗକୁ ମଧ ସେମାନଙ୍କର ଏହି କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ଚନ୍ଦ୍ରମୋହନ ସାହୁ କହିଛନ୍ତି ।

# ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସ୍ୱତନ୍ତ୍ର ଅଧିବେଶନ




ଭଦ୍ରକ, ୧୩/୧୨ (ନି.ପ୍ର): ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଆସନ୍ତା ବାର୍ଷିକ ଉତ୍ସବ ଉପଲକ୍ଷେ ସଂଘର ସମାବେଶ କେନ୍ଦ୍ର ନିତ୍ୟାନନ୍ଦ ଭବନରେ ଦିଗମ୍ବର ମହାନ୍ତିଙ୍କ ପୌରୋହିତ୍ୟରେ ସ୍ୱତନ୍ତ୍ର ଅଧିବେଶନ କୋଭିଡ୍ ନିୟମ ଅନୁଯାୟୀ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକାରୀ ସଭାପତି ପଦ୍ମନାଭ ପାଢ଼ୀ, ଉପସଭାପତି ଡ଼. ଗୋଲକ ବିହାରୀ ସାହୁ, ଉଦୟନାଥ ମହାନ୍ତି ମଞ୍ଚାସୀନ ଥିଲେ । ସାଧାରଣ ସଂପାଦକ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାକର ମଲ୍ଲିକ ପୂର୍ବଅଧିବେଶନର ବିବରଣୀ ପାଠ କଲାପରେ ସର୍ବସମ୍ମତି କ୍ରମେ ସଭାପତିଙ୍କ ଦ୍ୱାରା ଦୃଢ଼ିଭୂତ ହେଲା । ଏହି ଅବସରରେ ସଂଘର ବର୍ଷିୟାନ ସଦସ୍ୟ ଦିବଂଗତ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟି ସମୂହ ନୀରବ ପ୍ରାର୍ଥନା ସହ ସଦସ୍ୟସଦସ୍ୟାମାନେ ତାଙ୍କ ସ୍ମୃତି ଚାରଣ କରିଥିଲେ । ଡ଼ିସେମ୍ବର ମାସ ୨୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ଉତ୍ସବରେ ଅଶିବର୍ଷ ଅତିକ୍ରମ କରିଥିବା ଆଜୀବନ ସଦସ୍ୟସଦସ୍ୟାଙ୍କୁ ସମ୍ବର୍ଦ୍ଧନା, ସ୍ମରଣିକା "ଉତ୍ତରଣ" ଉନ୍ମୋଚନ, ଗୟାଧର ପଲାଇ, କୃପାସିନ୍ଧୁ ବାରିକ୍ ଓ ମୁରଲୀଧର ପଣ୍ଡାଙ୍କ ସ୍ମୃତିରେ ଛାତ୍ରଛାତ୍ରୀ ପ୍ରତିଭା ସମ୍ମାନ, କାଶୀନାଥ ସାହୁଙ୍କ ଛାତ୍ରଛତ୍ରୀ ପ୍ରତିଭା ସମ୍ମାନ ଓ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବ । ବାର୍ଷିକ ଉତ୍ସବର ସମସ୍ତ ଆନୁସଙ୍ଗିକ କାର୍ଯ୍ୟକ୍ରମର ପ୍ରସ୍ତୁତି ସର୍ମ୍ପକୀୟ ଦାୟିତ୍ୱ ଗଠିତ ସବ୍‌କମିଟି ମାଧମରେ ସମ୍ପାଦନ ନିମନ୍ତେ ସମସ୍ତଙ୍କୁ ଅବଗତ କରାଗଲା । ଯୁଗ୍ମ ସଂପାଦକ ଅଜିତ୍ କୁମାର ନାୟକ ସଂଘର ପାଣ୍ଠି ସର୍ମ୍ପକୀୟ ଓ ବାର୍ଷିକ ଉତ୍ସବ ପାଇଁ ସଭ୍ୟସଭ୍ୟାଙ୍କ ସ୍ୱେଚ୍ଛାକୃତ ଦାନ ସର୍ମ୍ପକରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଯୁଗ୍ମ ସଂପାଦକ କରୁଣାକର ଉପାଧ୍ୟାୟ ଅଧିବେଶନ ପରିଚାଳନାରେ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ କ୍ଷୀରୋଦ ଚନ୍ଦ୍ର ମିଶ୍ର, ଡ଼. କ୍ଷୀରୋଦ କୁମାର ସାମଲ, ଡ଼.ରାଧାରଣୀ ମହାପାତ୍ର, କାଶୀନାଥ ସାହୁ, କୈଳାସ ଚନ୍ଦ୍ର ପଣ୍ଡା, ଶାନ୍ତନୁ କୁମାର ରାଉତ, ହରେକୃଷ୍ଣ ସାହୁ, ହରେକୃଷ୍ଣ ତ୍ରିପାଠୀ, ବିଜୟ କୁମାର ନାୟକ, ଲକ୍ଷ୍ମଣ କୁମାର ମହାନ୍ତି, ବାଦଲ କିଶୋର ମହାପାତ୍ର, ସନ୍ତୋଷ କୁମାର ମହାପାତ୍ର, ବିନୟ କୁମାର ପଣ୍ଡା, ଚନ୍ଦ୍ରମୋହନ ମହାନ୍ତି, ଦୈତ୍ୟାରୀ ଦାସ, ଗୀତା କୁମାରୀ ପରିଡ଼ା, ଅରବିନ୍ଦ ବସନ୍ତରାୟ, ଦୁଃଶାସନ ମହାନ୍ତି, ମନୋଜ କୁମାର ସେଠ, କାଶୀନାଥ ଦାସ, ସୁରେଶ କୁମାର ସାହୁ, ତ୍ରିଲୋଚନ ପଣ୍ଡା ପ୍ରମୁଖ ବହୁ କର୍ମକର୍ତ୍ତା ଯୋଗଦାନ କରିଥିଲେ । ନିରଞ୍ଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗାଁସାଥୀଙ୍କ ବିଶାଳ ରାଲି ଓ ସମାବେଶ

ଭୁବନେଶ୍ୱର, ୧୩/୧୨ (ନି.ପ୍ର): ମାସିକ ୮୦୦୦ ଟଙ୍କାରୁ ଉର୍ଦ୍ଧ୍ୱ ପ୍ରୋତ୍ସାହନ ରାଶି ପ୍ରାପ୍ତି ଓ ସ୍ଥାୟୀ ନିଯୁକ୍ତି ଆଦି ୫ ଦଫା ଦାବି ନେଇ ଗାଁସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ କୋଡିଏ ହଜାରରୁ ଉର୍ଦ୍ଧ୍ୱ ଗାଁସାଥୀ ଏକ ବିଶାଳ ଶୋଭାଯାତ୍ରାରେ ସ୍ଥାନୀୟ ଲିଙ୍ଗରାଜ ମନ୍ଦିର କାର୍ଯ୍ୟାଳୟ ସାମନା ରାସ୍ତାରୁ ବାହାରି ରାଜ୍ୟ ବିଧାନସଭା ଆଗ ଲୋୟର ପିଏମ୍‌ଜିସ୍ଥିତ ଧାରଣାସ୍ଥଳରେ ସ୍ୱତନ୍ତ୍ର ଏକ ସମାବେଶ ଓ ପ୍ରତିବାଦ ସଭା କରିଥିଲେ । ସଂଘର ମାସିକ ପ୍ରୋତ୍ସାହନ ରାଶି ପ୍ରାପ୍ତିର ଦାବି ପୂରଣ ହେବାଯାଏ ଲୋୟର ପିଏମ୍‌ଜିସ୍ଥିତ ଧାରଣାସ୍ଥଳରେ ଗାଁସାଥୀଙ୍କ ଗଣଧାରଣା ଓ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗଣତାନ୍ତ୍ରିକ ଧାରାରେ ନିରନ୍ତର ଚାଲୁ ରହିବ ବୋଲି ଗଣମାଧ୍ୟମକୁ ମିଳିତ ଭାବେ ଜଣାଇଛନ୍ତି ଗାଁସାଥୀ ସଂଗଠକ ସୌଭାଗ୍ୟ ମିଶ୍ର, ରବିନ୍ଦ୍ର ଗୌଡ଼।

# ପାରାଦୀପ ଅଦର୍ଶ ଥାନାର ପ୍ରଥମ ମହିଳା ଭାରପ୍ରାପ୍ତ ଅଧିକାରୀ ଭାବେ ଶୁଭଲକ୍ଷ୍ମୀ ପୂଜାରୀଙ୍କ ଦାୟିତ୍ୱ ଗ୍ରହଣ



ପାରାଦୀପ, ୧୨/୧୨ (ନି.ପ୍ର): ବନ୍ଦର ଓ ଶିଳ୍ପ ସହର ପାରାଦୀପ ଏକ ସ୍ପର୍ଶକାତର ସହର। ଏଠାକାର ବିଭିନ୍ନ ଥାନା ମଧ୍ୟରେ ପାରାଦୀପ ଆଦର୍ଶ ଥାନା ଏକ ଗୁରୁତ୍ୱପୂର୍ଣ୍ଣ ଥାନା । ନିକଟରେ ଜଗତସିଂହପୁର ଜିଲ୍ଲାରେ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ କଡାକଡି କରିବା ଉଦ୍ଦେଶ୍ୟରେ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ପୋଲିସ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ବଦଳି କରାଯାଇଛି । ଏହି ପରିପ୍ରେକ୍ଷୀରେ ପାରାଦୀପ ଆଦର୍ଶ ଥାନାରେ ପ୍ରଥମ ମହିଳା ପୋଲିସ ଭାରପ୍ରାପ୍ତ ଅଧିକାରୀ ଭାବେ ଶୁଭଲକ୍ଷ୍ମୀ ପୂଜାରୀ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏଥିପୂର୍ବରୁ ଶୁଭଲକ୍ଷ୍ମୀ ପୁରୀର ତାଳବଣିଆ ଥାନାର ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ । ସୂଚନା ଥାଉକି, ଶୁଭଲକ୍ଷ୍ମୀ ପୂଜାରୀ ଜଣେ ଦକ୍ଷ ମହିଳା ପୋଲିସ ଅଧିକାରୀ ଭାବେ ବିଭିନ୍ନ ଥାନାରେ ସଫଳତାର ସହ କାର୍ଯ୍ୟ କରିଛନ୍ତି । ପାରାଦୀପରେ ଟ୍ରାଫିକ୍ ନିୟନ୍ତ୍ରଣ, ଅପରାଧ ନିୟନ୍ତ୍ରଣ, ନିଶା ବେପାର ନିୟନ୍ତ୍ରଣ ସହ ସହରରେ କଡାକଡି ପ୍ୟାଟ୍ରୋଲିଂ ଉପରେ ସେ ଗୁରୁତ୍ୱ ଦେବେ ବୋଲି ଶୁଭଲକ୍ଷ୍ମୀ କହିଛନ୍ତି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❐ Managing & Executive Editor : Srustidhar Parida
❐ Editor: Sairindhree Sahoo